

ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କହିଲେ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଅମିର

ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



ପ୍ରବୀଣ ରାଜନୀତିଜ୍ଞ, ବାଗ୍ମୀ ସ୍ୱର୍ଗତ ଡ. ଦାମୋଦର ରାଉତଙ୍କ ଜନ୍ମ ଦିନରେ ସଂଚାର ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି

Vol. 32 | ISSUE 261 | ଭାଗ ୩୨ | ସଂଖ୍ୟା ୨୬୧ | Bhubaneswar | Sunday 15 December 2024 | Page 8 Rs. 4.00 | ଭୁବନେଶ୍ୱର ରବିବାର ୧୫ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ମାଲକାନଗିରିକୁ ବିକାଶ ଭେଟି



- ମୋଟୁ-ତିରିଂ ଅର୍ଥନୈତିକ କରିଡର୍
- ୪୦୦୦ କୋଟିର ସିମେଣ୍ଟ ପ୍ରକଳ୍ପ
- ପ୍ରତି ମାସରେ ଜିଲ୍ଲାପାଳଙ୍କ ସମୀକ୍ଷା

**ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ):** ମାଲକାନଗିରିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ୪୦୦୦ କୋଟି ଟଙ୍କା ବିନିଯୋଗରେ ସିମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨୦୦୦ରୁ ଅଧିକ ଯୁବକ ଓ ଯୁବତୀ ନିଯୁକ୍ତି ପାଇବେ। ଶନିବାର ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଆଜି ମାଲକାନଗିରି ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିକାଶ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଜିଲ୍ଲାର ସାଂସଦ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ଆଲୋଚନା କରିଛନ୍ତି।

ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପବିହୀନ ମାଲକାନଗିରି ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ୪୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲାରେ ଗୋଟିଏ ସିମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨୦୦୦ରୁ ଅଧିକ ଶିକ୍ଷିତ ଯୁବକ ଓ ଯୁବତୀ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ଦକ୍ଷିଣରୁ ଉତ୍ତରକୁ ଯୋଡାଯିବ। ମାଲକାନଗିରି ଶେଷ ସୀମା ମୋଟୁରୁ ମୟୂରଭଞ୍ଜର ତିରିଂ ପର୍ଯ୍ୟନ୍ତ ୬ ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ରେଳ ଲାଇନ୍ ଓ ଏନ୍‌ଏଚ୍ କାମକୁ ତ୍ୱରାନ୍ୱିତ କରାଯିବ। ଆଗାମୀ ଦିନରେ ଜୟପୁରରୁ ମାଲକାନଗିରି ଓ ମାଲକାନଗିରିରୁ ଭଦ୍ରାଞ୍ଚଳମ୍‌କୁ ରେଳ ସଂଯୋଗ କରାଯିବ। ଏହାଦ୍ୱାରା ଜିଲ୍ଲାର ଆର୍ଥିକ ସ୍ଥିତି ସୁଧୁରିବା ସହ ସ୍ଥାନୀୟ ଯୁବକ ଯୁବତୀମାନେ ଉପକୃତ ହେବେ। ଜିଲ୍ଲାରେ ଚାଲିଥିବା ସମସ୍ତ ସରକାରୀ କାର୍ଯ୍ୟ ଗୁଡିକର ତରାନ୍ୱିତ ପାଇଁ ପ୍ରତି ୧୫ ଦିନ ଓ ମାସେରେ ଜିଲ୍ଲାର ଜିଲ୍ଲାପାଳ ଓ ଆରଡିସି କାର୍ଯ୍ୟର ସମୀକ୍ଷା କରିବେ। ସ୍ୱାଭିମାନ ଅଂଚଳରେ ଆଉ ଏକ ସେତୁ ନିର୍ମାଣ ସହ ଉପାନ୍ତ ଅଞ୍ଚଳକୁ ଯୋଗାଯୋଗର ବାଟ ଫିଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମୀକ୍ଷା ବୈଠକ ପୂର୍ବରୁ ସକାଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଜଣାଇବା ପାଇଁ ଅନେକ ଲୋକ ଆସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬

# ପରିବାରବାଦକୁ ମୋଦିଙ୍କ ଟାର୍ଗେଟ



**ନୂଆଦିଲ୍ଲୀ, ୧୪।୧୨:** ସମ୍ବିଧାନ ଏକତାର ପ୍ରତୀକ, ହେଲେ କ୍ରୀତଦାସ ମାନସିକତା ଭାରତର ବିବିଧତାକୁ ଟାର୍ଗେଟ କରୁଥିଲା ବୋଲି ସଂସଦରେ ସମ୍ବିଧାନ ବିତର୍କରେ ଭାଗନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏକ ଭାରତ, ଶ୍ରେଷ୍ଠ ଭାରତ

**ସମ୍ବିଧାନକୁ ବିରୋଧ କରୁଥିବା ନେତାଙ୍କ ମୁହଁରେ ସମ୍ବିଧାନ ସୁରକ୍ଷା ଶୋଭା ପାଉନି**

ନାରା ଦେଇ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଲକ୍ଷ୍ୟ ସାଧନ ନିମିତ୍ତ ୧୧ ସଂକଳ୍ପ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ କଂଗ୍ରେସକୁ ଜୋରଦାର ଟାର୍ଗେଟ କରିଛନ୍ତି ଓ ପରିବାରବାଦ ପ୍ରସଙ୍ଗ ଉଠାଇ ➪ପୃଷ୍ଠା-୬

**ବିକଶିତ ଭାରତର ସଂକଳ୍ପ**

୧-କର୍ତ୍ତବ୍ୟ ପାଳନ
୨-ସବ୍‌କା ବିକାଶ।
୩-ସବ୍‌କା ସାଥ୍ ସବ୍‌କା ବିକାଶ ଭିତ୍ତିରେ ଦୁର୍ନୀତି ପ୍ରତି ଶୂନ ସହନଶୀଳତା
୪-ଆଇନକୁ ସମ୍ମାନ
୫-କ୍ରୀତଦାସ ମାନସିକତାରୁ ମୁକ୍ତି
୬-ପରିବାରବାଦର ବିଲୋପ
୭-ସମ୍ବିଧାନ ପ୍ରତି ଶ୍ରଦ୍ଧା ଓ ସମ୍ମାନ
୮-ଧର୍ମଭିତ୍ତିକ କୋଟା ଉଚ୍ଛେଦ ସହିତ ସଂରକ୍ଷଣକୁ ସୁରକ୍ଷା
୯-ମହିଳାଙ୍କ ନେତୃତ୍ୱରେ ବିକାଶ
୧୦-ରାଜ୍ୟର ବିକାଶରେ ରାଷ୍ଟ୍ରର ବିକାଶ
୧୧-ଏକ ଭାରତ ଶ୍ରେଷ୍ଠ ଭାରତ

# ବିଷ୍ଣୁପଦଙ୍କୁ ସମନ

## ଡ୍ରାଇଭରଙ୍କୁ ଜେରା



**ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ):** ୧୦ ଲକ୍ଷ ଟଙ୍କାର ଲାଞ୍ଚ କାରବାର ମାମଲାରେ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ କରିଥିଲା। ଡିସେମ୍ବର ୧୦ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ସମନ କରାଯାଇ ୧୧ ତାରିଖ ଦିନ ୧୦ଟା ବେଳେ ନୂଆପଲ୍ଲୀ ସ୍ଥିତ ସିବିଆଇ ଅଫିସରେ ହାଜର ହେବାକୁ କୁହାଯାଇଥିଲା। ଦର୍ଶାଯାଇଥିଲା, ବ୍ରିଜ୍ ଆଣ୍ଡ ରୁଫ୍ କନଷ୍ଟ୍ରକ୍ସନ କୋ.(ଇଣ୍ଡିଆ) ଲିଃ ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ କୁମାର ମୁଖାର୍ଜୀ ଓ ଅନ୍ୟମାନଙ୍କ ନାଁରେ ନୂଆଦିଲ୍ଲୀରେ ସିବିଆଇର ଏସି-ଟୁରେ ମାମଲା ରୁଜୁ ହୋଇଛି। ଏ ମାମଲା ସଂପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି, ଯାହାକୁ ଆପଣଙ୍କଠାରୁ ନିଶ୍ଚିତ କରିବା ଜରୁରୀ। ତେଣୁ ଡିସେମ୍ବର ୧୧ ତାରିଖ ଦିନ ୧୦ଟା ବେଳେ ଭୁବନେଶ୍ୱରର ନୂଆପଲ୍ଲୀ ସ୍ଥିତ ସିବିଆଇ ଅଫିସରେ ପହଞ୍ଚି ତଦନ୍ତରେ ସହଯୋଗ କରିବା ପାଇଁ କୁହାଯାଇଥିଲା।

**ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ: ପୃଥ୍ୱୀରାଜ**

ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ ପ୍ରସଙ୍ଗରେ ମୁହଁ ଖୋଲିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଦୁର୍ନୀତି ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେବ। ଦୁର୍ନୀତି ପ୍ରତି ସରକାରଙ୍କ ଶୂନ୍ୟ ସହନଶୀଳତା ରହିଛି। ଯେତେବଡ଼ ଅଧିକାରୀ ହେଉ କି ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ହେବ ହିଁ ହେବ। ଯଦି ଲିଙ୍କ ବାହାରେ ନିଶ୍ଚିନ୍ତ ତଦନ୍ତ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ଯଦି କୌଣସି ତଥ୍ୟ ପ୍ରାଥମିକ ପ୍ରମାଣ ମିଳି ନ ଥିବ ତାହେଲେ କେମିତି ଜଣେ ଅଧିକାରୀଙ୍କୁ ସମନ କଲେ। ସିବିଆଇ ତା' କାମ କରୁ, ଅପରାଧ କରିଥିଲେ ଦଣ୍ଡିତ ହେବେ। ଯଦି ଦୁର୍ନୀତି କରିଥିବେ ପ୍ରମାଣ ଆଧାରରେ ସିବିଆଇ ପ୍ରୋସିଡିଂ କରିବ।

ଏହି ସମନ ନେଇ ଶ୍ରୀ ସେଠୀ ମୁହଁ ଖୋଲି ନାହାନ୍ତି। ଏହା ସହିତ ବିଷ୍ଣୁପଦଙ୍କ ଡ୍ରାଇଭର ନୃସିଂହ ଶତପଥୀ ସମେତ ୩ ଡ୍ରାଇଭରଙ୍କୁ ଜେରା କରିଛି ସିବିଆଇ। ସିବିଆଇେ ଅଫିସରୁ ବାହାରିବା ପରେ ନୃସିଂହ କହିଛନ୍ତି, ସାର୍‌ଙ୍କ ସମ୍ପର୍କରେ ସିବିଆଇ ତାଙ୍କୁ ପଚରାଉଚରା କରିଥିଲା। ଡ୍ୟୁଟି ପରେ ସାର କେଉଁଆଡ଼େ ➪ପୃଷ୍ଠା-୬




ସିଏ ସେଲିବ୍ରିଟି। ଅନ୍ୟମାନେ ତାଙ୍କୁ କୁଆଡ଼େ ଫଲୋ କରନ୍ତି। ନିଜର ଆଦର୍ଶ ମାନନ୍ତି। ହେଲେ ସେମାନଙ୍କ ରିଲ୍ ଓ ରିୟଲ ଲାଇଫରେ ତଫାତ ଶୁଣିଲେ ଆପଣ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଏମିତି ଜଣେ ହିରୋଇନ ଏବେ ରାଜଧାନୀ ଭୁବନେଶ୍ୱରରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ତାହା ପୁଣି ବାକି ଖାଇ। ଏହା ଶୁଣିଲେ ଆପଣଙ୍କୁ ଟିକିଏ ଅଜବ ଲାଗୁଥିବ! ହିରୋଇନ ପୁଣି ବାକି ଖାଇବେ? ହଁ ଆଜ୍ଞା। କିଛିଦିନ ତଳେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଧୀନ ଏକ ଜିମ୍ କଡରେ ଥିବା ନାମୀଦାମୀ ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ ହିରୋଇନ। କିଛିଦିନ ତଳେ ଜଣେ ହାସ୍ୟ ଅଭିନେତାଙ୍କ ସହ ତାଙ୍କର ଗୋଟିଏ ଫିଲ୍ମ ରିଲିଜ ହୋଇଥିବାରୁ ରେଷ୍ଟୁରାଣ୍ଟରେ ଖାଉଥିବା ଅନ୍ୟ ଗରାଖ ଓ ଷ୍ଟାଫ ତାଙ୍କ ପାଖରେ ଭିଡ଼ ଲଗାଇଥିଲେ। ଏହା ଦେଖି ବିରକ୍ତ ହେବା ସହ ହିରୋଇନ ଜଣଙ୍କ ଗ୍ରୀନ ଟିରୁ ଆରମ୍ଭ କରି ତିନି ଚାରି ପ୍ରକାରର ନନ୍‌ଭେଜ ଷ୍ଟାର୍ଟର ଆଇଟମ ମଗାଇଥିଲେ। ଏସବୁ ସାରିବା ପରେ ଡେଜର୍ଟରେ ଇମ୍ପୋର୍ଟେଡ଼ ସୁଇଟ୍ସ ଖାଇ ହାତ ଧୋଇଥିଲେ। ଷ୍ଟାଫ ଓ ହୋଟେଲ ବୟଙ୍କ ସହ ବହୁ ଅନୁରୋଧ ପରେ ସେଲ୍ଫି ଉଠାଇଥିଲେ। ତରବରିଆ ଭାବେ ଏକ ଏଟିଏମ୍ କାର୍ଡ ଦେଇ ଭିଡର ଫାଇଦା ନେଇ ସେଠାରୁ ଖସି ଯାଇଥିଲେ। ପରେ କିନ୍ତୁ ସେହି କାର୍ଡ ଡିକ୍ଲାଇନ ହୋଇଥିଲା। ଯାହାକୁ ନେଇ ରେଷ୍ଟୁରାଣ୍ଟ ମ୍ୟାନେଜର ମ୍ୟାଡାମଙ୍କୁ କଲ କଲେ ସୁଦ୍ଧା ଧରାଛୁଆଁ ଦେଉନାହାନ୍ତି ହିରୋଇନ। ଏଣୁ ୨ ଦିନ ଭିତରେ ବିଲ ନ ଦେଲେ ବାଧ୍ୟ ହୋଇ ଇନ୍‌ଫୋସିଟି ଥାନାରେ ହୋଟେଲ ମାଲିକ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଉତ୍କଳ କରାଟେ ସ୍କୁଲକୁ ଏତେ ଅନୁକମ୍ପା କାହିଁକି ?

**ଭୁବନେଶ୍ୱର, ୧୪।୧୨ (ଭାରତ ବିନୋଦ ନାୟକ):** ବେଆଇନ ପଞ୍ଜୀକରଣ ପରେ ଏବେ ଉତ୍କଳ କରାଟେ ସ୍କୁଲ ବିରୋଧରେ ଆସିଛି ଆଉ କିଛି ଅଭିଯୋଗ। ସରକାରୀ ଜାଗା ବେଆଇନ ଦଖଲ ସାଙ୍ଗକୁ ବିଡିଏ ଅନୁମୋଦିତ ପ୍ଲାନ ଉଲଂଘନ ଅଭିଯୋଗ। ଏନେଇ ଉଭୟ ବିଏମସି ଓ ବିଡିଏରେ ଅଭିଯୋଗ ହୋଇଥିଲେ ମଧ୍ୟ କିଛି ଅଫିସରଙ୍କ ସହ ସଲାସୁତୁରା ହୋଇଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ତଥ୍ୟ ଆଧାରରେ ଏଭଳି ଅଭିଯୋଗ କରିଛନ୍ତି ଆରଟିଆଇ କର୍ମୀ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା।




ପ୍ରଦ୍ୟୁମ୍ନ କରିଥିବା ଅଭିଯୋଗ ଅନୁଯାୟୀ ଉତ୍କଳ କରାଟେ ସ୍କୁଲ ସମ୍ମୁଖରେ ଥିବା ୯୯୮/୧୫୭୮ ନମ୍ବର ପ୍ଲଟକୁ ଜବରଦଖଲ କରାଯାଇଛି। ଏକ ଆଜବେଷ୍ଟସ ଘର ପାଇଁ ବାଉଣ୍ଡାରୀ ୱାଲ ନିର୍ମାଣ ସହ ଏକ ଜେନେରେଟର ରଖିବାକୁ ଏହି ପ୍ଲଟରେ ଜବରଦଖଲ ହୋଇଥିବା ଖୋଦ ବିଏମସି ଅମିନ ରିପୋର୍ଟ କରିଛନ୍ତି। ଏନେଇ ୨୦୨୩ ସେପ୍ଟେମ୍ବର ୧୬ ତାରିଖରେ ଜୋନାଲ ଡେପୁଟି କମିଶନର ବିଏମସିର ଅତିରିକ୍ତ କମିଶନରଙ୍କୁ ଚିଠି ଲେଖି ଜବରଦଖଲ ଉଚ୍ଛେଦ କରାଯିବାର ଆବଶ୍ୟକତା ରହିଥିବା କହିଛନ୍ତି। ଏପିରିକି ଜବରଦଖଲ ଉଚ୍ଛେଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିପାରେ ବୋଲି ମଧ୍ୟ ଜୋନାଲ ଡେପୁଟି କମିଶନର କହିଛନ୍ତି। ତଥାପି ଏଯାଏଁ ବେଆଇନ ଜବରଦଖଲ ହଟୁନାହିଁ। ସାଧାରଣ ଲୋକଟିଏ ସରକାରୀ ଜମିରେ ଇଞ୍ଚେ ମାଡିଗଲେ ପୂରା ଏନଫୋର୍ସମେଣ୍ଟ ସ୍କାଡ ଦଳ ବଳ ଧରି ପହଁଚିଯାଉଛନ୍ତି ଆଉ ବୁଲଡୋଜର ବୁଲାଇଦେଉଛନ୍ତି। ଏକ୍ଷେତ୍ରରେ କିନ୍ତୁ ବିଏମସି କମିଶନର ଓ ଅତିରିକ୍ତ କମିଶନର କାହିଁକି ଚୁପ ରହିଛନ୍ତି ସେନେଇ ପ୍ରଦ୍ୟୁମ୍ନ ପ୍ରଶ୍ନ ଉଠାଇଛନ୍ତି।

ସେହିଭଳି ଉତ୍କଳ କରାଟେ ସ୍କୁଲରେ ୫୯୭୨ ବର୍ଗଫୁଟର ନିର୍ମାଣ ପାଇଁ ୨୦୧୦ ଜୁନ ୨୬ ତାରିଖରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିଲେ। ହେଲେ ➪ପୃଷ୍ଠା-୬

# ଡମି ସ୍କୁଲ ବନ୍ଦ କରାଯାଉ: ଧର୍ମେନ୍ଦ୍ର

- ସାମାଜିକ ପରିବର୍ତ୍ତନର ପରମ୍ପରା ଆଗକୁ ବଢ଼ାଇବା ଆମ ଦାୟିତ୍ୱ
- ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢ଼ାଇବା ପାଇଁ ପଡ଼ିବ
- ସରକାରୀ ସ୍କୁଲ ଶିକ୍ଷା ଉପରେ ଅଧିକ ବିଶ୍ୱାସ ରହିବା ଉଚିତ

**ଭାରତରେ ରହିଛି ଜ୍ଞାନଦାନର ସମୃଦ୍ଧ ପରମ୍ପରା**



**ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ):** ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି। ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ ବୋଲି ଶନିବାର ‘ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ - ୨୦୨୪’ର ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟର ଶିକ୍ଷାବିତ୍ ସମୂହ ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢ଼ାଇବା ପାଇଁ ପଡିବ। ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ। ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ୍ ଭଳି ଏକ ଫୋରମ୍ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ। ଏଥିସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ସ୍କୁଲର ବଳିଷ୍ଠ ଉଦ୍ୟମକୁ ବଢ଼ାଇବାରେ ଆରାଇଜ୍ ଏକ ଉତ୍ପ୍ରେରକ ହୋଇପାରିବ। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି। ଆମ ➪ପୃଷ୍ଠା-୬

**ବିଚାରପତିଙ୍କ ଦସ୍ତଖତ ଜାଲିଆତି**

# ସରକାରୀ ଓକିଲଙ୍କ ସହ ୫ ଗିରଫ




- ଟଙ୍କା ହଡ଼ପ ପାଇଁ ସାଙ୍ଘାତିକ ଖେଳ
- ବିଚାରପତିଙ୍କ ଦସ୍ତଖତ କରି ଜାଲିଆତି
- ସ୍ତ୍ରୀ ସହିତ ବିଚ୍ଛେଦ କରାଇ ଭାଉଜ ସଙ୍ଗେ ବାହାଘର

**ଉଦଳା, ୧୪।୧୨ (ସଂଚାର ବ୍ୟୁରୋ):** ଟଙ୍କା ହଡ଼ପ କରିବାକୁ ସାଙ୍ଘାତିକ ଖେଳ। ସରକାରୀ ଦସ୍ତାବିଜକୁ ଜାଲିଆତି କରି ଓ ସରକାରୀ ଅଧିକାରୀଙ୍କ ଦସ୍ତଖତ ଜାଲ କରି ରଚିଲେ ବ୍ଲୁ-ପ୍ରିଣ୍ଟ। ବିବାହ ବିଚ୍ଛେଦ ସାର୍ଟିଫିକେଟ ଜାଲିଆତି କରି ସ୍ତ୍ରୀକୁ ଅଲଗା କରିଦେଲେ। ପରେ ଭାଉଜ ସହିତ ବିବାହ କରାଇ ଲୁଟିନେଲେ ଟଙ୍କା। ଏଭଳି ଘଟଣା ଏବେ ଉଦଳା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜାମୁଡିହା ଗାଁର ଯଦୁନାଥ ସିଂ ସିଆଇଏସ୍ଏଫ୍‌ରେ କାର୍ଯ୍ୟରତ ଥିବା ବେଳେ ୨୦୨୩ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ସେହି ସମୟରେ ସ୍ତ୍ରୀ ମିନତୀ ଯଦୁନାଥଙ୍କ ଠାରୁ ଅଲଗା ରହୁଥିବାରୁ ଯଦୁନାଥଙ୍କ ମୃତ୍ୟୁ ପରେ ତାଙ୍କ ଭାଉଜ ଏବଂ ପୁତୁରା ରଚିଥିଲେ ଟଙ୍କା ହଡପ କରିବା ପାଇଁ ଷଡଯନ୍ତ୍ର । ମୃତ ଯଦୁନାଥଙ୍କ ଟଙ୍କା ହଡପ କରିବା ପାଇଁ ତାଙ୍କ ଭାଉଜ ସୋମବାରୀ ➪ପୃଷ୍ଠା-୬

# ଦୁଇଦିନ ଥରିବ ଓଡ଼ିଶା

**ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରକୋପ ବଢ଼ିବାରେ ଲାଗିଛି। ପାଣିପାଗ ବିଭାଗ ୪୮ ଘଣ୍ଟା ଯାଏ ଶୀତ ଲହରୀ ଚେତାବନୀ ଦେଇଛି। ଆସନ୍ତା ୨୪ ଘଣ୍ଟାରେ ଝାରସୁଗୁଡା ଓ ସୁନ୍ଦରଗଡକୁ କୋଲଡ ୱେଭ ପାଇଁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି।ରବିବାର ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ➪ପୃଷ୍ଠା-୬



**କାନ ଡେରିଥା**

ଦୁଇ ୱିକେଟ୍ ହରାଇ ବିଜେଡ଼ି
ବାଉଳି ଚାଉଳି ହେଉଛି
ତିନି ନମ୍ବରରେ କାହା ପାଳି ବୋଲି
ମିଡ଼ିଆ ହାଉଳି ଖାଉଛି।

**ସୋସିଆଲମିଡିଆ ୱାର**

# ଯେମିତି ଦିଅଁକୁ ସେମିତି ପୂଜା

**ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ):** ଶାସକ ବିଜେପି ଓ ବିଜେଡି ମଧ୍ୟରେ ଆରମ୍ଭ ହୋଇଥିବା ସୋସିଆଲ ମିଡିଆ ୱାର ଏବେ ବିଜେଡିର ପୋଲ୍ ଖୋଲିଛି। ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଓ ତାଙ୍କ ସହଚର ପାଣ୍ଡିଆନଙ୍କୁ ବିଜେପି ସୋସିଆଲ ମିଡିଆ ଆଳୁ ରୂପ ଦେଇ ସମାଲୋଚନା କରିବାପରେ ବିଜେଡି ସାଂସଦ ସସ୍ମିତପାତ୍ର ଆଗକୁ ଆସିଛନ୍ତି। ହେଲେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ଓ ତାହାର ଛଦ୍ମବେଶୀମାନେ ପ୍ରତିଦିନ ସୋସିଆଲ ମିଡିଆରେ କରୁଥିବା ଅତ୍ୟନ୍ତ ନିମ୍ନରୁଚିର ବ୍ୟବହାର ବାବଦରେ ପଦୁଟିଏ ହେଲେ କହିନାହାନ୍ତି।



ରାଜ୍ୟରେ ନୂଆ ସରକାର ଗଠନ ପରଠାରୁ ବିଜେଡି ଲଗାତାର ଭାବେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ସୋସିଆଲ ମିଡିଆରେ ଟାର୍ଗେଟ କରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଠାରୁ ଆରମ୍ଭରି ଚାଲି ଚଳଣ ଓ ଖାଇବା ପିଇବାକୁ ନେଇ ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଦେବା ସହିତ ଭିଡିଓମାନ ଜାରି କରୁଛି। ଏହାକୁ ନେଇ ବିଜେପି କେବେ ହେଲେ ଖୋଲାଖୋଲି ଭାବେ ପ୍ରତିକ୍ରିୟା ପ୍ରକାଶ କରିନାହିଁ। ବିଜେଡିର ଶୀର୍ଷସ୍ତରୀୟ ନେତାମାନେ ଏଭଳି କାର୍ଯ୍ୟକୁ ମନଭରି ଉପଭୋଗ କରିବା ସହିତ ଦଳର ସୋସିଆଲ ମିଡିଆର ମାମଲତକାରମାନଙ୍କୁ ରୋକୁନଥିଲେ।

ଏବେ ରାଜ୍ୟରେ ଆଳୁ ରାଜନୀତି ଜୋର ଧରିଥିବାବେଳେ ଆଳୁ ଅଭାବ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସହଚର ପାଣ୍ଡିଆନଙ୍କୁ ବିଜେପି ସୋସିଆଲ ମିଡିଆ ଟାର୍ଗେଟ କରିଛି। ଉଭୟଙ୍କୁ ଆଳୁ ଭାବେ ଚିତ୍ରଣ କରିବା ସହିତ ୨୬୭ କୋଟି ଟଙ୍କା ଆଳୁମିଶନ ବାବଦରେ ଚଳୁ କରିଥିବା ଦର୍ଶାଇଛି।

**ଏବେ ବିଜେଡିକୁ ବାଧିଲା**

**ସୀମା ଭିତରେ ରହିଲେ ସମସ୍ତଙ୍କ ପାଇଁ ଭଲ**

ବିଜେପି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହା ପଦାକୁ ଆସିବାପରେ ବିଜେଡି ନେତାମାନେ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ହେବା ମଧ୍ୟ ସ୍ୱାଭାବିକ। କାରଣ ଆଳୁ ପାଇଁ ନୂଆ ସରକାରକୁ ଯେତେ ଦାୟୀ କରାଗଲେ ମଧ୍ୟ ୨୫ବର୍ଷର ଅପାରଗତା ପାଇଁ ଆଳୁର ବିକଳସ୍ଥିତି ଉପୁଜିଥିବା ସମସ୍ତେ ଜାଣିଛନ୍ତି। ହେଲେ ବିଜେପି ପକ୍ଷରୁ ଯେଉଁ ଢଙ୍ଗରେ ଏହାର ପ୍ରତିବାଦ କରାଯାଇଛି ତାହାକୁ ସାଧାରଣରେ ପସନ୍ଦ କରାଯାଉନାହିଁ। କିନ୍ତୁ ପ୍ରତିକ୍ରିୟାଶୀଳ ବିଜେଡି ନେତାମାନେ ମଧ୍ୟ ନିଜ ସୋସିଆଲ ମିଡିଆକୁ ନିୟନ୍ତ୍ରଣରେ ରଖିବା ଉଚିତ୍ ବୋଲି ସାଧାରଣରେ ଆଲୋଚନା ହେଉଛି।

ବିଜେଡିର ସୋସିଆଲ ମିଡିଆ ମାମଲତକାର ପାଇଁ ଆଜି ନବୀନଙ୍କୁ ଏଭଳି ଦିନ ଦେଖିବାକୁ ପଡ଼ିଲା ବୋଲି କୁହାଯାଉଛି। ସୀମା ବାହାରକୁ ଯାଇ ବିଜେପି ଦଳ ସମେତ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ବିଜେଡି ଟାର୍ଗେଟ କରିବାପରେ ବିଜେପି ପ୍ରତିକ୍ରିୟାଶୀଳ ହୋଇଛି। ଏହା ଦୁଇ ଦଳ ସହ ରାଜ୍ୟପାଇଁ କ୍ଷତିକାରକ। ତେଣୁ ଉଭୟ ଦଳର ନେତା ଓ ସେମାନଙ୍କ ଦଳର ସୋସିଆଲ ମିଡିଆ ମାମଲତକାରମାନେ ଯେତେ ସୀମା ଭିତରେ ରହିବେ ସେତେ ଭଲ।

## ଟ୍ରେଣ୍ଡିଂ ନ୍ୟୁଜ୍

ଆଇନକୁ ସମ୍ମାନ ଦିଅନ୍ତି ଓ ତଦନ୍ତରେ ସହଯୋଗ କରିବେ ବୋଲି ଜାମିନରେ ଖଲାସ ହେବା ପରେ ସୁପର ଷ୍ଟାର ଅଲ୍ଲୁ ଅର୍ଜୁନ ଗଣମାଧ୍ୟମକୁ କହିଛନ୍ତି। ଜାମିନ ନିର୍ଦ୍ଦେଶନାମା ବିଳମ୍ବରେ ପହଞ୍ଚିବାରୁ ଚଞ୍ଚଲଗୁଡ଼ା ଜେଲରେ ରାତି ବିତାଇଥିଲେ ଏହି ସାଉଥ୍ ସେନ୍‌ସେସନ୍।

ଆର୍ଥିକ ଦୁରବସ୍ଥା ମଧ୍ୟ ଦେଇ ଗତିକରୁଥିବା ପୂର୍ବତନ କ୍ରିକେଟର ବିନୋଦ କାମ୍ବଲିଙ୍କୁ ସହାୟତା କରିବା ପାଇଁ କପିଳ ଦେବ ଓ ସୁନୀଲ ଗାଭାସ୍କରଙ୍କ ସୂଚନା। ସହାୟତା ଗ୍ରହଣ କରିବା ପାଇଁ କାମ୍ବଲି ରାଜିଥିବା କହିଲେ।

ବିହାର ବେଗୁସରାଇ ଜିଲ୍ଲାରେ ଅବିନାଶ କୁମାର ନାମକ ଜଣେ ଶିକ୍ଷକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇ ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ବାଧ୍ୟ କରାଗଲା।

ଉତ୍ତର ପ୍ରଦେଶର ସମ୍ଭଲ ବିବାଦ ମଧ୍ୟରେ ଏକ ବହୁ ପୁରାତନ ମନ୍ଦିର ଠାବ କରାଯାଇଛି। ଶନିବାର ନଖାସା ଥାନା ଖଗୁସରାଇ ଅଞ୍ଚଳରେ ଶିବ-ହନୁମାନ ମନ୍ଦିରର ସନ୍ଧାନ ମିଳିଛି। ସାମ୍ପ୍ରଦାୟିକ କାରଣରୁ ପ୍ରାୟ ୫୦ ବର୍ଷ ହେଲା ଏହି ମନ୍ଦିରରେ ପୂଜାପାଠ ହୋଇନାହିଁ।

ଟଙ୍କା ମୂଲ୍ୟ ପ୍ରାୟ ୧୦% ହ୍ରାସ ହୋଇଥିଲେ ମଧ୍ୟ ଭାରତର ୧୦୦ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତିରେ ୨୫ ବିଲିୟନ ଡ଼ଲାର ବୃଦ୍ଧି ଘଟିଛି। ସେହିପରି ବ୍ଲୁମ୍‌ବର୍ଗ ଦ୍ୱାରା ପ୍ରକାଶିତ ଧନୀ ତାଲିକାର ୮ରେ ଅମ୍ବାନି ପରିବାର ଥିବା ବେଳେ ୧ରେ ରହିଛନ୍ତି ୱାଲମାର୍ଟ ସଂସ୍ଥା ପ୍ରତିଷ୍ଠାତା ୱାଲଟନ୍ସ ଫ୍ୟାମିଲି।

ଓପନ ଏଆଇ ଉପରେ ପ୍ରଶ୍ନଚିହ୍ନ ଲଗାଇଥିବା ସୁଚୀର ବାଲାଜୀଙ୍କ ଶବ ସାନଫ୍ରାନସିସ୍କୋ ସ୍ଥିତ ତାଙ୍କ ଫ୍ଲାଟରୁ ଉଦ୍ଧାର କରାଯାଇଛି।

## ବରିଷ୍ଠ ନେତା ଲକ୍ଷ୍ମୀଧର ସାହୁ ବିଜେଡିରୁ ବହିଷ୍କୃତ



**ଦଶରଥପୁର, ୧୪।୧୨ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକସ୍ଥ ତରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ସାହୁଙ୍କୁ ଆଜି ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି ଦଳରୁ ବହିସ୍କୃତ କରିବା ସହ ତାଙ୍କ ପ୍ରାଥମିକ ସଦସ୍ୟ ପଦ ମଧ୍ୟ ରଦ୍ଦ କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀଯୁକ୍ତ ମହାନ୍ତି ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଥିବା ଜଣାପଡିଛି। ତେବେ ସେ ଦୀର୍ଘ ଦିନ ଧରି ଦଳ ବିରୋଧରେ କାର୍ଯ୍ୟ କରିଆସୁଥିଲେ ବୋଲି ବିଜେଡି ସଭାପତି କହିଥିବାବେଳେ ଲକ୍ଷ୍ମୀଧର ସାହୁଙ୍କ ପ୍ରତିକ୍ରିୟା ନେବାପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ସୂଚନା ଯୋଗ୍ୟ ଯେ ଶ୍ରୀଯୁକ୍ତ ସାହୁ ତରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିବାବେଳେ ବିଜେଡିର ଜଣେ ଦକ୍ଷ ସଂଗଠକ ଥିଲେ। ତାଙ୍କୁ ଦଳରୁ ବହିଷ୍କାର କରିବା ବିଜେଡି ପାଇଁ ମହାଙ୍ଗା ପଡିବ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ବିଜେପି ଓ କଂଗ୍ରେସ କାହା ପାଇଁ ଲାଭ ହେବ ତାହା ସମସ୍ତଙ୍କର ନଜର ରହିଛି।

### ହୋମ୍‌ଗାର୍ଡଙ୍କ ପାଇଁ ହରଡ଼ଘଣାରେ ପୋଲିସ ବିଭାଗ

# ରାତି ଅଧରେ ନିଶାସକ୍ତ ହୋଇ ବାଡେଇଲେ ମହିଳାଙ୍କ କବାଟ

**କେନ୍ଦ୍ରାପଡ଼ା, ୧୪।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲାର ପୋଲିସ ବିଭାଗର ଜଣେ ହୋମ୍‌ଗାର୍ଡଙ୍କ କଳା କରନାମା ଏବେ ପୁରା ବିଭାଗକୁ ବଦନାମ୍ ଘେରକୁ ଟାଣିଛି। ହୋମଗାର୍ଡ ଜଣଙ୍କ ପୁରା କାରନାମା ପଦାକୁ ଆସିବା ପରେ ବିଭାଗ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବକି ନାହିଁ ଏବେ ପୋଲିସ ବିଭାଗକୁ ହରଡଘଣାକୁ ଟାଣିଛନ୍ତି। ଅନ୍ୟମାନଙ୍କ ସୁରକ୍ଷା ପାଇଁ ଥିବା ପୋଲିସ କର୍ମଚାରୀ ଯେ ଏତେ ଘୃଣ୍ୟ ଓ ରାକ୍ଷସ ଥାଆନ୍ତି ତାହା ଆପଣ ଜାଣିଲେ ପୋଲିସ ବିଭାଗ ପ୍ରତି ଆପଣଙ୍କ ବିଶ୍ୱାସ ତୁଟିଯିବ।

ମହିଳାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ଗୌତମ



ସନ୍ଦେହ ସୃଷ୍ଟି କରିଛି ? ହଁ ଆଜ୍ଞା ଏମିତି କଳାକାରନାମା ଯେ ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ମହାକାଳପଡ଼ା ବ୍ଲକର ତନ୍ତିଆପାଳ ସାମୁଦ୍ରିକ ଥାନାରୁ ଆସିଛି ଏକ ମହିଳାଙ୍କ ସାଙ୍ଘାତିକ ଅଭିଯୋଗ। ଚକଡ଼ା ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ କାଇତାଲା ଗ୍ରାମର ଗୌତମ ମହାନ୍ତିଙ୍କ ପତ୍ନୀ ରଶ୍ମିତା ମହାନ୍ତି ଏମିତି ଏକ ଅଭିଯୋଗ ଆଣି ସମଗ୍ର ମହାନ୍ତି ବାହାର ରାଜ୍ୟରେ କାମ କରନ୍ତି। ଦୁଇ ପିଲାଙ୍କ ସହିତ ମହିଳା ଜଣକ ଘରେ ରହି ଆସୁଛନ୍ତି। ଗତ ୭ ତାରିଖ ଶନିବାର ରାତିରେ ମହିଳା ଜଣକ ତାଙ୍କ ଘରେ ଶୋଇଥିଲେ । ରାତି ପ୍ରାୟ ୧୨ ଘଟିକା ସମୟରେ ତନ୍ତୀଆପାଳ ସାମୁଦ୍ରିକ ଥାନାରେ କାର୍ଯ୍ୟରତ ଥିବା ହୋମଗାର୍ଡ ଅଭିଷେକ ପରିଡା ଓରଫ ବବୁଲ ନିଶାସକ୍ତ ଅବସ୍ଥାରେ ମହିଳାଙ୍କ କବାଟ ବାଡେଇ ଥିଲେ। ବାରମ୍ବାର କବାଟ ବାଡ଼େଇବା ଶବ୍ଦ ଶୁଣି ମହିଳା ନିଦରୁ ଉଠି ପଡ଼ିଥିଲେ। ଘରେ ଏକା ଥିବାରୁ ସେ ଭୟଭୀତ ହୋଇପଡିଥିଲେ। କିଏ କବାଟ ବାଡ଼ଉଛ ବୋଲି ପଚାରିବାରୁ ସେ ନିଜର ପରିଚୟ କହି କବାଟ ଖୋଲିବାକୁ କହିଥିଲା। ହେଲେ ଏତେ ରାତିରେ କ'ଣ ପାଇଁ କବାଟ ବାଡ଼ଉଛ ବୋଲି ପଚାରିବାରୁ ହୋମ୍‌ଗାର୍ଡ ଜଣଙ୍କ ତୁମ ପାଖରେ ମୋର କାମ ଅଛି ବୋଲି କହିଥିଲା। ମହିଳା ଜଣଙ୍କ କବାଟ ନ ଖୋଲିବାରୁ ସେ ଝରକା ପାଖକୁ ଆସି କବାଟ ଖୋଲିବାକୁ କହିଥିଲେ। ହୋମ୍‌ଗାର୍ଡ ଜଣଙ୍କ ପ୍ରଚୁର ମଦ ପିଇଥିବା ଓ ହାତରେ ମଦ ବୋତଲ ଧରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କିତ ସମ୍ପୂର୍ଣ୍ଣ ଭିଡିଓ ନିଜ ମୋବାଇଲରେ ରେକର୍ଡିଂ କରିଛନ୍ତି ମହିଳା ଜଣଙ୍କ। ପରେ ରବିବାର ଦିନ ସକାଳ ସମୟରେ ମହିଳା ଜଣକ ହୋମ ଗାର୍ଡ ଅଭିଷେକ ପରିଡା ଓରଫ ବବୁଲଙ୍କ ନାମରେ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ୍ ଏତଲା ଆଧାରରେ ଏକ କେସ୍ ନମ୍ବର ୧୭୦/୨୪,ଦଫା ବିଏନଏସ ୭୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଥାନାର ଏଏସଆଇ ଲକ୍ଷ୍ମଣ କୁମାର ମିଶ୍ର ହୋମଗାର୍ଡ ଅଭିଷେକ ପରିଡାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ ଥାନାରୁ ଖସେଇ ଦେଇଥିବାର ମହିଳା ଏବେ ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ଏଏସଆଇ ଲକ୍ଷ୍ମଣ କୁମାର ମିଶ୍ର କହିଛନ୍ତି ମହିଳା ଜଣକ ହୋମଗାର୍ଡ ଅଭିଷେକ ପରିଡାଙ୍କ ନାମରେ ଦେଇଥିବା ଅଭିଯୋଗରେ ଦଫା ଲାଗିଲା ଭଳି କୌଣସି ଲେଖା ନାହିଁ। ତେଣୁ ମୁଁ ଏସଡିପିଓଙ୍କ ସହ କଥା ହୋଇ କେସକୁ ଡାଏରୀ କରି ତଦନ୍ତ ଜାରି ରଖିଛି।



**ଥାନାର ଦ୍ୱାରସ୍ଥ ମହିଳା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତ ପୋଲିସ ?**

ଏଠି ସବୁଠାରୁ ବଡ଼ ପ୍ରଶ୍ନ ଏତେ ରାତିରେ ସମ୍ପୃକ୍ତ ହୋମ୍‌ଗାର୍ଡ ଜଣଙ୍କ ମହିଳାଙ୍କ ପାଖକୁ ଯାଇଥିଲେ କ'ଣ ପାଇଁ ? ଯଦି ମହିଳାଙ୍କ ଅଭିଯୋଗ ସତ ହୋଇଥାଏ ତେବେ ଜିଲ୍ଲା ପୋଲିସ ହୋମ୍‌ଗାର୍ଡଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତ? ଏ ଘଟଣା ଏବେ ସମଗ୍ର ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି। ହୋମ୍‌ଗାର୍ଡଙ୍କ ଆଚରଣ ଜଣେ ମହିଳାଙ୍କୁ ଭୟଭୀତ କରିଛି କେବଳ ତାହା ନୁହେଁ ବରଂ ସମଗ୍ର ପୋଲିସର ଭାବମୂର୍ତ୍ତିକୁ ପଦାରେ ପକାଇଛି। ମହିଳାଙ୍କୁ ସମ୍ମାନ ଦେବା ପାଇଁ କହୁଥିବା ସରକାର ଓ ପୋଲିସ ବିଭାଗ ମହିଳାଙ୍କୁ କି ନ୍ୟାୟ ଦେଉଛନ୍ତି ତାକୁ ହିଁ ଅପେକ୍ଷା କରାଯାଇଛି ।

# ମାଡିଛନ୍ତି ମମତା ଟଙ୍କା ଦଲାଲ୍, ଫୋନ୍ ଯୋଗେ କରୁଛନ୍ତି ଯୋଗାଯୋଗ

**କେନ୍ଦ୍ରାପଡ଼ା, ୧୪।୧୨ (ସଂଚାର ବ୍ୟୁରୋ) :** ଆପଣଙ୍କୁ ମମତା ଯୋଜନା ଟଙ୍କା ମିଳିନି କି, ଆପଣଙ୍କ ଟଙ୍କା ଅଟକି ଯାଇଛି କି? ଆମେ ଆପଣଙ୍କ ଟଙ୍କା ପଠାଇବାରେ ସହଯୋଗ କରିବୁ। ହେଲେ ଆପଣ ଆଉ ଏକ ଆକାଉଣ୍ଟ୍ ନମ୍ବର କହିବାକୁ ହେବ। ଯେଉଁ ଆକାଉଣ୍ଟରେ ୫୦୦୦ ଟଙ୍କାରୁ ଅଧିକ ଟଙ୍କା ଥିବ ଓ ସେହି ନମ୍ବରରେ ଫୋନ୍ ପେ ଥିବ। ଆପଣଙ୍କ ଫୋନ୍ ମାଧ୍ୟମରେ ଏକ ଓଟିପି ଯିବ ସେହି ଓଟିପି ଆମକୁ ଦେଲେ ଆପଣଙ୍କ ଆକାଉଣ୍ଟକୁ ବାକି ଥିବା ଟଙ୍କା ପଳାଇବ। ସମସ୍ତ ହିତାଧିକାରୀଙ୍କ ତଥ୍ୟ, କାହାର କେଉଁ ତାରିଖରେ ପିଲା ଜନ୍ମ ହେଲା ଓ ସେହି ଗ୍ରାମର ଆଶା, ଅଙ୍ଗନୱାଡି ଦିଦିଙ୍କ ନମ୍ବର ମଧ୍ୟ ତାଙ୍କ ପାଖରେ ଅଛି। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଛନ୍ତି। ଏମିତି ଏକ ରାକେଟ୍ ସମ୍ପର୍କିତ ତଥ୍ୟ ଲାଗିଛି ସଂଚାର ହାତରେ।

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମରୁ ଏ ରାକେଟ୍‌ର ପର୍ଦ୍ଦାଫାଶ କରିଛନ୍ତି ପ୍ରଭାତ ରାଉତ। ତାଙ୍କର ଉପସ୍ଥିତ ବୁଦ୍ଧି ପାଇଁ ସେ ଠକାମିରୁ ବଞ୍ଚି ଯାଇଛନ୍ତି। ପ୍ରଭାତ କହିଛନ୍ତି +୯୧୮୪୩୪୬୭୯୫୮୧ ଅଜଣା ନମ୍ବରରୁ କଲ୍ ଆସିଲା। ମୁଁ କଲ୍ ଉଠାଇବା ପରେ ସେ ମମତା ଯୋଜନା ଅଫିସରୁ କହୁଛନ୍ତି ବୋଲି କହିଲେ। ଆପଣଙ୍କ ମମତା ଯୋଜନା ଟଙ୍କା ଅଟକି ଯାଇଛି। ଆପଣ ଆମକୁ କିଛି ସୂଚନା ଦିଅନ୍ତୁ ଆମେ ଆପଣଙ୍କ ଟଙ୍କା ପଠାଇବାରେ ସହଯୋଗ କରିବୁ। ଏମିତିକି ସେ ଆମ ସମ୍ପର୍କରେ ସବୁ ସୂଚନା କହିଦେଲେ। ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ସମସ୍ୟା ପାଇଁ ଆପଣଙ୍କ ଟଙ୍କା ଜମା ହୋଇପାରୁ ନାହିଁ। ତେଣୁ ଆପଣ ଆମକୁ ଆଉ ଏକ ଆକାଉଣ୍ଟ୍ ନମ୍ବର ଦିଅନ୍ତୁ ଯେଉଁଥିରେ ଫୋନ୍ ପେ ଥିବ। ଆପଣଙ୍କ ଆକାଉଣ୍ଟ ନମ୍ବରରେ କେତେ ଟଙ୍କା ଅଛି ?

**ଓଟିପି ଦେଲେ ଖାଲି କରିଦେଉଛନ୍ତି ଆକାଉଣ୍ଟ**

**ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି**

ପ୍ରଭାତ କହିଲେ ୩୦୦ ଟଙ୍କା। ୩୦୦ ଟଙ୍କା ନୁହେଁ ବରଂ ଯେଉଁଥିରେ ୫,୦୦୦ ଟଙ୍କାରୁ ଅଧିକ ଟଙ୍କା ଥିବ ସେହି ଆକାଉଣ୍ଟ ରେ ୧୨,୦୦୦ ଟଙ୍କା ସଙ୍ଗେସଙ୍ଗେ ପଠାଇ ଦିଆଯିବ ବୋଲି ଫୋନ୍ କରିଥିବା ବ୍ୟକ୍ତି କହିଥିଲେ। ଯାହା ଶୁଣିଲା ପରେ ସେ ଠକାମିର ଶୀକାର ହେବାକୁ ଯାଇଛନ୍ତି ବୋଲି ଜାଣି ପାରିଥିଲେ ପ୍ରଭାତ। ସେ ତାଙ୍କ କଥାରେ ଅରାଜି ହେବାରୁ ଠକ ସେହି ଗ୍ରାମର ଆଶା ଦିଦିଙ୍କୁ ଫୋନ୍ ଯୋଗେ କଥା କରାଇଥିଲା। ସବୁ ଜାଣି ପ୍ରଭାତ ତାଙ୍କର ବୁଦ୍ଧି ବଳରେ ଏକ ବଡ଼ ଠକାମିରୁ ବଞ୍ଚିଗଲେ ସିନା ହେଲେ ତାଙ୍କ ଭଳି ଅନ୍ୟ ଲୋକମାନଙ୍କୁ ମଧ୍ୟ ଏ ଠକାମିର ଶୀକାର ହେବାକୁ ପଡୁଥିବ।

ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ ଘଟଣାକୁ ଗୁରୁତର ସହ ନେଇ ସାଧାରଣ ଲୋକଙ୍କୁ ଠକାମି ହେବାରୁ ବଞ୍ଚାଇବା ସହ ରାକେଟ୍‌କୁ ଧରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

### ଆକ୍ସନ ମୁଡ଼ରେ ମହାକାଳପଡ଼ା ଥାନା ଅଧିକାରୀ

# ଜବତ କଲେ ପେଟି ପେଟି ମଦ, ୨ ଅଟକ

**ମହାକାଳପଡ଼ା, ୧୪।୧୨ (ସଂଚାର ବ୍ୟୁରୋ) :** ଆକ୍ସନ ମୁଡ଼ରେ ମହାକାଳପଡା ଥାନା ଅଧିକାରୀ ଧିରେଜ ଲେଙ୍କା । କିଛି ଦିନ ହେବ ମଦ ମାଫିଆଙ୍କ ନିଦ ହଜାଇବାରେ ଲାଗିଛନ୍ତି । ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରୁଛନ୍ତି। ଚୋରା ମଦ ବ୍ୟବସାୟ ଛାନିଆରେ ଏଣେ ତେଣେ ଲୁଚୁଛନ୍ତି । ଶନିବାର ଦୁଇ ଜଣ ଚୋରା ମଦ ବେପାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଦୁଇ ଚୋରା ମଦ ବେପାରୀ ହେଲେ ଚନ୍ଦ୍ରଭାନୁ ମଲ୍ଲିକ ଓ ନିଳମାଧବ ନାଥ। ମହାକାଳପଡ଼ା ସରକାରୀ ମଦ କାଉଣ୍ଟର ରୁ ଦୁଇଟି ବାଇକ୍ ଯୋଗେ ମଦ ଲଦି ଯାଉଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ମହାକାଳପଡ଼ା ଥାନା ଅଧିକାରୀ ଧିରେଜ କୁମାର ଲେଙ୍କା ଜାଲକଣା ପୋଲ ନିକଟରୁ ଦୁଇ ଜଣଙ୍କୁ



କାବୁ କରିଥିଲେ। ସେମାନଙ୍କ ଠାରୁ ୮୦ ଲିଟର ଅର୍ଥାତ୍ ୧୩ ପେଟି ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ କେସ୍ ନମ୍ବର ୨୪୮,୨୪୯ରେ ମାମଲା ରୁଜୁ କରି ଥାନାରେ ଅଟକ ରଖାଯାଇଛି। ସେମାନଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ।

ମହାକାଳପଡ଼ାରେ ନୂତନ ଥାନା ଅଧିକାରୀ ଭାବରେ ଶ୍ରୀ ଲେଙ୍କା ଯୋଗ ଦେବା ପରେ ଚୋରା ମଦ ବେପାରୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବିଭିନ୍ନସମୟରେ ଚୋରା ମଦବେପାରୀଙ୍କୁ ଧରିବାରେ ସଫଳ ହୋଇ ସେ ଏବେ ଚର୍ଚ୍ଚାରେ। ମହାକାଳପଡ଼ାକୁ ଚୋରା ମଦ କାରବାରରୁ ମୁକ୍ତ କରାଇବେ ବୋଲି ଆଶା ରଖିଛନ୍ତି ମହାକାଳପଡ଼ାବାସୀ। ଥାନା ଅଧିକାରୀଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ସାଧୁବାଦ ଜଣାଇଛନ୍ତି।

## ସଚ୍ଚିଦାନନ୍ଦ ସେଚ୍ଛାସେବୀ ସଂଗଠନର ପ୍ରସ୍ତୁତି ବୈଠକ



**ମାର୍ଶାଘାଇ, ୧୪।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ସଚ୍ଚିଦାନନ୍ଦ ସ୍ୱେଚ୍ଛାସେବୀ ଯୁବକ ସଂଘ ତରଫରୁ ନୂତନ ଇଂରାଜୀ ବର୍ଷ ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପାରାଦ୍ୱୀପ ସ୍ଥିତ ନେହେରୁ ବଙ୍ଗଳା ଠାରେ ହୋଇଥିଲା । ଉକ୍ତ ବୈଠକରେ ଚଳିତ ବର୍ଷ ହେବାକୁ ଥିବା ବିଭିନ୍ନ କର୍ଯ୍ୟକ୍ରମ ସମେତ ୨୦୨୪ ବର୍ଷ ର ଆଦାୟ ଓ ଖର୍ଚ୍ଚ ବାବଦରେ ଆଲୋଚନା ହୋଇଥିଲା । ଏହା ସହ ଆସନ୍ତା ୨୦୨୫ ବର୍ଷ ପାଇଁ ହେବାକୁ ଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥିରୀକୃତ ହେଇଥିଲା । ଏହି ବୈଠକ ରେ ସଚ୍ଚିଦାନନ୍ଦ ସେବା ସଂଗଠନ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ସଂଚାରରେ ଖବର ପ୍ରକାଶ ପରେ ଭାଙ୍ଗିଲା ଜେଇଙ୍କ ନିଦ

# ରାସ୍ତାରେ ପାଣି ସିଞ୍ଚନ, କେବେ ହେବ ପିଚୁ କାମ ?

**ମହାକାଳପଡ଼ା, ୧୪।୧୨ (ସଂଚାର ବ୍ୟୁରୋ):** ରାସ୍ତା କାମ ପାଇଁ ବିଛା ହୋଇଛି ବଜୁରି ଗୁଣ୍ଡ । ପାଣି ସିଞ୍ଚନ ନହେବାରୁ ଧୂଳି ଉଡୁଛି । ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ସାଧାରଣ ବାଟୋଇ ଧୂଳିରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ପ୍ରବଳ ଅସନ୍ତୋଷ ଦେଖାଇଥିଲେ। ଏସମ୍ପର୍କରେ ଗ୍ରାମବାସୀ ସଂଚାର ଆଗରେ ସମସ୍ୟା ଜଣାଇବା ପରେ ଗତକାଲି 'ଜେଇଙ୍କ ଢିଲା ପାଇଁ ରାସ୍ତାରେ ପଡୁନି ପାଣି,ଠିକାଦାର ପକେଟରେ ଟଙ୍କା ଲୋକଙ୍କୁ ମିଳୁଛି ଧୂଳି' ଶୀର୍ଷକ ଖବର ଦୈନିକ ଖବରକାଗଜ ସଂଚାରରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ବିଭାଗୀୟ ତତ୍ପରତା ଦେଖିବାକୁ ମିଳିଛି। ଜେଇଙ୍କ ନିର୍ଦ୍ଦେଶରେ ରାସ୍ତାରେ ପାଣି ପଡିବା ଆରମ୍ଭ ହୋଇଛି। ଏବେ ଲୋକମାନେ ଧୂଳି ସମସ୍ୟାରୁ ମୁକ୍ତି ପାଇ ପାରିଛନ୍ତି।

ସୂଚନା ଥାଉକି ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟରତ ଆଶ୍ରମ ବାଲିକୁଦା ଠାରୁ କରଞ୍ଜ ପଞ୍ଚାୟତ ପର୍ଯ୍ୟନ୍ତ ପିଚୁ ସଡକ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡକୂଳ ଓ କରଞ୍ଜ ପଞ୍ଚାୟତବାସୀଙ୍କ ସମେତ



ଆଖପାଖ ଗ୍ରାମର ଲୋକେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ପାଣି ନପଡିବାରୁ ଧୂଳି ଏତେ ମାତ୍ରାରେ ଉଡୁଛି ଯେ, ସାଧାରଣ ଲୋକେ ଅଣନିଃଶ୍ୱାସୀ ହେଉଛନ୍ତି। ଯାହାକୁ ନେଇ ଜନସାଧାରଣ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ଖବର ପ୍ରକାଶ ପରେ ରାସ୍ତାରେ ପାଣି ପଡିଛି। ହେଲେ ଏତେଦିନ ହେଲା ପିଚୁ କାମ ଆରମ୍ଭ ନହେବାରୁ ଉଦବେଗ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ।

ପିଚୁ କାମ ବିଳମ୍ବ ହେଉଥିବାରୁ ଯିବା ଆସିବା ପାଇଁ ସମସ୍ୟା ଭୋଗୁଛନ୍ତି ଲୋକେ। ଧୂଳି ଉଡିବାରୁ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ପିଚୁ କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଙ୍କ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଦୁଇ ଦିନ ମଧ୍ୟରେ ପିଚୁ କାମ ଆରମ୍ଭ କରିବାକୁ ସେ ସଂଚାରକୁ ସୂଚନା ଦେଇଛନ୍ତି।

## ଜାନୁୟାରୀ ୧୨ରୁ ୪୩ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

**ରାଜନଗର, ୧୪।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଡପଲ୍ଲୀ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ପକ୍ଷରୁ ଜାନୁୟାରୀ ୧୨ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପି ୪୩ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଚଞ୍ଚଳା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, ସଭାପତି ତପନ କୁମାର ପରିଡ଼ା, କୋଷାଧ୍ୟକ୍ଷ ଲିଟୁ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଓଡ଼ିଶାର ୮ଟି ଅଗ୍ରଣୀ କ୍ରିକେଟ କ୍ଲବ ସହିତ ୨ଟି ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳ ଓ ଉପବିଜେତା ଦଳକୁ ୫୦ହଜାର ଓ ୩୦ହଜାର ଟଙ୍କା ପ୍ରଦାନ କରାଯିବ। ଜାନୁୟାରୀ ୧୨ ପ୍ରଥମ କ୍ୱାର୍ଟର ଫାଇନାଲ ୱାରିୟର୍ସ କ୍ରିକେଟ କ୍ଲବ ଯାଜପୁର ସହିତ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ, ୧୩ ଜାନୁୟାରୀରେ ଜଟଣୀ କ୍ରିକେଟ ଏକାଡେମୀ ଖୋର୍ଦ୍ଧା ସହିତ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ୧୪ ଜାନୁୟାରୀରେ ପ୍ରଥମ ସେମି ଫାଇନାଲ, ୧୫ ଜାନୁୟାରୀ ୨ୟ କ୍ୱାର୍ଟର ଫାଇନାଲରେ ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର କେନ୍ଦ୍ରାପଡ଼ା ସହିତ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁର, କଟକ, ୧୬ ଜାନୁୟାରୀରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ସହିତ ଜୁବେନାଲ କ୍ରିକେଟ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହେବ। ୧୭ ଜାନୁୟାରୀରେ ୨ୟ ସେମି ଫାଇନାଲ ଅନୁଷ୍ଠିତ ହେବ। ୧୮ ଜାନୁୟାରୀରେ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ ଓ ୧୯ ଜାନୁୟାରୀରେ ଫାଇନାଲ ମ୍ୟାଚ ଖେଳା ଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ବିଲୁପ୍ତ ପଥରେ ଅମାର, ଦେଖିବାକୁ ମିଳୁନାହିଁ

**ରାଜକନିକା, ୧୪।୧୨ (ସଂଚାର ବ୍ୟୁରୋ):** ଗୋଟିକ ପରେ ଗୋଟିଏ ପୁରୁଣା ଜିନିଷର ଅନ୍ତର୍ଦ୍ଧାନ ପରିପ୍ରେକ୍ଷୀରେ ଏବେ ଅମାର ବି ଓଡିଆ ଘରରୁ ବିଦାୟ ନେଇଛି । ଯଦିବା କେଉଁଠି କେମିତି ରହିଛି ତାହା ପୁଣି ଅଦରକାରୀ, ଅବ୍ୟବହୃତ ଆଉ ଭଗ୍ନ ପ୍ରାୟ ।

ସୂଚନାରୁ ଜଣାପଡିଛି ଯେ ଏକଦା ଆଭିଜାତ୍ୟର ପ୍ରତିକ ହେଉକି ଚାଷୀ ଘରର ଏକ ବଳିଷ୍ଠ ଖୁଣ୍ଟଭାବେ ପ୍ରତିୟମାନ ଅମାରର ଉପସ୍ଥିତି ସେ ବେଳରେ ବେଶ ପରିଚୟ ବହନ କରୁଥିଲା । ଓଡିଆ ଘରେ ଚାଷକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଚାଷରୁ ମିଳୁଥିବା ଅମାପ ଧାନକୁ ଯେଉଁ ସ୍ଥାନରେ ଠୁଳ କରି ସୁରକ୍ଷିତ ରଖାଯାଉଥିଲା ତାହାହିଁ ହେଉଛି ଅମାର ବା ଅମ୍ବାର । ଏହା ପ୍ରକାରାନ୍ତରେ କାଠପଟା, ମାଟି କାନ୍ଥ ଅଥବା ବହୁତ ସ୍ଥାନରେ ସିମେଣ୍ଟ ଘର ମଧ୍ୟରେ ହୋଇଥାଏ। ଏମିତିକି ଚାଷୀ ତାର ଧାନକୁ ମାଟି ମଧ୍ୟରେ ପୋତି ଧାନକୁ ମଧ୍ୟ ରଖିଥାଏ କିମ୍ବା ଛଣରେ ତିଆରି ଧାନ ଓଳିଆ ଭିତରେ ମଧ୍ୟ ଧାନକୁ ନିରାପଦରେ ବର୍ଷ ବର୍ଷ ଧରି ରଖାଯାଏ ।



ଅମାର କିନ୍ତୁ ସବୁଠାରୁ ନିରାପଦ ଆଉ ସୁରକ୍ଷିତ ସ୍ଥାନ । ବିଶେଷ କରି ଆଗେ ଛଣଛପର ଘରେ ଅମାରର ଉପସ୍ଥିତି ବେଶ ଗୁରୁତ୍ୱ ବହନ କରେ। ଘରର ଅମାରକୁ ଦେଖି ପରିବାର ସମ୍ପର୍କରେ ଅବଗତ ମଧ୍ୟ ହେଉଥିଲା । ଯାହାର ଅମାର ଯେତେ ବଡ, ପରିପାଟୀ ଆଉ ଉପସ୍ଥିତି ତମାମ ଦିଗ ପ୍ରତି ଲକ୍ଷ୍ୟ ମଧ୍ୟ ଦିଆଯାଉଥିଲା । ମୋଟ ଉପରେ କହିବାକୁ ଗଲେ ଅମାରର ଗୁରୁତ୍ୱ ସେବେଳରେ ଯାହା ଥିଲା ତାହା ଏବେ ବିଲୁପ୍ତ ପ୍ରାୟ । କାଁ ଭାଁ ଏବେ ବହୁ ସ୍ଥାନରେ ଅମାର ବି ଦେଖିବାକୁ ମିଳେ ତାହା ପୁଣି ଜୀର୍ଣ୍ଣଶୀର୍ଣ୍ଣ ଭାବେ। ଅବ୍ୟବହୃତ ଏହି ଭଣ୍ଡାର ଗୃହଟି ଏବେ ହୋଇଯାଇଛି ଅଦରକାରୀ ।

ଓଡିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତିକ ଅମାର ଏବେ ଆଖିରେ ପଡେନି । ଅବଶ୍ୟ ଧାନ, ବିରି, ମୁଗ, ବାଦାମ ଭଳି ଖାଦ୍ୟଶଷ୍ୟକୁ ସୁରକ୍ଷିତ ରଖିବାକୁ ଏବେ ବହୁ ପ୍ରକାର ମାଧ୍ୟମର ପ୍ରବେଶ ଫଳରେ ଅମାର ଏବେ ଅଦରକାରୀ ହୋଇ ପଡିଛି। ଚାଷ ଜମିରୁ, ଧାନ ଖଳାରୁ ଧାନ ବିକ୍ରି ଫଳରେ ଅମାରର ଆବଶ୍ୟକତା ପଡୁନାହିଁ ବୋଲି ବହୁ ବରିଷ୍ଠ ଚାଷୀ କହୁ ଥିଲା ବେଳେ ଅମାର କଣ ବୋଲି ଆଜିକା ପିଲା ଜାଣି ନ ଥିବା କହନ୍ତି ।

ବର୍ଷିୟାନ ସମାଜସେବୀ ଦୁର୍ଯ୍ୟୋଧନ ଭୂୟାଁ ପିଲାବେଳେ ଲୁଚକାଳି ଖେଳରେ ଆମେ ଅମାର ମଧ୍ୟରେ ଲୁଚି ଲୁଚି ଖେଳ ଖେଳିବା କଥା କହନ୍ତି । ପ୍ରଖ୍ୟାତ ଗାଳ୍ପିକ ପ୍ରଫୁଲ୍ଲ ବାରିକ୍ ମଧ୍ୟ ଅମାରକୁ ନେଇ ତାଙ୍କର ବହୁ ଗଳ୍ପ ରଚନା କରିଥିବା କଥା କହି ସେ ମଧ୍ୟ ତାଙ୍କ ବାପା ସହିତ ଅମାରକୁ ଧାନ ବୋହିଥିବା କଥା କହିଥିଲେ। ସେଇଭଳି ବର୍ଷିୟାନ ମହିଳା ଅନ୍ନପୂର୍ଣ୍ଣା ଥାଟୋଇ ମଧ୍ୟ ପିଲାବେଳେ ସାନ ଭାଇକୁ ଚାପୁଡାଏ ପକାଇ ବାପାଙ୍କ ମାଡ ଭୟରେ ଅମାରରେ ଦିନ ତମାମ ଲୁଚି ଥିବା ନେଇ ରୋଚକ କଥା ପ୍ରକାଶ କରି ଭାବବିହ୍ୱଳ ହୋଇ ପଡିଥିଲେ। ବରିଷ୍ଠ ଶିକ୍ଷାବିତ୍ ସଞ୍ଜୟ ସାମଲ, ରାହାସବିହାରୀ ମହାନ୍ତି ଓ ନିରଞ୍ଜନ ବେହେରା କିନ୍ତୁଅମାର ଏବେ ବିଲୁପ୍ତପ୍ରାୟ ଯୋଗୁ ମନ ଉଣା କରି ଏହା ଆଗାମୀ ଦିନରେ ସମ୍ପୂର୍ଣ୍ଣ ଇତିହାସ ପାଲଟି ଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ।

ସୁତରାଂ ଓଡିଆ ଘରର ବହୁ ପାରମ୍ପାରିକ ଜିନିଷର ଲୁପ୍ତପ୍ରାୟ ପରେ ଅମାର ଯେ ଏବେ ଆଉ ଦେଖିବାକୁ ମିଳିବନି ତାହା ଜଳଜଳ ଦିଶୁ ଥିବା ବେଳେ ଆଗାମୀ ପିଢ଼ି କେବଳ ପଢା ବହିରେ ଅମାରର ଚିତ୍ର ଦେଖି ଅନୁଭବ କରୁଥିବେ ସିନା ବାସ୍ତବରେ କିନ୍ତୁ ଦେଖି ପାରିବେନି । ତାହାହିଁ ହେଉଛି ବିଡ଼ମ୍ବନା ବୋଲି କହିଛନ୍ତି ସମାଜସେବୀ ବିନୋଦ କୁମାର ନାୟକ ।

### ରାମଚଣ୍ଡୀ ମନ୍ଦିରର ସାମୂହିକ ଅବ୍ୟବସ୍ଥା ଅଭିଯୋଗ

# ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲେ ଶିକ୍ଷାବିତ୍

**ମହାକାଳପଡ଼ା, ୧୪।୧୨ (ସଂଚାର ବ୍ୟୁରୋ):** ମାଆ ରାମଚଣ୍ଡୀ ମନ୍ଦିରର ସାମୂହିକ ଅବ୍ୟବସ୍ଥା ଘଟଣା ସାମ୍ବାଦିକ ସମ୍ମିଳନୀ କରି ସମସ୍ତଙ୍କ ମୁଖା ଖୋଲିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ର ଯୁବ ସଙ୍ଗଠକ ତଥା ଶିକ୍ଷାବିତ ଡଃ ସୌଭାଗ୍ୟ ପରିଡ଼ା। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଙ୍କ ଶିଥିଳତା ପାଇଁ ମନ୍ଦିର ସୌନ୍ଦର୍ଯ୍ୟକରଣ, ଜମିର ସୁରକ୍ଷା, ଆର୍ଥିକ ନେଣଦେଣର ସମୀକ୍ଷା, ପରିଚାଳନାଗତ ସମସ୍ୟା ଆଦି ସୁଚାରୁରୂପେ ସମ୍ପୂର୍ଣ୍ଣ ନହୋଇ ପଡ଼ି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।



ସେ କହିଛନ୍ତି ମାଆ ରାମଚଣ୍ଡୀ ହେଉଛନ୍ତି ଆମ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ। ମାଆଙ୍କ ଆଶୀର୍ବାଦ ରୁ ଆମେ ଅଞ୍ଚଳବାସୀ ବିପଦ ଆପଦରୁ ସୁରକ୍ଷିତ ରହୁଛୁ। ହେଲେ ଆମ ମାଆଙ୍କ ମନ୍ଦିରର ବିକାଶ କାର୍ଯ୍ୟ ଅଟକି ରହିଯାଇଛି। ମାଆଙ୍କ ପୂଜାର୍ଚ୍ଚନା, ପୂଜକଙ୍କ ପାଉଣା, ମନ୍ଦିରର ରକ୍ଷଣାବେକ୍ଷଣା ଓ ବାର୍ଷିକ ଉତ୍ସବ ପାଇଁ ଷଣ୍ଢକୁଦ ରାଜା ୨୨୦ ଏକର ଜମି ଦାନ କରିଥିଲେ। ୧୯୮୦ ମସିହାରେ ସେଟେଲମେଣ୍ଟ ଆଇନ ଆସିଲାରୁ ହାଲ୍ ରେ ୧୭୦ ଏକର ଜମି ଚାଲିଗଲା। ବର୍ତ୍ତମାନ ମନ୍ଦିରର ୫୦.୮୫ ଏକର ଜମି ରହିଛି। ସେଥିରୁ ପାଖାପାଖି ୩୦ ଏକର ଜମି ମୁଷ୍ଟିମେୟ ଲୋକଙ୍କ ଅଧିନକୁ ଚାଲିଗଲାଣି। ଯାହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ୧୯୬୨ ମସିହାରେ ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ଼ ଗଠନ ହେବାପରେ ୧୯୭୨ ରେ ଏହା ଦେବୋତ୍ତର ବିଭାଗରେ ରହିଲା। ସେବେଠାରୁ ଆଜକୁ ୫୨ ବର୍ଷ ପରେ ମଧ୍ୟ ମନ୍ଦିରର ସାମୂହିକ ଉନ୍ନତ୍ତିକରଣ ହୋଇ ପାରିନାହିଁ। ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏଥିପାଇଁ ଯତ୍ନବାନ ନାହାଁନ୍ତି। ଲୋକାଲ ଫଣ୍ଡ ଅଡିଟ ହେଉନି, କେତେ ଟଙ୍କା ସଂଗ୍ରହ ହେଉଛି,କେତେ ଖର୍ଚ୍ଚ ହେଉଛି ତାହାର ହିସାବ ମଧ୍ୟ ସନ୍ଦେହ ଘେରରେ। ପୂର୍ବ ସରକାରରେ ମାଆଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, ପୋଖରୀ ପୁନଃରୁଦ୍ଧାର,ପ୍ରାଚେରୀ ନିର୍ମାଣ, ମନ୍ଦିର ପରିସରର ଆଲୋକିତ ଆଦି କାର୍ଯ୍ୟ ପାଇଁ ୩ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କା ପୂର୍ତ୍ତ ବିଭାଗ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଯାହାର କାର୍ଯ୍ୟ ଅବଧି ଗତ ଅକ୍ଟୋବର ମାସରେ ଶେଷ ହୋଇଛି। ହେଲେ ପ୍ରସ୍ତାବିତ କାର୍ଯ୍ୟର ମୋଟ ୩୦% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଗକୁ ମାଆଙ୍କ ପଣା ସଂକ୍ରାନ୍ତି ଉତ୍ସବ। ଅନେକ ଆଡୁ ହଜାର ହଜାର ଭକ୍ତ ସମାଗମ ହେବେ ହେଲେ ମାଆଙ୍କର ସବୁ ଥାଇ ମଧ୍ୟ ଉନ୍ନୟନ କାର୍ଯ୍ୟ ପାଇଁ କେହିବି ତତ୍ପରତା ଦେଖାଉ ନାହାଁନ୍ତି। ମୋତେ ଆପଣମାନେ ସହଯୋଗ କରନ୍ତୁ,ଲୋକ ପ୍ରତିନିଧି ମାନେ ଆଗକୁ ଆସନ୍ତୁ, ମାଆଙ୍କ ଆଶୀର୍ବାଦରେ ଏ ସର୍ବପୁରାତନ ମନ୍ଦିରର ସାମୂହିକ ଉନ୍ନତ୍ତିକରଣ ପାଇଁ ପ୍ରଶାସନିକ ହସ୍ତକ୍ଷେପ ଲୋଡ଼ିବାକୁ ଲଢେଇ କରିବା ପାଇଁ ସେ ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି।

# ଜାନୁଆରୀ ସୁଦ୍ଧା ସରିବ ହଂସପାଳ ଫ୍ଲାଏଓଭର



ଭୁବନେଶ୍ୱର,୧୪।୧୨ (ସଂଚାର ବ୍ୟୁରୋ): ହଂସପାଳ ଛକରେ ନିର୍ମାଣାଧୀନ ଫ୍ଲାଏଓଭର କାର୍ଯ୍ୟ ୨୦୨୫ ଜାନୁଆରୀ ସୁଦ୍ଧା ଶେଷ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଲକ୍ଷ୍ୟ ରଖିଛି। କଟକ-ଭୁବନେଶ୍ୱରକୁ ସଂଯୋଗ କରିଥିବା ୧୬ ନମ୍ବର ଜାତୀୟ ରାଜପଥର ହଂସପାଳଠାରେ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ରାଜ୍ୟସଭାରେ ପ୍ରଶ୍ନ କରିଥିଲେ ବିଜେଡି ସାଂସଦ ସସ୍ମିତ ପାତ୍ର । ଏହାର ଉତ୍ତରରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇଛନ୍ତି, କୋଭିଡ ମହାମାରୀ ଓ ପରବର୍ତ୍ତୀ ସମୟରେ କିଛି ଘର ସ୍ଥାନାନ୍ତର ଏବଂ ଠିକା ସଂସ୍ଥା ଯୋଗୁ ଏହି ପ୍ରକଳ୍ପ କାମ ବିଳମ୍ବ ହୋଇଥିଲା । କାମ ଠିକ୍ ଭାବେ ନ କରିବାରୁ ଗତ ଜୁନ୍‌ରେ ପୂର୍ବ ଠିକା ସଂସ୍ଥାକୁ ବିଦା କରି ଆଉ ଥରେ ଟେଣ୍ଡର ଆହ୍ୱାନ କରି ନୂଆ ସଂସ୍ଥାକୁ ନିଯୋଜିତ କରାଯାଇଛି । ବକେୟା କାମ ୨୦୨୫ ଜାନୁଆରୀ ସୁଦ୍ଧା ସରିବ ବୋଲି ଆଶା ରହିଛି। ହଂସପାଳ ଫ୍ଲାଏଓଭର ୬ ଲେନ୍ ବିଶିଷ୍ଟ ହେଉଥିବା ବେଳେ ଏଥିରୁ ଗୋଟିଏ ଫାଳ ଖୋଲିଛି । କଟକ ପଟୁ ଆସୁଥିବା ଯାନବାହନ ହଂସପାଳରୁ ଫ୍ଲାଏଓଭର ଚଢ଼ି ସିଧା କୁଆଖାଇ ବ୍ରିଜ୍ ଉପରେ ପହଞ୍ଚୁଛନ୍ତି । ମାତ୍ର ଭୁବନେଶ୍ୱର ପଟୁ ଯାଉଥିବା ଯାନବାହନ ପାଇଁ ହଂସପାଳରେ ଫ୍ଲାଏଓଭର କାମ ସରିନାହିଁ । ଏଥିଯୋଗୁ ପ୍ରତିଦିନ ଟ୍ରାଫିକ ସମସ୍ୟା ସହ ଅଞ୍ଚଳରେ ସାଂଘାତିକ ଧୂଳି ଉଡ଼ୁଛି। ସ୍ଥାନୀୟ ଅଞ୍ଚଳବାସୀ ଓ ରାସ୍ତାରେ ଯାଉଥିବା ଲୋକେ ଟ୍ରାଫିକ ଯନ୍ତ୍ରଣା ସହ ଧୂଳିଧୂଆଁରେ ପ୍ରତିଦିନ ନାକେଦମ ହେଉଛନ୍ତି । ଏହି ଫ୍ଲାଏଓଭର କାମ ୨୦୨୦ରୁ ଆରମ୍ଭ ହୋଇଥିଲା। ୪ ବର୍ଷ ପରେ ସୁଦ୍ଧା ଏହା ଶେଷ ହୋଇ ନ ଥିବାରୁ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

# ଆର୍‌ଆଇଡିଏଫ୍ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଦ୍ୱିତୀୟ ବୈଠକ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ) ଉଚ୍ଚ କ୍ଷମତା ସମ୍ପନ୍ନ ରାଜ୍ୟସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଗତକାଲି ଶୁକ୍ରବାର ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଆରଆଇଡିଏଫ ପାଣ୍ଠି ସହାୟତାରେ ଜଳସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ଏବଂ ସଂପୃକ୍ତ ବିଭାଗ ଅଧିନସ୍ଥ କାର୍ଯ୍ୟକାରୀ ସଂସ୍ଥା, ନିଗମ ଆଦି ଜରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଚଳିତ ଡିସେମ୍ବର ମାସ ୧୨ ତାରିଖ ସୁଦ୍ଧା ଏ ବାବଦରେ ରାଜ୍ୟ ବଜେଟରେ ରହିଥିବା ପ୍ରାବଧାନ ମୁତାବକ ବିଭିନ୍ନ ପ୍ରକଳ୍ପ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ଆରଆଇଡିଏଫ ଉପଯୋଗରେ ସଂପୂର୍ଣ୍ଣ କରାଯାଇ ସଫଳତା ହାସଲ କରାଯାଇଥିବା ପ୍ରକଳ୍ପଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇଥିଲା। ଉଚ୍ଚ କ୍ଷମତା ସଂପନ୍ନ କମିଟିର ଅନୁମୋଦନ କ୍ରମେ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ମଂଜୁରୀଲାଭ କରିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସ୍ଥିତି ସଂପର୍କରେ ଅନୁଧ୍ୟାନ କରାଯାଇଥିଲା। ବୈଠକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ନାବାର୍ଡ ତରଫରୁ କରାଯାଇଥିବା କ୍ଷେତ୍ର ପରିଦର୍ଶନ ବିବରଣୀ ସହ ଆବଶ୍ୟକ ପରାମର୍ଶ ଦିଆଯାଇଛି। ବିଭିନ୍ନ ନୂଆ ପ୍ରକଳ୍ପ ବାବଦରେ ଓଡ଼ିଶାକୁ ଅଧିକ ପାଣ୍ଠି ପ୍ରଦାନ ପାଇଁ ନାବାର୍ଡ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅଣୁ ଜଳସେଚନ ପାଣ୍ଠି (ମାଇକ୍ରୋ ଇରିଗେସନ ଫଣ୍ଡ) ଅଧିନରେ ମଞ୍ଜୁର ହେବାକୁ ଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା।

## ଟ୍ୱିନ୍ ସିଟି କ୍ରାଇମ୍

### ଦୁଇ ଚୋରଙ୍କୁ ବାନ୍ଧିଲା କ୍ୟାପିଟାଲ ଥାନା



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): କ୍ୟାପିଟାଲ ଥାନା ପୁଲିସ Capital PS Case No-613, dt.14.12.2024, U/S-303(2)/317(2)/3(5) BNS. At Cosmopolis, Near Khandagiri, BBSR UPD. ମାମଲାର ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କୁ ଆଧାର କରି କ୍ୟାପିଟାଲ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ପୁଲିସ ଟିମ ଅତର୍କିତ ଚଢଉ କରି ନିମ୍ନୋକ୍ତ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଏହି ଚଢଉ ବେଳେ ପୁଲିସ ନିମ୍ନୋକ୍ତ ଅଭିଯୁକ୍ତଙ୍କ ହେପାଜତରୁ ପୂର୍ବରୁ ଚୋରୀଯାଇଥିବା ଲୁହାରଡ଼, ୨ ଟି ମୋବାଇଲ ଫୋନ ଓ ଚୋରୀରେ ବ୍ୟବହୃତ ଏକ ଅଟୋକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ମାନେ ଖଣ୍ଡଗିରୀ ନିକଟସ୍ଥ କସମୋପଲିସ୍ ଅଞ୍ଚଳରେ ଏହି ଚୋରୀ କରିଥିବାର ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ ଅଭିଯୁକ୍ତ ଟୁନା ପ୍ରଧାନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୨ଟି ଓ ଅଭିଯୁକ୍ତ ଗୁଡ଼ୁଙ୍କ ନାମରେ ବଡଗଡ଼ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଅଛି।

### ବନ୍ଧାହେଲା ରସିକ ନାଗର



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରିଣୀଙ୍କ ଅଭିଯୋଗ କ୍ରମେ ମହିଳା ଥାନା ପୁଲିସ Mahila PS Case No- 170, Dtd.27.10.2024, U/S-75(2)/77/292(2)(a)/351(2) BNS 66(E)/67 IT Act. ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣକ ଏକ ବେସରକାରୀ ପ୍ରତିଷ୍ଠାନରେ କାମ କରିବା ସହ ତାଙ୍କର ଜଣେ ସହକର୍ମୀଙ୍କ ସହ ରହୁଥିଲେ। ସମୟ କ୍ରମେ ତାଙ୍କର ଅଭିଯୁକ୍ତଙ୍କ ସହ ଚିହ୍ନାପରିଚୟ ହେବା ପରେ ତାଙ୍କ ସହ ବନ୍ଧୁତା ହୋଇଥିଲା । ଏହା ମଧ୍ୟରେ ଉଭୟ ନିଜର ଅନ୍ୟ କିଛି ପରିଚିତ ବନ୍ଧୁଙ୍କ ସହ ମିଶି ପୁରୀ ଯାଇଥିବା ବେଳେ, ସେଠାରେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କ ଅଜାଣତରେ ତାଙ୍କ କିଛି ଆପତ୍ତି ଜନକ ଫଟୋ ନିଜ ମୋବାଇଲ ଫୋନରେ ଉଠାଇନେଇଥିଲେ । ଏହାକୁ ଆଧାର କରି ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କୁ ବ୍ଲାକମେଲ କରିବା ସହିତ ଶାରୀରିକ ସମ୍ପର୍କ ଲାଗି ତାଙ୍କ ଉପରେ ଚାପ ପକାଉଥିଲେ ଏବଂ ତାଙ୍କ ପ୍ରସ୍ତାବରେ ରାଜି ନହେଲେ ସେ ତାଙ୍କ ଫଟୋ ସବୁକୁ ଭାଇରାଲ କରିଦେବେ ବୋଲି ଧମକ ମଧ୍ୟ ଦେଉଥିଲେ। ଅଭିଯୁକ୍ତଙ୍କ ପ୍ରସ୍ତାବରେ ଅଭିଯୋଗକାରିଣୀ ସମ୍ମତି ପ୍ରକାଶ ନକରିବାରୁ, ଅଭିଯୁକ୍ତ ଜଣକ ତାଙ୍କର ଆପତ୍ତି ଜନକ ଫଟୋ ସବୁକୁ ତାଙ୍କର ବନ୍ଧୁ ପରିଜନଙ୍କ ପାଖକୁ ପଠାଇ ଦେଇଥିଲେ । ଏହି ମାମଲାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ନିକଟରୁ ତାଙ୍କ ମୋବାଇଲ ଫୋନକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ ।

### ଭ୍ୟାନିଟି ଝାମ୍ପି ବନ୍ଧା ହେଲେ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରିଣୀ ବସନ୍ତ ମଞ୍ଜରୀ ପରିଡାଙ୍କ ଏତଲା ଆଧାରରେ ମୈତ୍ରୀବିହାର ଥାନା ପୁଲିସ Matrivihar P.S Case No.551, Dtd.13.12.2024, U/s-304(2) BNS. At- Utkal Hospital Road, Near Birsa Munda Chhaka, PS- Matrivihar, BBSR UPD. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ କାଲି ତା ୧୩.୧୨.୨୦୨୪ ରିଖ ମଧ୍ୟାହ୍ନ ୧.୩୫ ସମୟରେ ଅଭିଯୋଗକାରିଣୀ ନିଜ ସ୍ୱାମୀଙ୍କ ସହିତ ମୋଟର ସାଇକେଲ ଯୋଗେ କେୟାର ହସ୍ପିଟାଲକୁ ଯାଉଥିଲେ । ଏହି ସମୟରେ ଏକ ଦୁର୍ବୃତ୍ତ ପଲସର ବାଇକ ଯୋଗେ ପଛପାଖରୁ ଆସି ଅଭିଯୋଗକାରିଣୀଙ୍କ ଭ୍ୟାନିଟି ବ୍ୟାଗଟିକୁ ବଳପୂର୍ବକ ଛଡ଼ାଇ ନେଇଯାଇଥିଲେ । ଏହା ଫଳରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମୋଟର ସାଇକଲରୁ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ । ପରେ ଅଭିଯୋଗକାରିଣୀ ଏନେଇ ସମ୍ପୃକ୍ତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରୁଥିବା ବେଳେ, ଏକ ବିଶେଷ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଗିରଫ ବେଳେ ଅଭିଯୁକ୍ତଙ୍କ ହେଫାଜତରୁ ୨ ଟି ଭ୍ୟାନିଟି ବ୍ୟାଗ ସହିତ ୪ ଟି ମୋବାଇଲ ଫୋନ ଓ ଚୋରୀରେ ବ୍ୟବହୃତ ବାଇକକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଭୁବନେଶ୍ୱରର ବିଭିର୍ନ ଥାନାରେ ୧୪ ଟି ଅପରାଧିକ ମାମଲା ରହିଥିବା ଜଣାପଡିଛି।

### ବୁଦ୍ଧିମାନ ଚୋରର ଖଡାଖିଆ ବୁଦ୍ଧି



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ବିପିନ ବିହାରୀ ଜେନାଙ୍କ ଏତଲା ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ Laxmisagar PS case No-597, dt.06.11.24, U/s- 318(4) BNS. PS- Laxmisagar, BBSR UPD. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏକ ପ୍ଲେଟ କିଣିବା ଯୋଜନା କ୍ରମରେ ନିମ୍ନୋକ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ । ଗତ ତା.୨୬.୦୬.୨୦୨୪ ରିଖ ନିମ୍ନୋକ୍ତ ଅଭିଯୁକ୍ତ ହଂସପାଳ ଅଞ୍ଚଳରେ ଏକ ପ୍ଲଟ କରାଇଦେବା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କ ନିକଟରୁ ୩.୪ ଲକ୍ଷ ନଗଦ ଟଙ୍କା ଅଗ୍ରୀମ ନେଇଥିଲେ । ପୁନଶ୍ଚ ତାପରଦିନ ୩୦,୦୦୦ ନଗଦ ଟଙ୍କା ନେବା ସହିତ ଏକ ରାଜିନାମା ସ୍ୱାକ୍ଷର କରିଥିଲେ । କିନ୍ତୁ ବହୁତ ଥର ଅଭିଯୋଗକାରୀ କହିଥିଲେ ମଧ୍ୟ ଅଭିଯୁକ୍ତ ଉକ୍ତ ପ୍ଲେଟଟିକୁ ତାଙ୍କ ନାମରେ କରୁନଥିଲେ । ପୁନଶ୍ଚ ଅଭିଯୁକ୍ତ ଜଣକ ଉକ୍ତ ପ୍ଲଟଟିକୁ ବ୍ୟାଙ୍କରୁ ମୁକୁଳେଇବାର ଆଳ ଦେଖାଇ ଅଭିଯୋଗକାରୀଙ୍କୁ ଅଧିକ ଟଙ୍କା ଦେବାଲାଗି କହିଥିଲେ । ଅଭିଯୋଗକାରି ଉକ୍ତ ପ୍ରସ୍ତାବରେ ରାଜି ନହେବାରୁ ଅଭିଯୁକ୍ତ ତାଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ । ଏନେଇ ଅଭିଯୋଗକାରୀ ସଂପୃକ୍ତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

# ବିଶ୍ୱ ଉତ୍ତାପ କମାଇବାରେ ଶକ୍ତି ସଂରକ୍ଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ




ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରୁ ଏକ ଜନସଚେତନତା ରାଲି କରାଯାଇଥିଲା । ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନସିଂହଦେଓ ଏହି ରାଲିକୁ ଉଦ୍‌ଘାଟନ କରିଥିଲେ । ଶକ୍ତି ବିଭାଗ ଏବଂ ସିଇଏସ୍‌ର କର୍ମଚାରୀମାନେ ରାଲି ସଂଚାଳନ କରିଥିଲେ। ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍), ଶକ୍ତି ବିଭାଗ ଦ୍ୱାରା ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏକ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥା, ଶିଳ୍ପ ସଂସ୍ଥା, ବୈଷୟିକ ବିଶେଷଜ୍ଞ, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ମଡେଲ୍ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଶକ୍ତି ଦକ୍ଷ ଉପକରଣ, ଇଲେକ୍‌ଟ୍ରିକ୍‌ଯାନ, ସୋଲାର ପ୍ୟାନେଲ ପ୍ରଦର୍ଶନ କରାଯାଇ ଏହାର ବ୍ୟବହାର ନିମନ୍ତେ ଉତ୍ସାହିତ କରାଯାଇଥିଲା। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶକ୍ତି ସଂରକ୍ଷଣରେ ଆମ ପଦକ୍ଷେପ କେବଳ ସେମିନାର, କନ୍‌ଫରେନ୍ସର ଚାରିକାନ୍ଥ ଭିତରେ ସୀମିତ ନ ରହି ଦୈନନ୍ଦିନ ଜୀବନରେ ହେବା ଉଚିତ। ଯେପରିକି, ଆବଶ୍ୟକ ନ ଥିଲେ ବିଦ୍ୟୁତ ଉପକରଣର ସ୍ୱିଚଗୁଡ଼ିକୁ ବନ୍ଦ ରଖିବା, ସବୁଜ ଶକ୍ତି, ଅକ୍ଷୟ ଶକ୍ତିର ବ୍ୟବହାର । ସମସ୍ତେ ମିଳିମିଶି ଶକ୍ତି ସଂରକ୍ଷଣରେ ସହଯୋଗ କରନ୍ତୁ, ଜଳବାୟୁ ପରିବର୍ତ୍ତନ ସଂଶୋଧନରେ ସହଭାଗୀ ହୁଅନ୍ତୁ । ବିକଶିତ ଭାରତ, ବିକଶିତ ଓଡ଼ିଶା ପାଇଁ ଆମକୁ ଶକ୍ତି ସଞ୍ଚୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ପଡ଼ିବ ଏବଂ ଭବିଷ୍ୟତପିଢ଼ିଙ୍କୁ ଏହି ଅଭ୍ୟାସରେ ବିନିଯୋଗ କରିବାକୁ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ।

# ହାତରେ ଥିବା ଲେଖାରୁ ମିଳିବ କି ମହିଳାଙ୍କ ପରିଚୟ?



କଟକ,୧୪।୧୨(ସଂଚାର ବ୍ୟୁରୋ): କଟକ ପରମହଂସ କାଠଯୋଡି ପଠାରେ ମହିଳାଙ୍କୁ ବୀଭତ୍ସ ହତ୍ୟାକାଣ୍ଡ ଘଟଣାକୁ ୨୪ ଘଣ୍ଟା ବିତିଲାଣି । ଏ ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ପାଇପାରିନାହିଁ ପୋଲିସ । ପୋଲିସ ପ୍ରଥମେ ମହିଳାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରୁଛି । ମହିଳାଙ୍କ ହାତରେ ଲେଖାଥିବା ଓମ୍ ବାବା ବଳିଆ ଓ ପିତା ମାତା ଲେଖାକୁ ନେଇ ମହିଳାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରୁଛି ପୋଲିସ । ପରିଚୟ ଜାଣିବାକୁ ପୋଲିସ ବାବା ବଳିଆ ଆଶ୍ରମକୁ ଯାଇ ମହିଳାଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଆରମ୍ଭ କରିଛି । ପରିଚୟ ଖୋଜିବା ପାଇଁ ମହିଳାଙ୍କ ଫିଙ୍ଗରପ୍ରିଣ୍ଟରୁ ଆଧାର ସହ ଯୋଗକରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି। ଏଥିସହ ପରିଚୟ ପାଇଁ ପୋଲିସ କଟକ ନିକଟବର୍ତ୍ତୀ ଜିଲ୍ଲାକୁ ଅବଗତ କରିଛି । ତେବେ ମହିଳାଙ୍କ ହାତରେ ବାବା ବଳିଆ ଲେଖା ଥିବାରୁ ସେ ଜଗତସିଂହପୁର ଜିଲ୍ଲାର ବୋଲି ସନ୍ଦେହ କରାଯାଉଛି। ଏଥିସହ ହତ୍ୟାକାଣ୍ଡ ଘଟିଥିବା ସ୍ଥାନରେ ଲାଗୁଥିବା ବିଭିନ୍ନ ସିସିଟିଭି କ୍ୟାମେରାର ଯାଞ୍ଚ ଆରମ୍ଭ କରିଛି ଏକ ଟିମ୍ । ତେବେ ମହିଳାଙ୍କ ପରିଚୟ ପାଇବା ଏବେ ପୋଲିସ ପାଇଁ ବଡ଼ ଚାଲେଞ୍ଜ । ମହିଳାଙ୍କ ପରିଚୟ ମିଳିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି କଟକ ଡିସିପି କହିଛନ୍ତି ।

# ଧୋକା ଦେଇ ଜେଲ ଗଲେ ବୈଷୟିକ ପରାମର୍ଶଦାତା



ଟିଟିଲାଗଡ,୧୪।୧୨(ସଂଚାର ବ୍ୟୁରୋ): ବିବାହର ପ୍ରତିଶ୍ରୁତି ଦେଇ ମହିଳା ଯନ୍ତ୍ରୀଙ୍କ ସହିତ ରଖିଥିଲେ ଶାରୀରିକ ସମ୍ପର୍କ। ଦୀର୍ଘ ସମୟ ଧରି ଏକାଠୀ ଗୋଟିଏ ରୁମ୍‌ରେ ରହୁଥିଲେ! ହେଲେ ପରବର୍ତ୍ତୀ ସମୟରେ ପ୍ରେମିକାଙ୍କୁ ଧୋକା ଦେଇ ଅନ୍ୟ ଜଣେ ଯୁବତୀଙ୍କ ସହିତ ନିର୍ବନ୍ଧ କରିବା ମହଙ୍ଗା ପଡ଼ିଛି। ଶେଷରେ ଜେଲ ଗଲେ ଟିଟିଲାଗଡ଼ ବ୍ଲକ ବୈଷୟିକ ପରାମର୍ଶ ଦାତା ଆଶିଷ ପାଢ଼ୀ। ଟିଟିଲାଗଡ କ୍ଷୁଦ୍ର ଜଳ ସେଚନ ବିଭାଗରେ ଯନ୍ତ୍ରୀ ଭାବେ କାମ କରୁଥିଲେ ଜଣେ ଆଦିବାସୀ ଯୁବତୀ। ସେହି ସମୟରେ ଟିଟିଲାଗଡ ବ୍ଲକ୍ ଅଫିସରେ ବୈଷୟିକ ପରାମର୍ଶ ଦାତା ଭାବେ କାମ କରୁଥିଲେ ଆଶିଷ ପାଢ଼ୀ। ଗୋଟିଏ ଅଫିସ୍‌ରେ କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ନିକଟର ହୋଇଥିଲେ। ପରବର୍ତ୍ତୀ ସମୟରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ ଆଶିଷ! ଏପରିକି ଉଭୟ ଏକା ସଙ୍ଗେ ରହୁଥିବା ଅଭିଯୋଗ ହୋଇଛି।

# ୨୦୨୭ ସୁଦ୍ଧା ଏକ କୋଟି ପିଏମ୍ ସୂର୍ଯ୍ୟ ଘର

ନୂଆଦିଲ୍ଲୀ, ୧୪।୧୨: ବିଶ୍ୱର ସର୍ବ ବୃହତ ଘରୋଇ ସୌର ଶକ୍ତି ଯୋଜନା ହେଉଛି ପିଏମ ସୂର୍ଯ୍ୟ ଘର - ମାଗଣା ବିଜୁଳି ଯୋଜନା ବା ପିଏମଏସଜିଏମବିୱାଇ। ଭାରତବର୍ଷରେ ସୌର ଶକ୍ତିର ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଏହା ବିଶେଷ ସହାୟକ ହୋଇପାରିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୧୦ ଲକ୍ଷ, ଅକ୍ଟୋବର ୨୦୨୫ ସୁଦ୍ଧା ୨୦ ଲକ୍ଷ, ମାର୍ଚ୍ଚ ୨୦୨୬ ସୁଦ୍ଧା ୪୦ ଲକ୍ଷ, ମାର୍ଚ୍ଚ ୨୦୨୭ ସୁଦ୍ଧା ଏକ କୋଟି ଆବଶ୍ୟକୀୟ ଯନ୍ତ୍ରପାତି ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସ ପିଛା ୭୦ ହଜାର ଲେଖାଏଁ ନଅ ମାସ ଭିତରେ ୬.୩ ଲକ୍ଷ ଆବଶ୍ୟକୀୟ ଯନ୍ତ୍ରପାତି ଲଗାଯାଇଥିବା କୁହାଯାଇଛି। ଫେବୃଆରୀ ୨୦୨୪ରେ ଏହି ଯୋଜନା ଆରମ୍ଭ ହେବା ପରେ ପ୍ରତି ମାସରେ ଲଗାଯାଉଥିବା ଯନ୍ତ୍ରପାତିକୁ ଏବେ ଦଶଗୁଣା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏକ୍ଷେତ୍ରରେ ଗୁଜରାଟ, ମହାରାଷ୍ଟ୍ର, କେରଳ ଓ ଉତରପ୍ରଦେଶ ବିଶେଷ ଅଗ୍ରଗତି କରିଛି। ସୌର ଶକ୍ତି ଯନ୍ତ୍ରପାତି ଲଗାଇବା ନେଇ ପ୍ରାଥମିକ ପର୍ଯ୍ୟାୟରେ ରହିଥିବା ସମସ୍ତ ସମସ୍ୟାକୁ ଏହା ଭିତରେ ସମାଧାନ କରାଯାଇଛି। ଆବଶ୍ୟକୀୟ ଶକ୍ତି ସଂସ୍ଥାପନ ଲାଗି ବିତରକ ସମ୍ପାନୀଗୁଡିକ କାମ କରିଛନ୍ତି। ଏପରିକି ୧୦ କିଲୋ ବାଟ ପର୍ଯ୍ୟନ୍ତ ସିଷ୍ଟମ ଲାଗି ଟେକ୍ନିକାଲ ଫିଜିବିଲିଟି ରିପୋର୍ଟ ବା ଟିଏଫଆରକୁ ଛାଡ କରାଯାଇଛି।

# ମହଙ୍ଗା ପଡିଲା ଆଇଫୋନ ଚୋରି



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରି ରାକେଶ କୁମାର ଖଟୁଆଙ୍କ ଏତଲା ଆଧାରରେ ପାହାଳ ଥାନା ପୁଲିସ Pahal PS Case No.506, Dt.01.12.2024, U/S-305(a) BNS 2023. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପେଷାରେ ଏକ ମେକପମ୍ୟାନ ଭାବେ ଏକ ଟିଭି ଚ୍ୟାନେଲରେ କାର୍ଯରତ। ନିମ୍ନୋକ୍ତ ଅଭିଯୁକ୍ତ ମନୋଜ, ପୂର୍ବରୁ ଅଭିଯୋଗକାରୀଙ୍କ ସହିତ ଏକାଠି କାମ କରି ଆସୁଥିଲା। ଗତ ତା.୩୦.୧୧.୨୦୨୪ ରିଖ ରାତିରେ ଅଭିଯୁକ୍ତ ଓ ଅଭିଯୋଗକାରୀ କାମ ସାରି ଏକାଠି ଗୋଟିଏ ରୁମରେ ଶୋଇଥିବା ବେଳେ, ଅଭିଯୁକ୍ତ ଜଣକ ସୁଯୋଗ ଉଣ୍ଡି, ଅଭିଯୋଗକାରୀଙ୍କ ଆଇଫୋନ ଓ କିଛି ନଗଦ ଟଙ୍କା ଚୋରୀକରି ସେଠାରୁ ଫେରାର ହୋଇଯାଇଥିଲା । ଏନେଇ ଅଭିଯୋଗକାରୀ ସମ୍ପୃକ୍ତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରୁଥିବାବେଳେ, ଏକ ବିଶେଷ ସୂତ୍ରରୁ ସୂଚନା ପାଇ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ପୁରୀ ଏନଏଚ ବାଇପାସ ପାଖରୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଗିରଫ ବେଳେ ଅଭିଯୁକ୍ତଙ୍କ ହେଫାଜତରୁ ଚୋରୀଯାଇଥିବା ଆଇଫୋନ ଓ ନଗଦ ୨୨୦ଟଙ୍କା ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ କଟକର ମର୍କତନଗର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି ।

# ପୁସ୍ତକ କଲେ 'ପୌରାଣିକ ତଥ୍ୟାବଳୀର ସଂକଳନ' ଲୋକାର୍ପିତ

ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଇଂ ସୁଧୀର କୁମାର ସାହୁଙ୍କ ଦ୍ୱାରା ସଂକଳିତ ମୂଳ ଇଂରାଜୀର ଓଡ଼ିଆ ଅନୁବାଦ 'ପୌରାଣିକ ତଥ୍ୟାବଳୀର ସଂକଳନ' ପୁସ୍ତକ ମେଳା ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଲୋକାର୍ପିତ ହୋଇଯାଇଛି । ସସ୍ମିତା ସାହୁ ଓ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ଅନୂଦିତ ପୁସ୍ତକକୁ ପ୍ରକାଶ କରିଛନ୍ତି ସୃଜନ, ଭୁବନେଶ୍ୱର । ଲୋକାର୍ପଣ ଉତ୍ସବରେ ପରେଶ ପଟ୍ଟନାୟକ, ସହଦେବ ସାହୁ, ଗୌତମ ଜେନା, ରକ୍ଷକ ନାୟକ, ସୂର୍ଯ୍ୟ ଦେଓ, ପ୍ରକାଶକ ସୁଧୀର ମଉଡ଼ମଣି ପ୍ରମୁଖ ସାହିତ୍ୟିକମାନେ ଉପସ୍ଥିତ ଥିଲେ ।



# ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ(ଭୁବନେଶ୍ୱର)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶସେବୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ। ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ପୃଷ୍ଠପୋଷକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି। ଓଡିଆର ସ୍ୱାଭିମାନ ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ମୁଖ୍ୟବକ୍ତା ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ ଜନ୍ମ ଜୟନ୍ତି ପାଳନର ଆବଶ୍ୟକତା ସେହି ଯୋଗଜନ୍ମାଙ୍କ ପାଇଁ ଯେଉଁମାନେ ଏ ଓଡିଶା ମାଟିକୁ ତାଙ୍କ ମହାର୍ଘ ସେବାରେ ସମର୍ପିତ କରିଛନ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସେହିଭଳି ଜଣେ ମହାପୁରୁଷ। ମାତ୍ର ୫୭ ବର୍ଷ ଜୀବନ କାଳରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଓଡିଶା ରାଜ୍ୟ ଗଠନରେ ତାଙ୍କର ଭୂମିକାକୁ ଆଜି ବି ଏ ଜାତି ସ୍ମରଣ କରୁଛି। ଶ୍ରୀ ପଟ୍ଟନାୟକ ତାଙ୍କୁ ଜଣେ ସ୍ପଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ଅଭିହିତ କରି କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମ୍ବାଦପତ୍ରର ସମ୍ପାଦନା କରି ଓଡ଼ିଆ ପତ୍ରିକା ସମ୍ପାଦନା ଓ ଶୁଦ୍ଧ ପାଠ୍ୟପୁସ୍ତକ ସମ୍ପାଦନାକୁ ମହତ୍ୱ ପ୍ରଦାନ କରିଛନ୍ତି।

# ଅଧିକ ଚାଉଳ ଉତ୍ପାଦନ

## ଅନ୍ୟ ଫସଲ ପାଇଁ କାଳ ହେଲାଣି



ଭୁବନେଶ୍ୱର,୧୪।୧୨: ରାଜ୍ୟରେ ଆବଶ୍ୟକତା ଠାରୁ ଢେର ଅଧିକ ଚାଉଳ ଉତ୍ପାଦନ ଏବେ ଅନ୍ୟ ଚାଷପାଇଁ କାଳ ହୋଇଛି। ଧାନ ଚାଷ କରୁଥିବାବେଳେ ଚାଷୀମାନେ ସରକାରଙ୍କୁ ଧାନ ବିକି ତତ୍କାଳ ଅର୍ଥ ପାଇଯାଉଥିବାରୁ ଅନ୍ୟ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନଥିବା କୁହାଯାଉଛି। ରାଜ୍ୟର ଆଗଧାଡିର ଚାଷୀମାନେ କହିଛନ୍ତି ଯେ ସରକାର ଯେଭଳି ଧାନ ବିକ୍ରିକରି ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ଅର୍ଥ ପ୍ରଦାନ କରୁଛନ୍ତି ଅନ୍ୟ ଫସଲ କ୍ଷେତ୍ରରେ ତାହା ହେଉନାହିଁ। ବିଶେଷକରି ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ତାହା ହେଉନଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେଉଁଥିପାଇଁ ରାଜ୍ୟରେ ଏହାର ଉତ୍ପାଦନ ଆଶାନୁରୂପ ହୋଇପାରୁ ନାହିଁ। ଗତ ବର୍ଷ ରାଜ୍ୟରେ ୪୦ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ଧାନ ଚାଷ ହୋଇଥିବାବେଳେ ୧୧୫ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ହୋଇଥିଲା। ରାଜ୍ୟର ଆବଶ୍ୟକତା ଥିବା ପ୍ରାୟ ୬୪ଲକ୍ଷ ମେଟ୍ରିକ ଟନ୍। ଓଡ଼ିଶାରେ ଆବଶ୍ୟକତା ଠାରୁ ଢେର ଅଧିକ ଚାଉଳ ଉତ୍ପାଦନ ହୋଇଛି। ସରକାର ଧାନ ଖରିଦ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସହ ଚାଷୀଙ୍କ ଘରପାଖରୁ ଧାନ କିଣୁଥିବାରୁ ଚାଷୀମାନେ ପ୍ରାୟ ସବୁ ଜିଲ୍ଲାରେ ଧାନଚାଷ ପାଇଁ ଆଗ୍ରହୀ। ଧାନ ଉତ୍ପାଦନ ଆବଶ୍ୟକତା ଠାରୁ ଢେର ଅଧିକ ହୋଇଥିବାବେଳେ ଡାଲି ଉତ୍ପାଦନ ଚାହିଦା ଠାରୁ ସାମାନ୍ୟ ଅଧିକ ରହିଛି। ରାଜ୍ୟର ଡାଲି ଚାହିଦା ୧୧ଲକ୍ଷ ମେଟ୍ରିକ ଟନ୍ ଥିବାବେଳେ ଉତ୍ପାଦନ ହୋଇଛି ୧୩ଲକ୍ଷ ମେଟ୍ରିକ ଟନ୍। ତେବେ ହରଡଡାଲି ଉତ୍ପାଦନ ୨ଲକ୍ଷ ମେଟ୍ରିକ ଟନ୍‌ରୁ କମ୍ ରହିଥିବାରୁ ଓଡ଼ିଶା ବର୍ଷସାରା ଅନ୍ୟ ରାଜ୍ୟରୁ ଡାଲି ଆମଦାନୀ କରୁଛି। କାରଣ ରାଜ୍ୟବାସୀ ଖାଉଥିବା ଡାଲି ମଧ୍ୟରେ ସର୍ବାଧିକ ରହିଛି ହରଡ। ସେହିଭଳି ଚାଷୀମାନେ ଉତ୍ପାଦନ କରୁଥିବା ବିରି, ମୁଗ, କୋଳଥ ଆଦି ଡାଲି ଜାତୀୟ ଶସ୍ୟ ଧାନ ଭଳି ସରକାର ଖରିଦ କରୁନାହାନ୍ତି କି ଚାଷୀମାନେ ସେମାନଙ୍କର ପ୍ରାପ୍ୟ ପାଇପାରୁ ନାହାନ୍ତି। ତୈଳବୀଜ ଉତ୍ପାଦନର ଅବସ୍ଥା ଅତି ଶୋଚନୀୟ। ରାଜ୍ୟରେ ଆବଶ୍ୟକ ୨୧ଲକ୍ଷ ମେଟ୍ରିକ ଟନ୍। ହେଲେ ଉତ୍ପାଦନ ହୋଇଛି ୬ଲକ୍ଷ ମେଟ୍ରିକ ଟନ୍। ଚାଷୀମାନେ ତୈଳବୀଜ ଚାଷ ପ୍ରତି ଆଦୌ ଆଗ୍ରହୀ ନୁହନ୍ତି। ରାଜ୍ୟରେ ଏକଦା ଲୋକପ୍ରିୟ ଥିବା ସୁବର୍ଣ୍ଣା ତେଲ ଉତ୍ପାଦନ ବନ୍ଦ ହୋଇଯିବା ପରେ ସରକାରୀ ସ୍ତରରେ ଖାଇବା ତେଲ ଉତ୍ପାଦନର କୌଣସି ବ୍ୟବସ୍ଥା ନାହିଁ। ତେଣୁ ସରକାର ତୈଳବୀଜ କିଣିବାପାଇଁ ସେଭଳି କୌଣସି ବ୍ୟବସ୍ଥା କରିନାହାନ୍ତି। ଏଥିଯୋଗୁଁ ଚାଷୀମାନେ ତୈଳବୀଜ ଚାଷ ଅପେକ୍ଷା ଧାନ ଚାଷ କରି ଦୁଇପଇସା ପାଇବାପାଇଁ ଆଗ୍ରହୀଥିବା ମତ ଦେଉଛନ୍ତି। ଡାଲି, ତେଲ ଭଳି ଆଳୁ, ପିଆଜ ଆଦି କୃଷିଜାତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଚଳିତ ଖରିଫ ଋତୁରେ ସରକାର ଧାନ କୁଇଣ୍ଟାଲ ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡ୍ ପ୍ରଦାନ କରି ମୋଟ୍ ୩୧ ଟଙ୍କାରେ କିଣିବେ। ହେଲେ ଡାଲି, ତୈଳବୀଜ ଆଦି ଅନ୍ୟ କୃଷିଜାତ ସାମଗ୍ରୀ ଉପରେ କୌଣସି ରିହାତି ଘୋଷଣା ହୋଇନାହିଁ। ଏହାର ପ୍ରଭାବ ଆଗାମୀ ଦିନରେ ଅର୍ଥକରୀ ଫସଲ ଉତ୍ପାଦନ ଉପରେ ପଡ଼ିବ ବୋଲି ଚାଷୀମାନେ ମତ ଦେଉଛନ୍ତି। (ତଥ୍ୟ)

# ସୋଆ ଓ ମାଲା ରେଡି ବିଶ୍ୱବିଦ୍ୟାପୀଠ ମଧ୍ୟରେ ବୁଝାମଣାପତ୍ର




ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦ ସ୍ଥିତ ମାଲା ରେଡି ବିଶ୍ୱବିଦ୍ୟାପୀଠ ମଧ୍ୟରେ ଶୁକ୍ରବାର ଦିନ ଏଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଏମ୍‌ଆର୍‌ଭି ସହଯୋଗ ଭିତିରେ ଶିଳ୍ପ ଜଗତର ଆବଶ୍ୟକତାକୁ ଆଖିରେ ରଖି ଶୈକ୍ଷିକ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ଯେପରି ଭବିଷ୍ୟତର ଆବଶ୍ୟକତାକୁ ଏହା ପୂରଣ କରିବ। ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟ ଏକତ୍ର ଶିକ୍ଷା, ଗବେଷଣା, ନୂତନ ପ୍ରବର୍ତନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ। ସ୍ୱାସ୍ଥ୍ୟ ସେବା, ମେଡିକାଲ୍ ଟେକ୍ନୋଲଜି, ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍, ଲାଇଫ୍ ସାଇନ୍ସ ଓ ଇଞ୍ଜିନିୟରିଂ ଇତ୍ୟାଦି କ୍ଷେତ୍ରରେ ଗବେଷଣା ନିମନ୍ତେ ଜାତୀୟ ତଥା ଆନ୍ତର୍ଜାତିକ ସଂସ୍ଥାର ଅର୍ଥ ଯୋଗାଣ ନିମନ୍ତେ ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଉଦ୍ୟମ କରିବେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଏମ୍‌ଆର୍‌ଭିର ରେଜିଷ୍ଟ୍ରାର ଡକ୍ଟର ମନ୍ଥନ ଜାନୋଡିଆ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସମୟରେ ଏମ୍‌ଆର୍‌ଭିର ଚିଫ୍ ଇନୋଭେସନ୍ ଅଫିସର ଡକ୍ଟର ବିକାଶ ସାହୁ ଓ ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ଅଫିସର ଡକ୍ଟର ଏଲୋଜିତା ରାଉତ ଉପସ୍ଥିତ ଥିଲେ। ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ଓ ପ୍ରଫେସର ଇ. ସୁବୁଦ୍ଧି ମଧ୍ୟ ଉପସ୍ଥିତ ଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ପ୍ରତିସମର୍ପଣ- ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କ କହିଛନ୍ତି ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସର୍ପଣ କରିବାକୁ। ଯିଏ ଈଶ୍ୱରଙ୍କୁ ନିଜର ସମସ୍ତ କର୍ମ ସମର୍ପିତ କରିଦିଏ ତା ପାଇଁ କର୍ମଫଳ ନାହିଁ। ସେ ନିଷ୍କାମ ଜୀବନ ବିତାଇଥାଏ।

SANCHAR
ସଂଚାର

୪
ରବିବାର ୧୫ ଡିସେମ୍ବର ୨୦୨୪, ଭୁବନେଶ୍ୱର
Sunday 15 December 2024 Bhubaneswar

# ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ

ସାରା ଦେଶରେ ଏକ ସମୟରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନିମନ୍ତେ ପ୍ରସ୍ତାବିତ ୱାନ ନେସ୍ ୱାନ ଇଲେକ୍ସନ ବା ଏକକ ନିର୍ବାଚନ ଲାଗି ଚିଠା ବିଲକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ସଂସଦର ଚଳିତ ଅଧିବେଶନରେ ଏହି ବିଲ ସଂସଦରେ ଉପସ୍ଥାପନ କରାଯିବ ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। କିନ୍ତୁ ବିରୋଧୀ ଦଳ ଏହାକୁ ସହଜରେ ଗ୍ରହଣ କରିବେ ନାହିଁ। ତେଣୁ ଏହି ବିଲ ଆଇନରେ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ରହିଛି। ଏହା ଉପରେ ସହମତି ବିନା ଏହା କେବେ ବି କାର୍ଯ୍ୟକାରୀ ହୋଇପାରିବ ନାହିଁ। ବିରୋଧୀ କଂଗ୍ରେସ, ଡିଏମକେ, ଟିଏମସି ଆଦି ଦଳମାନେ ଏହାକୁ ଦେଶର ସମ୍ବିଧାନ ବିରୋଧୀ ଏବଂ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ବୋଲି କହିଛନ୍ତି। ଭାରତ ହେଉଛି ବିଭିନ୍ନ ରାଜ୍ୟର ଏକ ସଂଘ। ସବୁ ରାଜ୍ୟର ସ୍ୱତନ୍ତ୍ରତା ଏବଂ ସ୍ୱାଧୀନତା ରହିଛି। କେନ୍ଦ୍ର ସରକାର ରାଜ୍ୟ ଉପରେ କିଛି ନିଷ୍ପତ୍ତିକୁ ଲଦି ପାରିବେ ନାହିଁ। ସେଥିପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ରାଜ୍ୟ ବିଧାନସଭା।ର ଅନୁମୋଦନ ଆବଶ୍ୟକ କରିଥାଏ। ଧାରା ୩୭୦ ଉଚ୍ଛେଦ ଲାଗି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭାର ସ୍ୱୀକୃତି ଆବଶ୍ୟକ ପଡ଼ିଥିଲା। ଏକକ ନିର୍ବାଚନ ଆଇନ ପ୍ରଣୟନ ଲାଗି ଏକାଧିକ ସମ୍ବିଧାନ ପ୍ରସ୍ତାବ ଆସିବ। ଏହା ସଂସଦ ଏବଂ ବିଧାନସଭାରେ ଗୃହୀତ ହେବା ଜରୁରୀ। ସଂସଦର ଉଭୟ ଗୃହରେ ଶାସକ ଏନଡିଏର ସଂଖ୍ୟାଗରିଷ୍ଠତା ରହିଛି। କିନ୍ତୁ ସମ୍ବିଧାନ ସଂଶୋଧନ ବିଲ ଅନୁମୋଦନ ପାଇଁ ସାଧାରଣ ସଂଖ୍ୟାଗରିଷ୍ଠତା ନୁହେଁ, ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ ଯାହା ବର୍ତ୍ତମାନ ପରିସ୍ଥିତିରେ ଅସମ୍ଭବ ମନେ ହେଉଛି। ଏକକ ନିର୍ବାଚନ ପ୍ରସ୍ତାବ ଉପରେ ଅନେକ ଦିନ ହେବ କେନ୍ଦ୍ର ସରକାର ଚିନ୍ତା କରୁଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା ହେଉଛି ମାନସ ସନ୍ତାନ। ଏ ସମ୍ପର୍କରେ ସମୀକ୍ଷା କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପୂର୍ବରୁ ରାଷ୍ଟ୍ରପତିଙ୍କୁ ତାଙ୍କ ସୁପାରିସ ପୁସ୍ତିକା ହସ୍ତାନ୍ତର କରି ଆସାରିଛନ୍ତି। କେନ୍ଦ୍ର କ୍ୟାବିନେଟ ମଧ୍ୟ ଏହାକୁ ଅନୁମୋଦନ କରିଛନ୍ତି। ଏବେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଚାର ବିମର୍ଶ ଏବଂ ଉଦ୍ୟମ ଆରମ୍ଭ କରିଛନ୍ତି। ରାମନାଥ କୋବିନ୍ଦ କମିଟି ସୁପାରିସ ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକକାଳିନ ହେବ। ଏବେ ଲୋକସଭା ନିର୍ବାଚନ ସହିତ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଏକକାଳିନ ହେଉଛି। ସେହିପରି ଲୋକସଭା ଏବଂ ବିଧାନସଭା ନିର୍ବାଚନର ୩ ମାସ ଭିତରେ ସାରା ଦେଶରେ ସ୍ଥାନୀୟ ପୌର ସଂସ୍ଥା ଏବଂ ପଞ୍ଚାୟତ ନିର୍ବାଚନ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏ ସମସ୍ତ ନିର୍ବାଚନ ହେବ। ଏହାର ଉଦ୍ଦେଶ୍ୟ ହେଲା ନିର୍ବାଚନ ବାବଦରେ ହେଉଥିବା ଖର୍ଚ୍ଚ କମାଇବା ଏବଂ ବାରମ୍ବାର ନିର୍ବାଚନ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶ ମୂଳକ କାର୍ଯ୍ୟରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ଦୂର କରିବା। ଏହା ଏକ ଉତ୍ତମ ଚିନ୍ତାଧାରା। ୨୦୦୪ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକ ଏହି ଚିନ୍ତାଧାରା ନେଇ ବିଧାନସଭାକୁ ଆଗୁଆ ଭାଙ୍ଗି ଲୋକସଭା ନିର୍ବାଚନ ସହିତ ଏକାଠି କଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି କେତେକ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି ହେଉଛି। ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ନିର୍ବାଚନ ସହିତ ଏକତ୍ରିତ କରିବାକୁ ଯେଉଁ ;ଯୋଜନା କରାଯାଉଛି ତାହା କିଛି ଖରାପ ଚିନ୍ତାରା ନୁହେଁ। ଏମିତି ଲୋକସଭା ନିର୍ବାଚନର ୭/୮ ମାସ ପୂର୍ବରୁ କେତେକ ରାଜ୍ୟର ନିର୍ବାଚନ ହେଉଛି। ଲେଶକସଭା ନିର୍ବାଚନ ପରେ ପରେ ହରିୟାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଏହାର ୨ ମାସ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେଉଛି। ଏସବୁ ରାଜ୍ୟ ବିଧାନସଭା ନିର୍ବାଚନ ଲୋକସଭା ସହିତ ଏକାଠି କଲେ ଭଲ ହେବ। ତେଣୁ ସାରା ଦେଶରେ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ପରିବର୍ତ୍ତେ ପ୍ରଥମେ ୧୦/୧୨ଟି ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି କରାଯାଇପାରେ। ପର୍ଯ୍ୟାୟକ୍ରମେ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। କିନ୍ତୁ ଏଥିପାଇଁ ସହମତିର ଆବଶ୍ୟକତା ରହିଛି। କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଏହାକୁ ସମର୍ଥନ କରୁ ନାହାଁନ୍ତି। ସବୁ ରାଜନୈତିକ ଦଳର ସମର୍ଥନ ଏବଂ ସହଯୋଗ ବିନା ଏହା ସମ୍ଭବ ହୋଇପାରିବ ନାହିଁ। କାରଣ ଏଥିପାଇଁ ସଂସଦରେ ସମ୍ବିଧାନ ସଂଶୋଧନ ବିଲ ଗୃହୀତ ହେବା ଆବଶ୍ୟକ। ଲୋକସଭାରେ ଶାସକ ମେଣ୍ଟ ସଂଖ୍ୟାଗରିଷ୍ଠ ହୋଇଥିଲେ ମଧ୍ୟ ରାଜ୍ୟସଭାରେ ଏହା ନିକଟରେ ସଂଖ୍ୟା ନାହିଁ। ଦ୍ୱିତୀୟରେ କେବଳ ସାଧାରଣ ସଂଖ୍ୟାଗରିଷ୍ଠତା ନୁହେଁ, ସମ୍ବିଧାନ ସଂଶୋଧନ ବିଲ ଗୃହୀତ କରାଇବାକୁ ହେଲେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଛି। ଶାସକ ମେଣ୍ଟର ସଂସଦର କୌଣସି ଗୃହରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ। ଶାସକ ମେଣ୍ଟ ଏନଡିଏ ଏହାର ପାଖାପାଖି ମଧ୍ୟ ନାହିଁ। ଏଭଳି କ୍ଷେତ୍ରରେ ବିରୋଧୀ ଦଳର ସମର୍ଥନ ଏବଂ ସହଯୋଗ ବିନା ସମ୍ବିଧାନ ସଂଶୋଧନ ବିଲ ଗୃହୀତ ହେବା ଅସମ୍ଭବ। ସରକାର ଏହି ବିଲକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ପାରନ୍ତି। କମିଟିର ସୁପାରିସ ଆଧାରରେ ସରକାର ଚିଠା ବିଲରେ ସଂଶୋଧନ କରିବେ। କିନ୍ତୁ ନିକଟ ଭବିଷ୍ୟତରେ ଏକକ ନିର୍ବାଚନ ଚିନ୍ତାଧରା କାର୍ଯ୍ୟକାରୀ ହେବା ଆଶା ଦେଖାଯାଉନି। ତେଣୁ କେନ୍ଦ୍ର ସରକାର ଏଭଳି ଏକ ବିବାଦୀୟ ପ୍ରସଙ୍ଗରେ ବିତର୍କ କରି ସମୟ ନଷ୍ଟ କରିବା ଅନୁଚିତ। ଦେଶ ଆଗରେ ଆହୁରି ଅନେକ ସମସଞ୍ଚା ରହିଛି। ଦରବୃଦ୍ଧିରେ ସାଧରଣ ଜନତା ଭାରାକ୍ରାନ୍ତ। ଏହାର ମୁକାବିଲା ବା ନିରାକରଣ ନିମନ୍ତେ ସରକାର ସର୍ବଦଳୀୟ ବୈଠକ ଡାକିବା ଉଚିତ। ସେହିପରି ୨୦୨୧ର ଜନଗଣନା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏହା ତୁରନ୍ତ କରାଯିବା ଉଚିତ। ଏଭଳି ଆହୁରି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ଆଲୋଚନା ହେବା ଉଚିତ। ଏକକ ନିର୍ବାଚନ ଭଲ ଚିନ୍ତାଧାରା, କିନ୍ତୁ ଏହାକୁ ପ୍ରାଥମିକତା ଦେବାର ଆବଶ୍ୟକତା ନାହିଁ। ତେବେ ନିର୍ବାଚନ ବ୍ୟବସ୍ଥା କିପରି ଅଧିକ ସ୍ୱଚ୍ଛ, ସରଳ ହୋଇପାରିବ ଏବଂ ନିର୍ବାଚନରେ ବିପୁଳ ଅର୍ଥ ବ୍ୟୟକୁ ରେକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବା ଉଚିତ। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତା ସହଜ ନୁହେଁ। ଏଥିପାଇଁ ସଂସଦ ଭିତରେ ଓ ବାହାରେ ବ୍ୟାପକ ବିତର୍କ ଆବଶ୍ୟକତା ରହିଛି। କାରଣ ଏହା ଉପରେ ଦେଶର ଗଣତନ୍ତ୍ର ଏବଂ ସାମ୍ବିଧନିକ ବିଧି ବ୍ୟବସ୍ଥା ନିର୍ଭରଶୀଳ। ଲୋକସଭା ସହିତ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମ୍ଭବ ହୋଇପାରେ। କିନ୍ତୁ ଏହା ସହିତ ସାରା ଦେଶରେ ପଞ୍ଚାୟତ ଏବଂ ପୌର ନିର୍ବାଚନ କରିବା ଏତେ ସହଜ ନୁହେଁ। ଏଥିପାଇଁ କେବଳ ସହମତି ନୁହେଁ, ପ୍ରଶାସନିକ ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟ ଆବଶ୍ୟକ।

## ସମ୍ପାଦକଙ୍କୁ ପତ୍ର

### ଶିକ୍ଷାର ଗୁଣବତ୍ତା ବୃଦ୍ଧି ଦିଗରେ କିଛି ପଦକ୍ଷେପର ଆବଶ୍ୟକତା

**ମହାଶୟ,**

ବିଦ୍ୟାର୍ଥୀ ମାନଙ୍କର ଗୁଣାତ୍ମକ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ସିଲାବସ ଅନୁଯାୟୀ ନିର୍ଦ୍ଧାରିତ ପୁସ୍ତକ ଅନୁସରଣ କରି ବିଦ୍ୟାର୍ଥୀମାନେ ଯେପରି ସମସ୍ତ ବିଷୟରେ ମୌଳିକ ଭାବରେ ସୁଦୃଢ଼ ହେବେ ଏବଂ ପରୀକ୍ଷା ସମୟରେ ଯେପରି ଅସାଧୁ ଉପାୟ ଅବଲମ୍ବନ ନକରିବେ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଅନୁଷ୍ଠାନର ଭିତ୍ତିଭୂମି ବିକାଶ, ଶିକ୍ଷକ ତାଲିମ୍, ବୈଷୟିକ ଜ୍ଞାନର ବ୍ୟବହାର, ଛାତ୍ର ଶିକ୍ଷକ ଅନୁପାତ ବଜାୟ ରଖିବା, ଶୈକ୍ଷିକ ଶିକ୍ଷା, ବୃତ୍ତିଗତ ପାଠ୍ୟକ୍ରମ, ଉତ୍ତମ ଲାଇବ୍ରେରୀ ତଥା ଇଣ୍ଟରନେଟ ବ୍ୟବସ୍ଥା, ଅଧିକ ଏକାଗ୍ରତା ପାଇଁ ଯୋଗାଭ୍ୟାସ, ଖେଳକୁଦ, ମନୋରଞ୍ଜନର ବ୍ୟବସ୍ଥା, ଅଧିକ ତଥା ଅଦ୍ୟତନ ଜ୍ଞାନ ଆହରଣ ପାଇଁ ବିଶେଷଜ୍ଞ ମାନଙ୍କ ଦ୍ୱାରା ସେମିନାର, କୁଇଜ ଆଦିର ଆୟୋଜନ ଇତ୍ୟାଦି ବ୍ୟବସ୍ଥା ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବାରେ ସହାୟକ ହୋଇଥାଏ।

**ନବନିତ ପାଣିଗ୍ରାହୀ, ରାୟଗଡା**

# ସମ୍ଭଲ ବିବାଦର ଐତିହାସିକ ପୃଷ୍ଠଭୂମି

**ଡ. ସମନ୍ୱୟ ନନ୍ଦ**



ବର୍ତ୍ତମାନ କିଛି ଦିନ ହେଲା ଉତ୍ତର ପ୍ରଦେଶର ସମ୍ଭଲ ଓ ଏଠାରେ ଥିବା ଶାହୀ ଜାମା ମସଜିଦ ଚର୍ଚ୍ଚାର କେନ୍ଦ୍ରରେ ଅଛି। ସମ୍ଭଲରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଛନ୍ତି। ହିନ୍ଦୁ ମାନେ ଏହି ତଥାକଥିତ ମସଜିଦକୁ ହରିହର ମନ୍ଦିର ବୋଲି କହି ଆସୁଛନ୍ତି। ମାନନୀୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଏହାର ସର୍ଭେ କାର୍ଯ୍ୟ ପାଇଁ ଯାଇଥିବା ଦଳ ଉପରେ କିଛି ଦିନ ତଳେ ହଠାତ ହଜାର ହଜାର ମୁସଲମାନ ଏକାଠି ହୋଇ ପଥର ମାଡ କରିଥିଲେ। ଏହି ଘଟଣା ପର ଠାରୁ ଦେଶ ଓ ବିଦେଶର ଗଣମାଧ୍ୟମରେ ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇ ସାରିଛି। ହିନ୍ଦୁ ଶାସ୍ତ୍ର ଓ ଧାର୍ମିକ ମାନ୍ୟତା ଅନୁସାରେ ସମ୍ଭଲ ଠାରେ ଭଗବାନ ବିଷ୍ଣୁ କଳ୍କୀ ଅବତାର ଭାବେ ଜନ୍ମ ଗ୍ରହଣ କରିବେ। ତେଣୁ ସେହି ଦୃଷ୍ଟିରୁ ଏହି ସ୍ଥାନଟି ହିନ୍ଦୁ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ଲେଖାରେ ଆମେ ସମ୍ଭଲର ଏହି ତଥାକଥିତ ମସଜିଦ ଓ ହରିହର ମନ୍ଦିରର ବିବାଦର ଐତିହାସିକତା ଉପରେ ଆଲୋଚନା କରିବା। ଇତିହାସର ସାକ୍ଷ୍ୟ କଣ କହୁଛି ସେ ବିଷୟରେ ଚର୍ଚ୍ଚା କରିବା। ମୁସଲମାନମାନେ ଦାବି କରନ୍ତି ଯେ, ସମ୍ଭଲରେ ଥିବା ଏହି ଐତିହାସିକ ମସଜିଦକୁ ଷୋଡଶ ଶତାବ୍ଦୀରେ ବିଦେଶୀ ମୋଗଲ ଆକ୍ରମଣକାରୀ ବାବର ନିର୍ମାଣ କରାଇଥିଲା। କିନ୍ତୁ ଏହି ଦାବିର କୌଣସି ସତ୍ୟତା ନାହିଁ। ବାବର ଏହି ମସଜିଦକୁ ନିର୍ମାଣ କରାଇ ନ ଥିଲା। ଉନବିଂଶ ଶତାବ୍ଦୀ ଯାଏ ଏଠାରେ କୌଣସି ମସଜିଦ ନ ଥିଲା। ଏଠାରେ ହରିହର ମନ୍ଦିର ଥିଲା।

ଯଦି ମୁସଲମାନ ମାନଙ୍କର ଦାବିରେ ସତ୍ୟତା ଥାଆନ୍ତା ଓ ବାବର ସମ୍ଭଲରେ ଥିବା ଏହି ମସଜିଦର ନିର୍ମାଣ କରାଇଥାନ୍ତା ତେବେ ମୁସଲମାନ ସାହିତ୍ୟରେ ଏହାର ଉଲ୍ଲେଖ ନିଶ୍ଚିତ ଭାବେ ରହିଥାନ୍ତା। ଅତି କମରେ ବାବରନାମାରେ ଏହାର ଉଲ୍ଲେଖ ନିଶ୍ଚିତ ଥାଆନ୍ତା। କିନ୍ତୁ ବାବରନାମାରେ ବାବର ଦ୍ୱାରା ସମ୍ଭଲ ଠାରେ ଏହି ମସଜିଦ ନିର୍ମାଣ କରାଇବାର କୌଣସି ଉଲ୍ଲେଖ ନାହିଁ। କେବଳ ସେତିକି ନୁହେଁ ସେହି ସମୟର କୌଣସି ଇସଲାମୀ ସାହିତ୍ୟରେ ଏହି ମସଜିଦର ଆଦୌ ଉଲ୍ଲେଖ ନାହିଁ। ଆଉ ଗୋଟିଏ ଉଲ୍ଲେଖନୀୟ ବିଷୟ ହେଲା ଆବୁଲ ଫଜଲ ଆଇନ ଏ ଆକବରୀ ପୁସ୍ତକରେ ସମ୍ଭଲ ବିଷୟରେ ଉଲ୍ଲେଖ କରିଛନ୍ତି। ହେଲେ ସେ ଏହି ପୁସ୍ତକରେ କୌଣସି ମସଜିଦ ବିଷୟରେ ଉଲ୍ଲେଖ କରି ନାହାନ୍ତି ବରଂ ସେଠାରେ ଏକ ବିଷ୍ଣୁ ମନ୍ଦିର ଥିବା ଉଲ୍ଲେଖ କରିଛନ୍ତି।

ଆବୁଲ ଫଜଲ ତାଙ୍କ ପୁସ୍ତକରେ ବିଷ୍ଣୁ ମନ୍ଦିରର ଉଲ୍ଲେଖ କରୁଛନ୍ତି। ଏହାର ଅର୍ଥ ହେଲା ଯେ ଷୋଡଶ ଶତାବ୍ଦୀରେ ସେତେବେଳେ ସମ୍ଭଲରେ ବିଷ୍ଣୁ ମନ୍ଦିର ଥିଲା। ବାବର ଦ୍ୱାରା ନିର୍ମିତ ହୋଇଥିବା ତଥାକଥିତ ମସଜିଦର ଚିହ୍ନ ବର୍ଣ ମଧ୍ୟ ନ ଥିଲା। ତେଣୁ ଏହାର ପରବର୍ତ୍ତୀ ସମୟରେ ମଧ୍ୟ କୌଣସି ଇସଲାମୀ ସାହିତ୍ୟରେ ଏହି ତଥାକଥିତ ମସଜିଦର କୌଣସି ରେକର୍ଡ ମିଳେ ନାହିଁ। ତେବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ରିପୋର୍ଟ ବାସ୍ତବ ଚିତ୍ର ପ୍ରଦାନ କରିଥାଏ। ୧୮୭୧ -୭୨ ମସିହାରେ ଜଣେ ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ କାରାଇଲ ଆଗ୍ରା ଅଞ୍ଚଳକୁ ଯାଇଥିଲେ। ସେ ସେତେବେଳେ ସମ୍ଭଲ ଠାରେ ସର୍ଭେ କରିଥିଲେ। ସେ ତାଙ୍କର ସର୍ଭେ ରିପୋର୍ଟରେ ଯାହା ଉଲ୍ଲେଖ କରିଥିଲେ ତାକୁ ଦେଖିଲେ ଏହାର ବାସ୍ତବିକତା କଣ ତାହା ସ୍ପଷ୍ଟ ହୋଇଯାଏ।

ସେ ତାଙ୍କର ରିପୋର୍ଟରେ ସମ୍ଭଲର ମୁଖ୍ୟ ଭବନକୁ ଜାମା ମସଜିଦ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁସଲମାନ ମାନେ କହନ୍ତି ଯେ ଏହାର ନିର୍ମାଣ ବାବର କରିଥିଲା। ହେଲେ କ୍ୟାମ୍ପବେଲ ସଙ୍ଗେ ସଙ୍ଗେ ତାଙ୍କ ରିପୋର୍ଟରେ ମୁସଲମାନ ମାନଙ୍କ ଏହି ଦାବି ସତ୍ୟ ନୁହେଁ ବରଂ ମିଥ୍ୟା ତାହା ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି।

ସେ ତାଙ୍କର ଏହି ରିପୋର୍ଟରେ ଲେଖିଛନ୍ତି ଯେ, ସମ୍ଭଲର ଅନେକ ସ୍ଥାନୀୟ ମୁସଲମାନ ତାଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସମ୍ଭଲର ଏହି ମସଜିଦ ବାସ୍ତବରେ ଏକ ଠକେଇ। ଏହାକୁ ବାବର ନିର୍ମାଣ କରାଇଥିବା ବୋଲି ପ୍ରମାଣିତ କରିବାକୁ ଯାଇ ସେଠାରେ ଏକ ନକଲୀ ଶିଳାଲେଖ ମଧ୍ୟ ସେମାନେ ଲଗାଇଥିଲେ। ଅନେକ



ସ୍ଥାନୀୟ ମୁସଲମାନ ମାନେ ତାଙ୍କୁ ଆଗରେ ରହସ୍ୟୋଦଘାଟନ କରିଥିଲେ ଯେ, ୧୮୫୦ ମସିହା ଯାଏ ଏହି ସ୍ଥାନ ଉପରେ ମୁସଲମାନ ମାନଙ୍କର କବଜା ହୋଇ ନ ଥିଲା।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆଗକୁ ଲେଖିଛନ୍ତି. ଏହି ଭବନ ମୂଳରୁ ଏକ ହିନ୍ଦୁ ମନ୍ଦିର ଥିଲା। ମୁସଲମାନ ମାନେ ଠକେଇ କରି ଏହା ଉପରେ କବଜା କରି ନେଇଥିଲେ। ଏହା ପରେ ସ୍ଥାନୀୟ ହିନ୍ଦୁ ମାନେ ଏହି ସ୍ଥାନକୁ ପୁନଃ ପ୍ରାପ୍ତ କରିବାକୁ ଅଦାଲତକୁ ଯାଇଥିଲେ। ହେଲେ ମୁସଲମାନ ମାନେ ମିଛ ସାକ୍ଷୀ ଦେଇ ଏହି ମାମଲାରେ ବିଜୟୀ ହୋଇଥିଲେ। କାରଣ ସେତେବେଳେ ସମ୍ଭଲ ଅଞ୍ଚଳ ରେ ହିନ୍ଦୁ ମାନେ ସଂଖ୍ୟା ଲଘୁ ହୋଇ ସାରିଥିଲେ।

ତେବେ ମୁସଲମାନ ମାନେ ଧୋଖାଧଡି କରିବାକୁ ଯାଇ ଯେଉଁ ବାବରର ଶୀଳାଲେଖ ଲଗାଇଥିଲେ ସେଥିରେ ମଧ୍ୟ ବାବରର ନାମର ସ୍ପେଲିଂ ଭୁଲ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଆଗକୁ କୁହାଯାଇଥିଲା ଯେ, ବର୍ତ୍ତମାନର ଯେଉଁ ଭବନ ଯାହାକୁ ଶାହୀ ଜାମା ମସଜିଦ କୁହାଯାଉଛି ତାହା ଆଦୌ ମସଜିଦ ନୁହେଁ। ବାବର ଏହାର ନିର୍ମାଣ କରାଇ ନାହିଁ। ବର୍ତ୍ତମାନର ସଂରଚନାକୁ ରାଜା ପୃଥ୍ୱୀରାଜ ଚୌହାନ ଦ୍ୱାରା ହିନ୍ଦୁ ମନ୍ଦିର ଭାବେ ନିର୍ମାଣ କରାଯାଇଥିଲା। ମୁସଲମାନ ମାନେ ଏହା ଉପରେ ଜୋର ଜବରଦସ୍ତି କବ୍ଜା କରି ଏହାକୁ ମୁସଲମାନ ପୂଜା ସ୍ଥଳରେ ପରିବର୍ତ୍ତନ କରି ଦେଇଛନ୍ତି।

କ୍ୟାମ୍ପବେଲ ତାଙ୍କ ରିପୋର୍ଟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ମୁସଲମାନ ମାନେ କାନ୍ଥ ଗୁଡିକରେ ମୂଳ ହିନ୍ଦୁ ସାମଗ୍ରୀକୁ ଲୁଚାଇବାକୁ କୋଟିଂ କରିବାକୁ ପ୍ରୟାସ କରିଛନ୍ତି। ପ୍ରତ୍ନତତ୍ତ୍ୱବିତ ମାନେ ସେତେବେଳେ ଅନେକ ସ୍ଥାନରେ ଦେଖିଲେ ଯେ ହିନ୍ଦୁ କଳା କାନ୍ଥରେ ଅଙ୍କିତ ହୋଇଛି। ମୁସଲମାନ ମାନେ ମୂର୍ତ୍ତିକୁ ଓଲଟା କରି ପୁଣି ଥରେ ସେଠାରେ ତାକୁ ପ୍ରୟୋଗ କରିଛନ୍ତି। ମୁସଲମାନ ମାନେ ଏତେ ପଥର ସେଠାରୁ ହଟାଇ ନେଇଥିଲେ ଯେ ଏହାର ସଂରଚନାର ପ୍ରାଚୀର ପତଳା ଓ ଦୁର୍ବଳ ହୋଇଯାଇଥିଲା। ଏହି ପରି ଭାବେ ଏକ ଭବ୍ୟ ମନ୍ଦିରକୁ ମସଜିଦରେ ପରିବର୍ତ୍ତିତ କରିଦିଆଯାଇଥିଲା।

ଐତିହାସିକ ବ୍ରିଜେନ୍ଦ୍ର ମୋହନ ଶଙ୍ଖଧର ସମ୍ଭଲ ଉପରେ ଅନୁସନ୍ଧାନ କରିଛନ୍ତି। ଦୀର୍ଘ ବର୍ଷର ଅନୁସନ୍ଧାନର ପରେ ତାଙ୍କର ପୁସ୍ତକ ସମ୍ଭଲ - ଏ ହିଷ୍ଟୋରିକାଲ ସର୍ଭେ ପ୍ରକାଶିତ ହୋଇଛି। ସେ ଏହି ପୁସ୍ତକରେ ନିଷ୍କର୍ଷ ବାହାର କରିଛନ୍ତି ଯେ ଏହି ମସଜିଦକୁ ବାବର ତିଆରି କରି ନାହିଁ। ବାବରର ଏହି ତଥାକଥିତ ଶିଳାଲେଖ ଇତିହାସର ସବୁଠାରୁ ବଡ ଧୂର୍ତ୍ତତା ଅଟେ। ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ କ୍ୟାମ୍ପବେଲ ହୁଅନ୍ତୁ ବା ଐତିହାସିକ ବ୍ରିଜେନ୍ଦ୍ର ମୋହନ ହୁଅନ୍ତୁ ଉଭୟ ଏହି ନିଷ୍କର୍ଷରେ ଉପନୀତ ହୋଇଛନ୍ତି ଯେ ସମ୍ଭଲର ମସଜିଦ ୧୫ତମ ଶତାବ୍ଦୀରେ ନିର୍ମିତ ହୋଇ ନାହିଁ ଯେପରିକି ମୁସଲମାନ ମାନଙ୍କ ଦ୍ୱାରା ଦାବି କରାଯାଉଛି। ଏହି ମନ୍ଦିର ଉପରେ କବଜା କରି ଉନବିଂଶ ଶତାବ୍ଦୀରେ ମସଜିଦରେ ପରିବର୍ତ୍ତିତ କରି ଦିଆଯାଇଛି। ତେବେ ଗଙ୍ଗା ପ୍ରସାଦ ଭଳି ଐତିହାସିକ ବାବରର ତଥାକଥିତ ଶିଳାଲେଖକୁ ସତ ବୋଲି ମନେ କରି ଏହାକୁ ବାବର ତିଆରି କରିଥିବା ଉଲ୍ଲେଖ କରିଛନ୍ତି। କିନ୍ତୁ ସମସ୍ତେ ଗୋଟିଏ କଥାରେ ଏକ ମତ ଯେ ଏହି ତଥାକଥିତ ମସଜିଦ ହିନ୍ଦୁ ମନ୍ଦିର ଉପରେ କବଜା କରି ଠିଆ କରାଯାଇଛି। ଏଥିରେ କେହି ଦ୍ୱିମତ ନାହାନ୍ତି।

ତେଣୁ ସମ୍ବିଧାନ ପ୍ରଦତ ଅଧିକାରକୁ ବ୍ୟବହାର କରି ତଥ୍ୟ ଓ ପ୍ରମାଣ ଆଧାରରେ ଏହାର ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ଗୋଟିଏ ବର୍ଗ ରାଜରାସ୍ତାରେ ପଥର ଫିଙ୍ଗି ଶକ୍ତି ପ୍ରଦର୍ଶନ ଜରିଆରେ ନିଜର ମତକୁ ମନାଇବାକୁ ଚେଷ୍ଟା କରୁଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ସେକୁଲାର ରାଜନୀତି କରୁଥିବା ରାଜନୈତିକ ଦଳ ଯେଉଁ ମାନେ ସମ୍ବିଧାନ ବିପଦରେ ଅଛି ବୋଲି ଚିତ୍କାର କରି ଆସୁଛନ୍ତି, ସେମାନେ ଏହି ପ୍ରସଙ୍ଗରେ ସମ୍ବିଧାନ ଅନୁସାରେ ନୁହେଁ ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କରୁଥିବା ଲୋକଙ୍କ ସହ ଠିଆ ହୋଇଛନ୍ତି। ଏହା ଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ?

# ଗତି କୁଆଡ଼େ ଆମର

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି। ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ। ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ। ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ। ତେଣୁ ସମ୍ଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ। ଏହା କୌଣସି ଧର୍ମର ପ୍ରଚାର କରେନାହିଁ। ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର। ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ। କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ। ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳି ଯାଇଛି ଦୃଷ୍ଟିଭଙ୍ଗୀ। ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା। ଅବଶ୍ୟ ଏହାରି ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ। ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା



ହେଉଛି ମାନବର ସହଜାତ। ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି। କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସମ୍ପୃକ୍ତି ମଧ୍ୟ ଦେଇ ହେବା ଆବଶ୍ୟକ। କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ। ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ। କାରଣ ଆଜିର ମାନବ ହେଉଛି ଆତ୍ମସଚେତନ, ସମୟ ସଚେତନ ତଥା ଐତିହ୍ୟ ସଚେତନ। ତା'ପାଇଁ ପରମ୍ପରା ଓ ସଂସ୍କୃତି; ଅତୀତ ପ୍ରତି ଏକ ବିହ୍ୱଳ ସମ୍ପୃକ୍ତି କେବଳ ନୁହେଁ। ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ। ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ।

ବାସ୍ତବିକ କହିବାକୁ ଗଲେ ସଂସ୍କୃତି ରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ। ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି; ଯେଉଁଠାରେ ଆପଣାର ଅନିଚ୍ଛା ସତ୍ତ୍ୱେ ମଧ୍ୟ ସେ ଦୁଃଖ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ। ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ, ସମଗ୍ର ବିଶ୍ୱର ଜଳବାୟୁ। କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନ୍କା। ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ। ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି। ତେଣୁ ତ ଆମ ସ୍ୱପ୍ନରେ- ସମ୍ଭାବନାରେ- ସାମର୍ଥ୍ୟରେ; ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**

# ଚିନ୍ତା ବଢ଼ାଇଛି ସ୍ମାର୍ଟଫୋନ ଓ ସୋସିଆଲ ମିଡ଼ିଆ



**ପ୍ରଦେଶ ପ୍ରତ୍ୟୁଷ**

ଆଜିକା ସମୟରେ ଯଦି ଲୋକଙ୍କର ସବୁଠୁ ଅଧିକ କିଏ ନିଜର ଥାଏ, ତାହା ହେଉଛି ସ୍ମାର୍ଟଫୋନ ଓ ସୋସିଆଲ ମିଡ଼ିଆ। ଏହି ଦୁଇଟି ଜିନିଷକୁ କେହି ବି କ୍ଷଣେ ଦୂରେଇ ରହି ପାରୁ ନାହାନ୍ତି। ଯେମିତି ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ଲୋକେ ଖାଇବା ପିଇବା ପଛକେ ଭୁଲି ଯାଉଛନ୍ତି କିନ୍ତୁ , ସୋସିଆଲ ମିଡ଼ିଆକୁ ନୁହେଁ। ଦିନକୁ ଦିନ ଏହାର ମାୟା ଜାଲରେ ଛନ୍ଦି ହୋଇ ପଡୁଛନ୍ତି ଛୋଟରୁ ବଡ଼ ସବୁ ବୟସର ଲୋକେ। ସ୍ମାର୍ଟଫୋନ ଓ ସୋସିଆଲ ମିଡିଆ ଯେମିତି ମହାମାରୀ ଭଳି ସମସ୍ତଙ୍କଠାରେ ସଂକ୍ରମିତ । କେମିତି ଏଥିରୁ ଦୂରେଇ ହେବ ସେଇ ଚିନ୍ତାରେ ସମସ୍ତେ। କାରଣ ବେଳହୁଁ ସାବଧାନ ନହେଲେ ସ୍ଥିତି ସାଂଘାତିକ ହୋଇପାରେ। ଆମର ଏ ସୁନ୍ଦର ସମାଜ ଅବନତିର ଶିକାର ହେବାକୁ ଆଉ ବେଶି ସମୟ ନୁହେଁ। ସ୍ମାର୍ଟଫୋନ୍ ଓ ସୋସିଆଲ ମିଡ଼ିଆରେ ଲୋକେ ବହୁତ ସମୟ ବିତାଉଛନ୍ତି।

ବଡ଼ ତ ବଡ଼ ଛୋଟ ପିଲାମାନେ ମଧ୍ୟ ଏହି ମାୟାରେ ପଡ଼ି ଯାଇଛନ୍ତି । ସେମାନେ ବି ସ୍ମାର୍ଟଫୋନକୁ ଛାଡ଼ିବାକୁ ନାରାଜ। ଯାହାକି ଏକ ବିପଜ୍ଜନକ ସ୍ଥିତି ଉପୁଜିଛି। ସବୁ ଘରେ ଏବେ ଏହି ସମସ୍ୟା । ପିଲାଙ୍କୁ କେମିତି ସ୍ମାର୍ଟଫୋନ ଠାରୁ ଦୂରେଇବେ। ଫୋନ୍ ପାଇଁ ଅନେକ ହରକତ ବି କରୁଛନ୍ତି ପିଲାମାନେ। ଫୋନରୁ ବିଭିନ୍ନ ପ୍ରକାରର ରିଲ୍ସ ଓ ଭିଡିଓ ଦେଖି ସେହି ଭଳି ଆଚରଣ କରୁଛନ୍ତି। ଘରେ ଭଙ୍ଗା ରୁଜା ଫିଙ୍ଗା ଫୋପଡ଼ା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ପ୍ରକାରର ବ୍ୟବହାର କରୁଛନ୍ତି। ଏହା ଛଡ଼ା ସେମାନଙ୍କର ମାନସିକ ଓ ଶାରୀରିକ ଅବସ୍ଥାରେ ମଧ୍ୟ ନକରାତ୍ମକ ପ୍ରଭାବ ପଡୁଛି। ପିଲାର ବୌଦ୍ଧିକ ଶକ୍ତି ହ୍ରାସ ପାଉଥିବା ଅନେକ ବିଶେଷଜ୍ଞ କହିଛନ୍ତି। ଏହାସହ ଶରୀର ବି ଅସୁସ୍ଥ ହେଉଛି। ଖାଇବା ପିଇବା ଉପରେ ସେମାନଙ୍କର ରୁଚି କମି ଯାଉଛି।

କିଛି ଦିନ ପୂର୍ବେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଉଠାଇଛି। ଦେଶରେ ସୋସିଆଲ ମିଡ଼ିଆ ବ୍ୟାନ କରିବାର ନିଷ୍ପତ୍ତି ନେଇଛି। ସେପଟେ ସ୍ପେନରେ ମଧ୍ୟ ସ୍ମାର୍ଟଫୋନକୁ ନେଇ କିଛି ପଦକ୍ଷେପ ଉଠାଇବାକୁ ଦାବି କରାଯାଉଛି। ରିପୋର୍ଟ ଅନୁସାରେ, ବିଶେଷଜ୍ଞମାନେ ସରକାରଙ୍କ ପାଖେ ଦାବି କରିଛନ୍ତି ଯେ, ସ୍ପେନରେ ବିକ୍ରି ହେଉଥିବା ସ୍ମାର୍ଟଫୋନରେ ସ୍ୱାସ୍ଥ୍ୟ ସଂପର୍କତି ସମସ୍ୟାର ବିସ୍ତୃତ ବିବରଣୀ ଦିଆଯିବା ଉଚିତ୍। ଏହା ବି କୁହାଯାଏ କି ଚେକଅପ୍ ବେଳେ ଡାକ୍ତରମାନେ ରୋଗୀଙ୍କୁ ସ୍କ୍ରିନ୍



ଟାଇମ୍ ବିଷୟରେ ମଧ୍ୟ ପଚାରିବା ଉଚିତ୍।

ଏହି କ୍ରମରେ ସ୍ପେନ୍ ତା ଦେଶରେ ପିଲାଙ୍କୁ ଟେକ୍ନୋଲଜି ଠାରୁ ଦୂରେଇ ରଖିବାକୁ ଏକ ଆଇନ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହି କ୍ରମରେ ଏକ ଡ୍ରାଫ୍ଟ ପ୍ରସ୍ତୁତ କରୁଛି। ୫୦ ଜଣ ବିଶେଷଜ୍ଞଙ୍କର ଏକ କମିଟି ଦାବି କରିଛନ୍ତି କି , ୧୩ ବର୍ଷ ଓ ଏହା ଠାରୁ କମ୍ ବୟସର ପିଲାଙ୍କୁ ଡିଜିଟାଲ ଡିଭାଇସେସର ଏକ୍ସପୋଜରକୁ କମାଇ ଦିଆଯିବା ଉଚିତ୍। ବିଶେଷଜ୍ଞମାନେ ୨୫୦ ପୃଷ୍ଠାର ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି, ଯାହା ମୁତାବିକ ୩ ବର୍ଷରୁ କମ୍ ବୟସର ପିଲାଙ୍କୁ ଡିଜିଟାଲ ଡିଭାଇସେସର କୌଣସି ଏକ୍ସପୋଜର ଦିଆଯିବା ଉଚିତ୍ ନୁହେ।

୬ରୁ ୧୨ ବର୍ଷ ବୟସର ପିଲାଙ୍କୁ ଡମ୍ବ ଫୋନ୍ ବ୍ୟବହାର କରିବା ଉଚିତ୍। ଏହି ସବୁ ଫୋନରେ ଇଣ୍ଟରନେଟର ଆକ୍ସେସ ହୋଇ ନଥାଏ। ତାଙ୍କୁ କେବଳ କଲିଂ ଓ ଅଫଲାଇନ୍ ଆକ୍ଟିଭିଟି ପାଇଁ ହିଁ ବ୍ୟବହାର କରାଯିବ। ଏହାସହ କମିଟି ଦାବି କରିଛି ଯେ, ସ୍ପେନରେ ବିକ୍ରି ହେଉଥିବା ଡିଜିଟାଲ ଡିଭାଇସେସ୍ ଉପରେ ଏକ ୱାର୍ଣ୍ଣିଂ ଲେବଲ ମଧ୍ୟ ହେବା ଉଚିତ୍।

ଏହା ଉପରେ ସୂଚନା ଦିଆ ଯିବା ଉଚିତ୍ ଯେ, ସୋସିଆଲ ମିଡ଼ିଆ ଓ ଡିଜିଟାଲ ଡିଭାଇସରେ କେଉଁସବୁ ସ୍ୱାସ୍ଥ୍ୟଗତ ସମସ୍ୟା ହେବ। ଏଥିରେ ୱାର୍ଣ୍ଣିଂ ବଛା ବଛା ଆପ୍ସ ବା ପ୍ଲାଟଫର୍ମକୁ ଓପେନ କରିବାରେ ମଧ୍ୟ ଆସିବା ଉଚିତ୍। ଏହାସହ କୌଣସି ଆପ୍ଲିକେସନକୁ ସର୍ବାଧିକ କେତେ ସମୟ ବ୍ୟବହାର କରାଯାଇ ପାରିବ , ଏହାର ସୂଚନା ମଧ୍ୟ ମିଳିବା ଉଚିତ୍।

ସ୍ପେନରେ ଦାବି କରାଯାଉଛି କି ମୋବାଇଲ ଫୋନ୍ ଆଡିକ୍ସନକୁ ପବ୍ଲିକ୍ ହେଲଥ୍ ପ୍ରୋବ୍ଲେମ୍ ଘୋଷିତ କରିଦେବା ଉଚିତ୍ । ଆଉ ମଧ୍ୟ ଏ ଭିତରେ ଗେମର ହବ୍ ପାଲଟି ଥିବା ଚୀନ ଏବେ ଦେଶରେ ଭିଡ଼ିଓ ଗେମ୍ ଉପରେ ଅଙ୍କୁଶ ଲଗାଇବା ଆରମ୍ଭ କରିଦେଇଛି। ଏବେ ଚୀନର୍ ଶି ଜିନପିଙ୍ଗ ସରକାର ପିଲାଙ୍କୁ ଭିଡିଓ ଗେମ୍ ଖେଳିବା ଉପରେ ଅଙ୍କୁଶ ଲଗାଇଛନ୍ତି। ଚୀନରେ ଦୃଢ ନିୟମ ଯେ , ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ କେବଳ ଏକ ଘଣ୍ଟା ଅନଲାଇନ୍ ଗେମିଂର ଅନୁମତି ହେବ। ସାରା ଦୁନିଆରେ ସୋସିଆଲ ମିଡ଼ିଆ ଓ ସ୍ମାର୍ଟଫୋନ୍କୁ ନେଇ ସରକାରଙ୍କ ଉପରେ ବଡ଼ ପଦକ୍ଷେପ ନେବାକୁ ଚାପ ସୃଷ୍ଟି ହେଉଛି। ପିଲାଙ୍କ ଠାରେ ସ୍ମାର୍ଟଫୋନ ଓ ସୋସିଆଲ ମିଡିଆରେ ବଢୁଥିବା ଅଭ୍ୟାସ ପିତାମାତାଙ୍କ ପାଇଁ ଗୁରୁତର ଚ୍ୟାଲେଞ୍ଜ ହେବାକୁ ଯାଉଛି।

ଏଣୁ ଏଥିରେ ଘରର ବଡ଼ ମାନଙ୍କୁ ସଜାଗ ହେବାକୁ ପଡ଼ିବ। କାରଣ ପିଲାମାନେ ସବୁବେଳେ ଘରର ବୟସ୍କ ବା ବଡ଼ ମାନଙ୍କୁ ଅନୁକରଣ କରନ୍ତି । ସେମାନେ ଯଦି ମୋବାଇଲ ଓ ସୋସିଆଲ ମିଡ଼ିଆରେ ବ୍ୟସ୍ତ ରହିବେ । ଏହି ପ୍ରଭାବ ପିଲାମାନଙ୍କ ଉପରେ ବି ପଡ଼ିବ । ସେ ବି ଏଥିରେ ଅଭ୍ୟାସରେ ପଡ଼ିଯିବେ । ଏଥିପାଇଁ ଆମେମାନେ ବି ସେମାନଙ୍କର ଭଲ ପାଇଁ ନିଜ ଖୁସିରୁ କିଛି ତ୍ୟାଗ କରିବାକୁ ହେବ।

**କୁରୁମଟାଙ୍ଗର, ମହୁଲପଡ଼ା , ଢେଙ୍କାନାଳ**
**ମୋବାଇଲ: ୭୦୦୮୪୩୧୨୫୭**

## କୃଷକଙ୍କ ଦିଲ୍ଲୀ ଚଲୋ ଅଭିଯାନ

# ପୋଲିସର ଲୁହବୁହା ଗ୍ୟାସ ଓ ପାଣିମାଡ଼



**ନୂଆଦିଲ୍ଲୀ, ୧୪।୧୨:** ଫସଲର ଏମଏସପିକୁ ଆଇନଗତ ସ୍ୱୀକୃତି ପ୍ରଦାନ ଏବଂ ଅନ୍ୟ ଦାବି ନେଇ କୃଷକଙ୍କ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆଜି ପଞ୍ଜାବ ଓ ହରିୟାନାର ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ତେବେ ଦିଲ୍ଲୀ ସୀମାରେ ହରିୟାନା ପୋଲିସ ସେମାନଙ୍କୁ ଘଉଡ଼ାଇବା ନିମନ୍ତେ ପାଣିମାଡ଼ କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଛନ୍ତି। ଏଥିରେ ଅତି କମରେ ୧୦ଜଣ ଚାଷୀ ଆହତ ହୋଇଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଚାଷୀମାନେ ସେମାନଙ୍କ ଅଭିଯାନରୁ ଓହରି ନାହାନ୍ତି। ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି। ପଞ୍ଜାବ-ହରିୟାନା ସୀମାରେ ଚାଷୀମାନଙ୍କୁ ପୋଲିସ ପାଣିମାଡ଼ କରିଥିଲା। ଏହା ପୂର୍ବରୁ ମଧ୍ୟ ଦୁଇଥର ଚାଷୀମାନେ ଦିଲ୍ଲୀରେ ପ୍ରବେଶ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଶମ୍ଭୁ ସୀମାରେ ପୋଲିସ ସେମାନଙ୍କୁ ଅଟକାଇଛି। ଏବେ ବି ଶମ୍ଭୁ ସୀମାରେ ଆନ୍ଦୋଳନକାରୀ ଚାଷୀମାନେ ଧାରଣାରେ ବସିଛନ୍ତି। ଚାଷୀଙ୍କ ଉପରେ ପୋଲିସର ଏହି ଆକ୍ରମଣକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛନ୍ତି। ଦେଶର ଅନ୍ନଦାତାମାନଙ୍କ ପ୍ରତି ସରକାରଙ୍କର ଏଭଳି ଆଭିମୁଖ୍ୟ ନିନ୍ଦନୀୟ ଏବଂ ଅଗଣତାନ୍ତ୍ରିକ ବୋଲି କଂଗ୍ରେସ କହିଛି। ଆପ ଏବଂ ସମାଜବାଦୀ ପାର୍ଟୀ ମଧ୍ୟ ଚାଷୀ ଆନ୍ଦୋଳନକୁ ସମର୍ଥନ କରିବା ସହ ସେମାନଙ୍କୁ ଦିଲ୍ଲୀରେ ପ୍ରବେଶ ଅନୁମତି ନଦେବା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି କହିଛନ୍ତି।

ଏହି ବିରୋଧ ପ୍ରଦର୍ଶନ ମଧ୍ୟରେ ଅମ୍ବାଲାର କିଛି ଅଂଶରେ ଡିସେମ୍ବର ୧୪ ତାରିଖ ସକାଳ ୬ଟାରୁ ଡିସେମ୍ବର ୧୭ ପର୍ଯ୍ୟନ୍ତ କିଛି ସ୍ଥାନରେ ଇଣ୍ଟରନେଟ୍ ସେବାକୁ ସ୍ଥଗିତ ରଖାଯାଇଛି। ଫେବୃଆରି ୧୩ ତାରିଖରେ ପଞ୍ଜାବ ଏବଂ ହରିଆଣା ମଧ୍ୟରେ ଥିବା ଶମ୍ଭୁ ଏବଂ ଖନୌରୀ ସୀମାରେ ଆରମ୍ଭ ହୋଇଥିବା କୃଷକଙ୍କ ଆନ୍ଦୋଳନ ଫସଲ ଉପରେ ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପି) ପାଇଁ ଆଇନଗତ ଗ୍ୟାରେଣ୍ଟି ସମେତ ଦାବିଗୁଡ଼ିକର ମୁକୁଆ ରହିଛି। ନଭେମ୍ବର ୨୬ ତାରିଖରେ ବିଶିଷ୍ଟ କୃଷକ ନେତା ଜଗଜିତ୍ ସିଂ ଡାଲଓ୍ୱାଲଙ୍କ ମୃତ୍ୟୁ ପରେ ବିକ୍ଷୋଭ ଆହୁରି ତୀବ୍ର ହୋଇଛି।

# ଆରଜି କର ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କୁ ମିଳିଲା ଜାମିନ



**କୋଲକାତା, ୧୪।୧୨:** କୋଲକାତାର ବହୁଚର୍ଚ୍ଚିତ ଆର.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ଗିରଫ କରିଥିବା ଦୁଇ ଅଭିଯୁକ୍ତଙ୍କୁ ମିଳିଛି ଜାମିନ। ପ୍ରମାଣ ନଷ୍ଟ ମାମଲାରେ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଜାମିନ ଦେଇଛନ୍ତି କୋର୍ଟ। ଏହା ବ୍ୟତୀତ ଏହି ମାମଲାରେ ସାକ୍ଷୀଙ୍କୁ ପ୍ରଭାବିତ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳ ମଧ୍ୟ ଜାମିନ ପାଇଛନ୍ତି। ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ଘଟଣାସ୍ଥଳରୁ ପ୍ରମାଣ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଓ ପୂର୍ବତନ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସିବିଆଇ ଗିରଫ କରିଥିଲା। ହେଲେ ୯୦ ଦିନ ମଧ୍ୟରେ ସିବିଆଇ ଚାର୍ଜସିଟ୍ ଦାଖଲ କରିବାରେ ବିଫଳ ହେବାରୁ ଉଭୟଙ୍କୁ ଜାମିନ ମିଳିଯାଇଛି। ତେବେ ସନ୍ଦୀପ ଘୋଷଙ୍କୁ ଏବେ ବୁରତ ଜେଲରୁ ମୁକ୍ତ କରାଯିବ ନାହିଁ କାରଣ ଏହି ମାମଲାରେ ଆର୍ଥିକ ଅନିୟମିତତା ଅଭିଯୋଗରେ ମଧ୍ୟ ତାଙ୍କୁ ଗିରଫ କରାଯାଇଛି। ଅନ୍ୟପଟେ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ମହିଳା ଜୁନିଅର ଡାକ୍ତରଙ୍କ ବାପା ମାଆ ନ୍ୟାୟ ପାଇବା ପାଇଁ ଅପେକ୍ଷା କରି ବସିଛନ୍ତି। ହେଲେ ନ୍ୟାୟ ମିଳିବା ଆଗରୁ ଘଟଣାର ଦୁଇ ପ୍ରମୁଖ ଅଭିଯୁକ୍ତଙ୍କୁ ଜାମିନ ମିଳିଯିବାରୁ ସେମାନେ ଦୁଃଖ ପ୍ରକାଶ କରିଛନ୍ତି। ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ସେମାନଙ୍କ ପ୍ରତି ବିଶ୍ୱାସଘାତକତା କରାଯାଉଛି ବୋଲି ଅନୁଭବ କରୁଥିବା ସେମାନେ କହିଛନ୍ତି।

## ଆମେରିକାରେ ପ୍ରବାସୀ ଭାରତୀୟଙ୍କ ସନ୍ଦେହଜନକ ମୃତ୍ୟୁ

**ନ୍ୟୁୟର୍କ, ୧୪।୧୨:** ଆମେରିକାରେ ଜଣେ ଏଆଇ ଗବେଷକ ଭାବେ କାର୍ଯ୍ୟ କରୁଥିବା ପ୍ରବାସୀ ଭାରତୀୟ ସୁଚିର ବାଲାଜୀଙ୍କ ମୃତ ଦେହ ତାଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି। ପୋଲିସ ଶବ ଜବତ କରି ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ଘଟଣା ଭଳି ମନେ ହେଉଛି। ଗତ ୨୬ରେ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ବିଳମ୍ବରେ ଏହି ଖବର ମିଳିଛି। ସାନଫ୍ରାନସିସ୍କୋ ପୋଲିସର ଜଣେ ମୁଖପାତ୍ର କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ବାଲାଜୀ ଆତ୍ମହତ୍ୟା କରିବା ଭଳି ମନେ ହେଉଛି। ଏଥିରେ ଫାଉଲ ପ୍ଲେ ଆଶଙ୍କା କ୍ଷୀଣ। ସେ ୨୦୨୦ ନଭେମ୍ବରରୁ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ଓପନ ଏଆଇରେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ଟେସଲା ତଥା ଏକ୍ସ ପ୍ରତିଷ୍ଠାତା ଏଲନ ମସ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଏବଂ ଏହା ପଛରେ କିଛି ରହସ୍ୟ ରହିଥିବା ସନ୍ଦେହ କରୁଛନ୍ତି।

## ଲାଲ୍‌କୃଷ୍ଣ ଆଡଭାନୀ ହସ୍ପିଟାଲରେ



**ନୂଆଦିଲ୍ଲୀ, ୧୪।୧୨:** ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଲାଲକୃଷ୍ଣ ଆଡଭାନୀ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଅବସ୍ଥା ଏବେ ସ୍ଥିର ରହିଛି। ୯୭ ବର୍ଷୀୟ ଆଡଭାନୀ ଗତ ଜୁଲାଇ ମାସରୁ ଆଜି ପର୍ଯ୍ୟନ୍ତ ଚାରି ଥର ହସ୍ପିଟାଲରେ ଭର୍ତ୍ତି ହେଲେଣି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ନିୟମିତ ଅସୁସ୍ଥ ରହୁଛନ୍ତି। ବିଜେପିର ଅନ୍ୟତମ ପ୍ରତିଷ୍ଠାତା ଆଡଭାନୀ ୨୦୧୯ରୁ ସକ୍ରିୟ ରାଜନୀତିରୁ ଅବସର ନେଇ ସାରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସେ ଗୃହ ମନ୍ତ୍ରୀ ସହ ଉପପ୍ରଧାନମନ୍ତ୍ରୀ ରହିଥିଲେ। ୧୯୭୭ରେ ମୋରାରଜୀ ଦେଶାଇ ସରକାରରେ ସେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ଆନ୍ଦୋଳନର ସେ ମୁଖ୍ୟ ପୁରୋଧା ଥିଲେ। ୧୯୯୦ରେ ସେ ଅଯୋଧ୍ୟା ଅଭିମୁଖେ ରଥଯାତ୍ରାରେ ବାହାରିଥିବା ବେଳେ ବାଟରେ ଗିରଫ ହୋଇଥିଲେ। ଏହା ପରେ ବିଜେପି ଭି ପି ସିଂହ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଏବଂ ଭି ପି ସିଂହ ସରକାର ଭୁଶୁଡ଼ି ପଡ଼ିଥିଲା।

## ଇସ୍ତାନବୁଲରେ ଅଟକିଛନ୍ତି ଶତାଧିକ ଭାରତୀୟ

**ନୂଆଦିଲ୍ଲୀ, ୧୪।୧୨:** ତୁର୍କୀର ରାଜଧାନୀ ଇସ୍ତାନବୁଲ ଏୟାରପୋର୍ଟରେ ଶତାଧିକ ଭାରତୀୟ ୨୪ ଘଣ୍ଟାରୁ ଅଧିକ ସମୟ ଅଟକି ରହିଛନ୍ତି। ବିନା ଖାଦ୍ୟ, ପାଣି ଏବଂ ଆଶ୍ରୟ ବିନା ସେମାନେ ଅଟକି ରହିଛନ୍ତି। ସେମାନଙ୍କୁ ସେଠାରୁ ଉଦ୍ଧାର କରିବା ନିମନ୍ତେ ଇଣ୍ଡିଗୋର ଏକ ବିମାନ ଇସ୍ତାନବୁଲ ଅଭିମୁଖେ ଉଡ଼ାଣ ଆରମ୍ଭ କରିଛି। ଆଗାମୀ ୨୦ ଘଣ୍ଟା ଭିତରେ ସେମାନେ ଭାରତକୁ ଫେରିବେ ବୋଲି ସୂଚନା ମିଳିଛି। ଇସ୍ତାନବୁଲସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଅଟକି ରହିଥିବା ଭାରତୀୟ ମାନଙ୍କ ସହ ଯୋଗାଯୋଗ କରାଯାଇଛି ଏବଂ ସେମାନଙ୍କ ପାଇଁ ହୋଟେଲ ବ୍ୟବସ୍ଥା କରାଯାଇଛି।

## ଚୀନ ଓ ପାକିସ୍ତାନରୁ ଲଢୁଆ ବିମାନ କିଣିବ ବାଂଲାଦେଶ

**ନୂଆଦିଲ୍ଲୀ, ୧୪।୧୨:** ବାଂଲାଦେଶ ନିଜର ବାୟୁସେନାକୁ ଶକ୍ତିଶାଳୀ ଏବଂ ଆଧୁନିକ କରିବାକୁ ଚେଷ୍ଟା କରୁଛି । ଏଥିପାଇଁ ଚୀନରୁ ଲଢୁଆ ବିମାନ ଖରିଦ ପାଇଁ ବଂଲାଦେଶ ସରକାର ବିଚାର କରୁଛନ୍ତି। ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ବାଂଲାଦେଶ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ହାସନ ମହମ୍ମଦ ଖାଁ କହିଛନ୍ତି ଯେ ଆମେ ଲଢୁଆ ବିମାନ ଏବଂ ଆଟାକ୍ ହେଲିକପ୍ଟର କିଣିବା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରୁଛୁ। ରିପୋର୍ଟ ଅନୁଯାୟୀ, ବାଂଲାଦେଶ ଚୀନର ଚେଙ୍ଗଡୁ ଜେ-୧୦ସି ମଲ୍ଟିରୋଲ ଲଢୁଆ ବିମାନ କିଣିପାରେ । ପ୍ରଥମ ପର୍ଯ୍ୟାୟରେ ୧୬ଟି ଜେ-୧୦ସି ଲଢୁଆ ବିମାନ କିଣିବାକୁ ଯୋଜନା କରିଛି ଢାକା। ବାଂଲାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜୋର ଧରିଥିବା ବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି। ବାଂଲାଦେଶ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ହାସନ ମହମ୍ମଦ ଖାଁ କହିଛନ୍ତି ଯେ ଆମେ ଲଢୁଆ ବିମାନ ଏବଂ ଆଟାକ୍ ହେଲିକପ୍ଟର କିଣିବା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରୁଛୁ। ସେପଟେ ବାଂଲାଦେଶରେ ସଂଖ୍ୟାଲଘୁ, ବିଶେଷ କରି ହିନ୍ଦୁଙ୍କ ପ୍ରତି ଭେଦଭାବ ଓ ହିଂସା ଘଟଣା ଜାରି ରହିଛି। ଶେଖ୍ ହସିନା ଦେଶ ଛାଡିବା ପରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଦେଶରେ ସ୍ଥିତିରେ ସୁଧାର ଆଣିବ ବୋଲି ଆଶା କରାଯାଉଥିଲା, କିନ୍ତୁ ତାହା ହୋଇନଥିଲା। ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଅନେକ ମନ୍ଦିରକୁ ମଧ୍ୟ ଟାର୍ଗେଟ କରାଯାଇଛି, ଯାହା ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

## ଆଇଆଇଟି ଛାତ୍ରୀ ଏସିପିଙ୍କ ଦ୍ୱାରା ଦୁଷ୍କର୍ମର ଶିକାର

**ନୂଆଦିଲ୍ଲୀ, ୧୪।୧୨:** ଉତ୍ତରପ୍ରଦେଶର ପୁଲିସ ସେବାର ସିନିୟର ଅଧିକାରୀ ତଥା କାନପୁରର ଏସିପି ଥିବା ମୋହସିନ ଖାନଙ୍କ ବିରୋଧରେ ଆଇଆଇଟି କାନପୁରର ଜଣେ ଛାତ୍ରୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ କେନ୍ଦ୍ର କରି ପୁଲିସ ଯାଞ୍ଚ ଆରମ୍ଭ କରିଛି। ଡିସିପି ଅଙ୍କିତା ଶର୍ମା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଆଇଆଇଟି କାନପୁରର ଜଣେ ଛାତ୍ରୀ ଏସିପି ମୋହସିନଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ କେନ୍ଦ୍ର କରି ଏସିପିଙ୍କ ବିରୋଧରେ ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ, ଏସିପି ମୋହିସନ ଖାନ ଆଇଆଇଟି କାନପୁରରେ ପିଏଚଡ଼ି ପାଠପଢୁଥିବା ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଛନ୍ତି। ମୋହସିନ ଖାନ ଆଇଆଇଟି କାନପୁରରେ ସାଇବର କ୍ରାଇମ ଓ କ୍ରିମିନୋଲୋଜିର ଛାତ୍ର ଅଟନ୍ତି। ଆଇଆଇଟି କାନପୁରରେ ହିଁ ଏସିପି ଓ ପିଏଚଡ଼ି ପଢୁଥିବା ପୀଡ଼ିତା ଛାତ୍ରୀଙ୍କ ମଧ୍ୟରେ ସାକ୍ଷାତକାର ହୋଇଥିଲା। ପୀଡ଼ିତା ପୁଲିସ କମିଶନର ଅଖିଳ କୁମାରଙ୍କ ନିକଟରେ ଅଭିଯୋଗ କରି କହିଛନ୍ତି, 'ଏସିପି ମୋହିସନ ଖାନ ମୋ ସହିତ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ ପରେ ସେ ମୋତେ ବିବାହ ପାଇଁ ପ୍ରତିଶୃତି ଦେଇଥିଲେ। ଏହି ପ୍ରତିଶୃତି ନାମରେ ସେ ମୋ ସହିତ ଅନେକଥର ଶାରୀରିକ ସମ୍ପର୍କ ରଖିଥିଲେ। ମୁଁ ପରେ ଯେତେବେଳେ ଜାଣିଲି ସେ ବିବାହିତ ତାଙ୍କ ସନ୍ତାନ ବି ଅଛନ୍ତି। ମୁଁ ଏବିଷୟରେ ତାଙ୍କୁ ପଚାରିବାରୁ ସେ କହିଥିଲେ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇ ମୋତେ ବିବାହ କରିବେ କିନ୍ତୁ ସେପରି କିଛି କଲେନାହିଁ। ଏବେ ସେ ମୋ ସହିତ ସମସ୍ତ ପ୍ରକାର ଯୋଗାଯୋଗ ବନ୍ଦ କରି ଦେଇଛନ୍ତି।

## ସ୍କୁଲରେ ଭୁଶୁଡ଼ିଲା ପାଣି ଟାଙ୍କି; ୩ ଛାତ୍ର ମୃତ

**ଇଟାନଗର, ୧୪।୧୨:** ସ୍କୁଲରେ ଖେଳୁଥିବାବେଳେ ପାଣି ଟାଙ୍କି ଧସିଯିବାରୁ ତିନିଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଅରୁଣାଚଳ ପ୍ରଦେଶର ନାହରଲାଗୁନରେ ଘଟିଛି। ଏହି ଘଟଣାରେ ଅନ୍ୟ ତିନିଜଣ ଛାତ୍ର ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ସମସ୍ତ ଆହତଙ୍କୁ ନାହରଲାଗୁନସ୍ଥିତ ଟୋମୋ ରିବା ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (TRIHMS)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ପୁଲିସ କହିଛି। ନାହରଲାଗୁନ ପୁଲିସ ଅଧିକ୍ଷକ ମିହିନ ଗାମ୍ବୋଙ୍କ କହିବା ଅନୁସାରେ ଏଠାରେ ମଡେଲ ଗାଁରେ ଥିବା ସେଣ୍ଟ ଆଲଫୋନ୍ସା ନାମକ ଏକ ଘରୋଇ ସ୍କୁଲରେ ଛାତ୍ରମାନେ ଖେଳୁଥିଲେ। ଏହି ସମୟରେ ପାଖରେ ଥିବା ପାଣି ଟାଙ୍କି ଭୁଶୁଡ଼ି ପଡ଼ିଥିଲା। ଏଥିରେ ୬ ଜଣ ଛାତ୍ର ଗୁରୁତର ଭାବେ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଟୋମୋ ରିବା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ହେଲେ ଏଠାରେ ତିନି ଜଣ ଛାତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଏସପି କହିଛନ୍ତି। ମୃତକମାନେ ନବମ ଶ୍ରେଣୀର ଛାତ୍ର ଥିବାବେଳେ ଆହତମାନେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ର ବୋଲି ପୁଲିସ କହିଛି। ଏହି ମାମଲାରେ ପୁଲିସ ଘରୋଇ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମାଲିକ ଏବଂ ଚାରିଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସପି କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପାଣି ଟାଙ୍କିରେ ଏହାର କ୍ଷମତାଠାରୁ ଅଧିକ ପାଣି ଭର୍ତ୍ତି ହୋଇଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ।

# ଉତ୍ତର ପ୍ରଦେଶରେ ସମ୍ବିଧାନ ନୁହେଁ, ମନୁସ୍ମୃତି ଚାଲିଛି



**ନୂଆଦିଲ୍ଲୀ, ୧୪।୧୨:** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶନିବାର ଗୃହରେ ସମ୍ବିଧାନ ଉପରେ ଆଲୋଚନାରେ ଭାଗ ନେଇଥିଲେ। ଏହି ସମୟରେ ରାହୁଲ ଗାନ୍ଧି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ହାଥରସ୍ ଦୁଷ୍କର୍ମ ମାମଲାକୁ ନେଇ ୟୁପିର ଯୋଗୀ ସରକାର ମଧ୍ୟ ରାହୁଲଙ୍କ ଟାର୍ଗେଟରେ ଥିଲେ। ୪ ବର୍ଷ ତଳେ ହାଥରସରେ ଜଣେ ଦଳିତ ମହିଳା ଦୁଷ୍କର୍ମର ଶିକାର ହୋଇଥିଲେ। ଅପରାଧୀମାନେ ବାହାରେ ବୁଲୁଥିବା ବେଳେ ପୀଡ଼ିତାଙ୍କ ପରିବାର ଜେଲରେ ଜୀବନ ବିତାଉଛନ୍ତି। ଉତ୍ତରପ୍ରଦେଶରେ ସମ୍ବିଧାନ ନୁହେଁ, ମନୁସ୍ମୃତି ଚାଲିଛି ବୋଲି ସେ କହିଛନ୍ତି ।

ସମ୍ବିଧାନରେ ଆମ୍ବେଦକର, ଗାନ୍ଧୀ, ନେହେରୁଙ୍କ ଚିନ୍ତାଧାରା ରହିଛି। ସେହି ଚିନ୍ତାଧାରାର ଉତ୍ସ ଥିଲେ ଶିବ, ବୁଦ୍ଧ, ମହାବୀର, କବୀର ଇତ୍ୟାଦି । ସମ୍ବିଧାନକୁ ନେଇ ସବରକର କହୁଥିଲେ ଯେ ସମ୍ବିଧାନର ସବୁଠାରୁ ଖରାପ କଥା ହେଉଛି ଏଥିରେ ଭାରତୀୟ କିଛି ନାହିଁ। ଯେତେବେଳେ ଆପଣ ସମ୍ବିଧାନ ବଞ୍ଚାଇବା କଥା କହୁଛନ୍ତି, ସେତେବେଳେ ଆପଣ ନିଜ ନେତା ସାବରକରଙ୍କୁ ଉପହାସ କରୁଛନ୍ତି। ସେ କହିଛନ୍ତି, ସମ୍ବିଧାନରେ ଆମ୍ବେଦକର, ଗାନ୍ଧୀ, ନେହେରୁଙ୍କ ଚିନ୍ତାଧାରା ରହିଛି। ସେହି ଚିନ୍ତାଧାରାର ଉତ୍ସ ଥିଲେ ଶିବ, ବୁଦ୍ଧ, ମହାବୀର, କବୀର ଇତ୍ୟାଦି। ସମ୍ବିଧାନକୁ ନେଇ ସବରକର କହୁଥିଲେ ଯେ ସମ୍ବିଧାନର ସବୁଠାରୁ ଖରାପ କଥା ହେଉଛି ଏଥିରେ ଭାରତୀୟ କିଛି ନାହିଁ। ଯେତେବେଳେ ଆପଣ ସମ୍ବିଧାନ ବଞ୍ଚାଇବା କଥା କହୁଛନ୍ତି, ସେତେବେଳେ ଆପଣ ନିଜ ନେତା ସାବରକରଙ୍କୁ ଉପହାସ କରୁଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, ଯେମିତି ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କ ଅଙ୍ଗୁଠି କାଟିଦେଇଛନ୍ତି, ଠିକ୍ ସେମିତି ଆପଣ ଭାରତବାସୀଙ୍କ ଅଙ୍ଗୁଠି କାଟୁଛନ୍ତି। ଯେତେବେଳେ ଆପଣ ଅଦାନୀଙ୍କୁ ଧାରାବୀ ବିକ୍ରି କରନ୍ତି, ଆପଣ ଧାରାବୀର ଲୋକଙ୍କ ଆଙ୍ଗୁଠି କାଟି ଦିଅନ୍ତି । ଯେତେବେଳେ ଆପଣ ଆଦାନୀଙ୍କୁ ସାହାଯ୍ୟ କରନ୍ତି, ସେତେବେଳେ ଆପଣ ଦେଶର ଲୋକଙ୍କ ଆଙ୍ଗୁଠି କାଟି ଦିଅନ୍ତି । ରାହୁଲ ଗାନ୍ଧି କହିଛନ୍ତି, ଆମେ ଦେଶରେ ଜାତିଗତ ଜନଗଣନା ମାଧ୍ୟମରେ ଦେଖାଇବାକୁ ଚାହୁଁଛୁ ଯେ ଆପଣ କାହାର ଅଙ୍ଗୁଠି କାଟିଛନ୍ତି। ଆମେ ସଂରକ୍ଷଣ ପାଇଁ ଥିବା ୫୦ ପ୍ରତିଶତ ସୀମାକୁ ମଧ୍ୟ ଭାଙ୍ଗିବୁ।

**ଶାହାଙ୍କୁ ଚିଠି ଲେଖିଲେ କେଜ୍ରିୱାଲ୍**

# ସୁରକ୍ଷାକୁ ନେଇ ଚିନ୍ତିତ ଦିଲ୍ଲୀବାସୀ



**ନୂଆଦିଲ୍ଲୀ, ୧୪।୧୨:** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟକୁ ଏକ ଚିଠି ଲେଖି ଜାତୀୟ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୁରନ୍ତ ଆଲୋଚନା କରିବାକୁ କହିଛନ୍ତି। ଅପରାଧ ପରିସଂଖ୍ୟାନକୁ ଦର୍ଶାଇ କେଜ୍ରିୱାଲ ଦାବି କରିଛନ୍ତି ଯେ ଦିଲ୍ଲୀ ଧୀରେ ଧୀରେ ଭାରତ ତଥା ବିଦେଶରେ 'ଅପରାଧର ରାଜଧାନୀ' ଭାବରେ ପରିଚିତ ହେଉଛି। କେଜ୍ରିୱାଲଙ୍କ ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଭାରତର ୧୯ ଟି ମେଟ୍ରୋ ସହର ମଧ୍ୟରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧରେ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ରହିଛି, ହତ୍ୟା ମାମଲାରେ ମଧ୍ୟ ଦିଲ୍ଲୀ ଏକ ନମ୍ବର ସ୍ଥାନରେ ରହିଛି। ସ୍କୁଲ, ବିମାନବନ୍ଦର ଏବଂ ମଲରେ ବୋମା ଧମକ ବାରମ୍ବାର ଘଟୁଥିବା ବେଳେ ଅପରାଧର ମାତ୍ରା ୩୫୦ ପ୍ରତିଶତ ବୃଦ୍ଧି ପାଇଛି। 'ଦିଲ୍ଲୀର ଲୋକମାନେ ସୁରକ୍ଷାକୁ ନେଇ ଚିନ୍ତିତ' ବୋଲି ଅରବିନ୍ଦ କେଜ୍ରିୱାଲ ତାଙ୍କ ଚିଠିରେ ଅମିତ ଶାହାଙ୍କୁ ଲେଖିଛନ୍ତି। ଯେତେବେଳେ ନିଜ ସ୍କୁଲ୍‌କୁ ବୋମା ଧମକ ମିଳେ ଏକ ଶିଶୁ କ'ଣ ଦେଇ ଗତି କରୁଥିବା ତାହା କଳ୍ପନା କରନ୍ତୁ। ବାରମ୍ବାର ଶିଶୁମାନଙ୍କୁ ଭୟଭୀତ କରାଯାଉଛି, ସ୍କୁଲ୍‌ରୁ ଘରକୁ ପଠା ଯାଉଛି। ଥରେ ଚିନ୍ତା କରନ୍ତୁ ସେ ଶିଶୁ ଓ ଅଭିଭାବକଙ୍କ ବିଷୟରେ। ସେମାନେ ଏକ ଭୟଭୀତରେ ଦିନ କାଟୁଛନ୍ତି ବୋଲି କେଜ୍ରିୱାଲ୍ ଉଲ୍ଲେଖ କରିଛନ୍ତି।

# ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ପ୍ରତିବନ୍ଧକକୁ କୋହଳ କରିଛି ୟୁନୁସ ସରକାର



**ଢାକା, ୧୪।୧୨:** ବାଂଲାଦେଶର ୟୁନୁସ ସରକାରଙ୍କ ନୂତନ ନିଷ୍ପତ୍ତି ଭାରତର ଟେନସନକୁ ବଢାଇ ଦେଇଛି। ପାକିସ୍ତାନୀ ନାଗରିକଙ୍କ ପାଇଁ ବାଂଲାଦେଶ ଭିସା ପ୍ରତିବନ୍ଧକକୁ ଆରାମ ଦେଇଛି। ପାକିସ୍ତାନୀ ନାଗରିକଙ୍କ ପାଇଁ ସୁରକ୍ଷା କ୍ଲିୟରାନ୍ସ ଶେଷ ହେବା ସହିତ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଆଇଏସଆଇର ଏଜେଣ୍ଟମାନଙ୍କୁ ବାଂଲାଦେଶୀ ମାଟିରେ ପ୍ରବେଶ ମଧ୍ୟ ସହଜ ହୋଇଛି। ରିପୋର୍ଟ ଅନୁଯାୟୀ, ଆଞ୍ଚଳିକ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଏହି ବିକାଶ ବାଂଲାଦେଶ ଏବଂ ପାକିସ୍ଥାନ ମଧ୍ୟରେ ସମନ୍ୱୟ ବୃଦ୍ଧି କରୁଛି ଏବଂ ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତର ସୁରକ୍ଷା ଉପରେ ଦେଖିବାକୁ ମିଳିପାରେ। କର୍ଣ୍ଣେଲ ଅଜୟ ରାଇନା କହିଛନ୍ତି, ଯଦି ସବୁକିଛି ସେମାନଙ୍କ (ବାଂଲାଦେଶ ଏବଂ ପାକିସ୍ତାନର ମଧ୍ୟବର୍ତ୍ତୀକାଳୀନ ସରକାର) ଯୋଜନା ଅନୁଯାୟୀ ଚାଲିଥାଏ, ତେବେ ଖୁବ ଶୀଘ୍ର ବାଂଲାଦେଶ ପୂର୍ବ ପରି ପୂର୍ବ ପାକିସ୍ଥାନରେ ପରିଣତ ହେବ। ବିଶେଷଜ୍ଞଙ୍କ ଅନୁଯାୟୀ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ବ୍ୟବସ୍ଥାରେ ଆରାମ ହେବା ଭାରତ ପାଇଁ ଦ୍ୱିଗୁଣିତ ବିପଦ ସୃଷ୍ଟି କରିଛି। ଏହା କେବଳ ଇସଲାମାବାଦ ଏବଂ ଢାକା ମଧ୍ୟରେ ଅଧିକ ବୃଦ୍ଧି ଏବଂ ସୁରକ୍ଷା ସହଯୋଗର କାରଣ ହେବ ନାହିଁ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଭାରତକୁ ଅସ୍ଥିର କରିବା। ଦ୍ୱିତୀୟତଃ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ, ବିଶେଷ କରି ଆସାମରେ ଆଭ୍ୟନ୍ତରୀଣ ଅଶାନ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖି ଅନୁପ୍ରବେଶ ଏବଂ ଆଭିମୁଖ୍ୟର କାର୍ଯ୍ୟକଳାପ ପାଇଁ ହଟସ୍ପଟ ହୋଇପାରେ।

## ପ୍ରଶ୍ନପତ୍ର ଲିକ୍ ମାମଲାରେ ଛାତ୍ରଙ୍କୁ ଚାପୁଡ଼ା ମାରିଲେ ଜିଲ୍ଲାପାଳ

**ପାଟ୍‌ନା, ୧୪।୧୨:** ବିହାରରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ପ୍ରତିବାଦ କରୁଥିବା ଛାତ୍ରଙ୍କୁ ଚାପୁଡ଼ା ମାରିଲେ ଜିଲ୍ଲାପାଳ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଯାହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିହାରର ରାଜଧାନୀ ପାଟନାରେ ବିହାର ଲୋକସେବା ଆୟୋଗ ପରୀକ୍ଷାର ପ୍ରଶ୍ନପତ୍ର ଲିକକୁ ବିରୋଧ କରି ଶୁକ୍ରବାର ପ୍ରାର୍ଥୀମାନେ ହଙ୍ଗାମା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହଙ୍ଗାମା ଓ ପ୍ରତିବାଦ ପରେ ପାଟନା ଡିଏମ୍ ଡ. ଚନ୍ଦ୍ରଶେଖର ସିଂହ ବାପୁ ଅଡିଟୋରିୟମରେ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାସୁଝା କରିଥିଲେ । ଡିଏମଙ୍କୁ ଦେଖି ପ୍ରାର୍ଥୀମାନେ ମଧ୍ୟ ଡିଏମଙ୍କ ବିରୋଧରେ ଅଭିଯୋଗ ଆଣିବା ଆରମ୍ଭ କରିଥିଲେ, ଯାହା ପରେ ସେ ରାଗିଯାଇ ଜଣେ ପ୍ରାର୍ଥୀଙ୍କୁ ଚାପୁଡ଼ା ମାରିଥିଲେ। ଡିଏମ୍ ଚାପୁଡ଼ା ମାରିଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଆଜି ବିପିଏସସି ପରୀକ୍ଷା ଥିଲା । କୁମ୍ହାରରେ ଥିବା ବାପୁ ପରୀକ୍ଷା କେନ୍ଦ୍ରରେ ପାଖାପାଖି ୧୨ ହଜାର ପିଲାଙ୍କ କେନ୍ଦ୍ର ଥିଲା। ପରୀକ୍ଷା କକ୍ଷରେ ୨୭୩ ଜଣ ପିଲାଙ୍କ ବସିବା ପାଇଁ ଯୋଜନା ଥିଲା। ପରୀକ୍ଷା ହଲ୍ ପାଇଁ ୧୨-୧୨ଟି ସେଟ୍ ୨୮୮ଟି ପ୍ରଶ୍ନପତ୍ର ଥିବା ଏକ ଲଫାପା ଆସିଥିଲା । କିନ୍ତୁ ପରୀକ୍ଷା କକ୍ଷରେ ବାକ୍ସରେ ଆସିଥିବା ପରୀକ୍ଷାର ପ୍ରଶ୍ନପତ୍ର ଥିଲା ୧୯୨। ତେଣୁ ଗୋଟିଏ ହଲ୍ ଖୋଲିବା ପରେ ପ୍ରଶ୍ନପତ୍ରକୁ ଅନ୍ୟ ହଲ୍‌ରୁ ମଧ୍ୟ ନେବାକୁ ପଡ଼ିଥିଲା । କିନ୍ତୁ ପିଲାମାନେ ଏହାକୁ ବିରୋଧ କରିଥିଲେ। ଡିଏମ୍ ଡ. ଚନ୍ଦ୍ରଶେଖର ସିଂହ କହିଛନ୍ତି ଯେ କେନ୍ଦ୍ର ଅଧୀକ୍ଷକ ପିଲାମାନଙ୍କୁ ଏଥିରେ ବୁଝାଇବାକୁ ଚେଷ୍ଟା କରିଛନ୍ତି। ତେଣୁ ୧୦ରୁ ୧୫ ମିନିଟ୍ ବିଳମ୍ବ ହୋଇଥିଲା। କେନ୍ଦ୍ର ଅଧୀକ୍ଷକ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ଯଦି ଅତିରିକ୍ତ ସମୟ ନିଆଯାଏ

# ସମ୍ଭଲରେ ମିଳିଲା ୪୬ ବର୍ଷ ଧରି ବନ୍ଦ ପଡ଼ିଥିବା ମନ୍ଦିର





**ଲକ୍ଷ୍ନୌ, ୧୪।୧୨:** ଉତ୍ତରପ୍ରଦେଶର ସମ୍ଭଲ ବିବାଦ ମଧ୍ୟରେ ସ୍ଥାନୀୟ ଏକ ଅଞ୍ଚଳରୁ ଏକ ବହୁ ପୁରାତନ ଶିବ-ହନୁମାନ ମନ୍ଦିରର ସନ୍ଧାନ ମିଳିଛି। ଦୀର୍ଘ ବର୍ଷ ଧରି ଏହି ମନ୍ଦିରରେ ପୂଜାପାଠ ହୋଇନାହିଁ। ସାମ୍ପ୍ରଦାୟିକ କାରଣରୁ ଏହି ମନ୍ଦିର ବନ୍ଦ ହୋଇ ରହିଥିବା କୁହାଯାଉଛି। ବିଦ୍ୟୁତ୍ ଚୋରି ନେଇ ସ୍ଥାନୀୟ ପ୍ରଶାସନ ଏବଂ ପୁଲିସର ମିଳିତ ଚଢ଼ାଉବେଳେ ଶନିବାର ଏହି ମନ୍ଦିର ଦେଖିବାକୁ ମିଳିଥିଲା। ଏହାପରେ ପ୍ରଶାସନ ଉପସ୍ଥିତିରେ ପୁଲିସ ମନ୍ଦିର ଦ୍ୱାର ଖୋଲିଥିଲା। କୁହାଯାଉଛି ଯେ ୧୯୭୮ ମସିହାରେ ସାମ୍ପ୍ରଦାୟିକ ବିବାଦ ପରେ ଏହି ମନ୍ଦିର ବନ୍ଦ ହୋଇଯାଇଥିଲା। ଯେତେବେଳେ ପୁଲିସ କର୍ମଚାରୀମାନେ ମନ୍ଦିରର ଭିତର ସଫା କରିଥିଲେ, ମନ୍ଦିରର ଗର୍ଭ ଗୃହରେ ଶିବଲିଙ୍ଗ ଏବଂ ହନୁମାନଙ୍କ ମୂର୍ତ୍ତି ରହିଥିବା ଦେଖିବାକୁ ମିଳିଥିଲା। ଏହି ମନ୍ଦିର ନଖାସା ଥାନା ଅଞ୍ଚଳର ଖଗୁ ସରାଇ ଅଞ୍ଚଳରେ ରହିଛି। ଜଣେ ପୂଜକଙ୍କ କହିବା ଅନୁଯାୟୀ ଏହି ମନ୍ଦିରରେ ପୂଜା କରିବା ପାଇଁ କାହାର ସାହସ ନଥିଲା। ପୂଜକମାନେ ନିଜ ନିଜର ଘର ବିକ୍ରି କରି ମନ୍ଦିର ବନ୍ଦ କରି ଚାଲିଯାଇଥିଲେ। ପୂର୍ବରୁ ଜଣେ ପୂଜକ ଏହି ମନ୍ଦିରରେ ରହୁଥିଲେ, କିନ୍ତୁ ଭୟରେ ସେ ମଧ୍ୟ ମନ୍ଦିର ଏବଂ ଅଞ୍ଚଳ ଛାଡି ଚାଲିଯାଇଥିଲେ।

ଅନ୍ୟପଟେ ପୁଲିସ ଅଧିକ୍ଷକ କୃଷ୍ଣ କୁମାର କହିଛନ୍ତି ଯେ ଶନିବାର ସକାଳେ ସମ୍ଭଲରେ ଲାଉଡ ସ୍ପିକର ଯାଞ୍ଚ କରାଯାଉଥିବାବେଳେ ବେଆଇନ ବିଦ୍ୟୁତ ସଂଯୋଗ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଉଥିବା ଜଣାପଡିଥିଲା। ଯେତେବେଳେ ବିଦ୍ୟୁତ୍ ବିଭାଗ ଯାଞ୍ଚ କଲେ, ସେଠାରେ ଶତାଧିକ ବେଆଇନ ସଂଯୋଗ ଥିବା ଜାଣିବାକୁ ପାଇଥିଲେ। ବର୍ତ୍ତମାନ ଚାରୋଟି ମସଜିଦରୁ ବିଭିନ୍ନ ପ୍ରକାରର ତାର ବାହାରିଛି। ଏଠାରେ ଏକ ପାୱାର ହାଉସ୍ ନିର୍ମାଣ କରି ବେଆଇନ ଭାବେ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିଲା ବୋଲି ଜଣାପଡ଼ିଛି।

ଏହାପରେ ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ବିଜୁଳି ବିଭାଗ ଓ ପୁଲିସ ମିଳିତ ଭାବେ ସେଠାରେ ଥିବା ସମସ୍ତ ଘର ଓ ମସଜିଦ ଉପରେ ଚଢ଼ାଉ କରିଥିଲେ। ବିଜୁଳି ଚୋରି ଧରିବାକୁ ହୋଇଥିବା ଏହି ଚଢ଼ାଉ ସମୟରେ ଏହି ବହୁ ପୁରାତନ ମନ୍ଦିର ଦେଖିବାକୁ ମିଳିଥିଲା। ମନ୍ଦିର ଭିତରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଭଗବାନଙ୍କ ମୂର୍ତ୍ତି ଗୁଡ଼ିକୁ ନିଜେ ସେଠାକାର ସର୍କଲ ଅଫିସର ଅନୁଜ ଚୌଧୁରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ସଫା କରିଥିଲେ। ଏହି ସମୟର ଫଟୋ ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେଉଛି।

# ଗାବା ଟେଷ୍ଟ: ପ୍ରଥମ ଦିନରେ ବର୍ଷା ସାଜିଲା ବାଧକ



**ନୂଆଦିଲ୍ଲୀ, ୧୪।୧୨:** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ବ୍ରିସବେନ ଆରମ୍ଭ ହୋଇଛି। ହେଲେ ଐତିହାସିକ ଗାବାରେ ପ୍ରଥମ ଦିନରେ ହିଁ ପ୍ରଶଂସକ ନିରାଶ ହୋଇଛନ୍ତି। ପ୍ରବଳ ବର୍ଷା କାରଣରୁ ପ୍ରଥମ ଦିନ ଖେଳକୁ ବନ୍ଦ କରିଦିଆଯାଇଛି। ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୩.୨ ଓଭରରେ କୌଣସି ୱିକେଟ ନହରାଇ ୨୮ ରନ ସଂଗ୍ରହ କରିଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ୍ ଖେଳିବାକୁ ଆଶା ରଖିଥିବା ଭାରତୀୟ ଦଳକୁ ଲାଗିଛି ଆଉ ଏକ ଝଟକା। ଦ୍ୱିତୀୟ ଟେଷ୍ଟ ହାରିବା ପରେ ତୃତୀୟ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଥିଲା ରୋହିତ ବାହିନୀ। ହେଲେ ସବୁ ଲକ୍ଷ୍ୟ ବିଗାଡ଼ି ଦେଇଛି ବର୍ଷା। ପ୍ରଥମ ଦିନ ବର୍ଷାରେ ଧୋଇଯାଇଥିବାବେଳେ ଏବେ ହାତରେ ଆଉ ୪ ଦିନ ସମୟ ରହିଛି। ତେବେ ଆଜି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଘରୋଇ ଦଳକୁ ଆମନ୍ତ୍ରଣ କରିଥିଲେ ଭାରତୀୟ ଅଧିନାୟକ ରୋହିତ ଶର୍ମା। ଅଷ୍ଟ୍ରେଲିଆ ପାଇଁ ଉସମାନ ଖାୱାଜା ଓ ନାଥନ ମ୍ୟାକ୍ସୱିନୀ ପାଳି ଆରମ୍ଭ କରିବାକୁ ଆସିଥିଲେ।

ଆରମ୍ଭରୁ ହିଁ ଜସପ୍ରୀତ ବୁମ୍ରାଙ୍କ ସମେତ ଅନ୍ୟ ଭାରତୀୟ ଦ୍ରୁତ ବୋଲରମାନେ ବଲ୍ ସ୍ୱିଙ୍ଗ୍ କରିବାରେ ଅସବୁଧାର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ୫.୩ ଓଭର ପରେ ବର୍ଷା ଯୋଗୁଁ ଖେଳ ଅଟକି ରହିଥିଲା। ବର୍ଷା ଛାଡ଼ିବା ପରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲେ ମଧ୍ୟ ୧୩.୨ ଓଭର ପରେ ଆଉଥରେ ବର୍ଷା ହୋଇଥିଲା। ଏଥିପାଇଁ ଖେଳ ଆଉଥରେ ଅଟକିଲା। ହେଲେ ଏହାପରେ ଆଉ ଖେଳ ସମ୍ଭବପର ହୋଇନଥିଲା। ଆଜିର ଖେଳ ଶେଷ ସୁଦ୍ଧା ଦୁଇ ଅଷ୍ଟ୍ରେଲୀୟ ଓପନର ଉସମାନ ଖାୱାଜା ୧୯ ଓ ନାଥନ ମ୍ୟାକ୍ସୱିନୀ ୪ ରନ କରି ଅପରାଜିତ ରହିଛନ୍ତି। ଅନ୍ୟପଟେ ଦ୍ୱିତୀୟ ଦିବସରେ ୯୮ ଓଭର ଖେଳାଯିବ ବୋଲି ସ୍ଥିର ହୋଇଛି। ଦ୍ୱିତୀୟ ଦିବସ ସମେତ ବାକି ସମସ୍ତ ଦିନର ଖେଳ ପୂର୍ବ ନିର୍ଦ୍ଧାରିତ ସମୟ ଠାରୁ ଅଧଘଣ୍ଟା ଆଗରୁ, ଅର୍ଥାତ ଭାରତୀୟ ସମୟ ସକାଳ ୫:୨୦ରୁ ଆରମ୍ଭ ହେବ।

# ବ୍ରିସବେନରେ ବୁମରା ହତାଶ



**ନୂଆଦିଲ୍ଲୀ, ୧୪।୧୨:** ବ୍ରିସବେନର ଗାବା ଷ୍ଟାଡିୟମରେ ଆରମ୍ଭ ହୋଇଛି ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍। ତେବେ ପ୍ରଥମ ଦିନର ଖେଳରେ ବର୍ଷା ସାଜିଛି ବାଧକ। ମାତ୍ର ୧୩.୨ ଓଭର ଖେଳ ହୋଇଛି। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି କୌଣସି ୱିକେଟ ନହରାଇ ୨୮ ରନ୍ କରିଛି। ଉସମାନ ଖୱାଜା ୧୯ ରନ୍ (୪୭ ବଲ, ୩ ଚୌକା) ଓ ନାଥନ ମ୍ୟାକସ୍ୱିନୀ ୪ ରନ୍ (୩୩ ବଲ୍) କରି ଅପରାଜିତ ଅଛନ୍ତି।

ଏହି ସ୍ୱଳ୍ପ ସମୟର ଖେଳ ମଧ୍ୟରେ ଦେଖିବାକୁ ମିଳିଥିଲା ଯେ ଫାଷ୍ଟ୍ ବୋଲରଙ୍କୁ ଭଲ ସ୍ୱିଙ୍ଗ ମିଳିନଥିଲା। ଆଉ ଏଥିପାଇଁ ଯଶପ୍ରୀତ ବୁମରା ଚିନ୍ତିତ ହୋଇଯାଇଥିଲେ। ଏକ ସମୟରେ ସେ ପ୍ରତିକ୍ରିୟାଶୀଳ ହୋଇ କହି ଦେଇଥିଲେ ଯେ କିଛି ସ୍ୱିଙ୍ଗ ହେଉନି। ଯେଉଁଠି ବି ବଲ୍ ପକାଇଲେ କିଛି ହେଉନାହିଁ। ତାଙ୍କର ଏ କଥା ଷ୍ଟମ୍ପ ମାଇକ୍ରୋଫୋନ୍‌ରେ ରେକର୍ଡ ହୋଇଯାଇଥିଲା। ଭଲ ସୁଇଙ୍ଗ ମିଳୁ ନଥିବାରୁ ମ୍ୟାଚ୍‌ର ୫ମ ଓଭରରେ ଯଶପ୍ରୀତ ବୁମରା ତାଙ୍କ ଲେଙ୍ଗଥ ଟିକେ ବଦଳାଇ ଥିଲେ ପିଚ୍‌ରେ କିଛି ମୁଭ୍‌ମେଣ୍ଟ ପାଇବା ପାଇଁ। ତଥାପି ତାଙ୍କୁ ସ୍ୱିଙ୍ଗ ମିଳି ନଥିଲା। ତା'ପରେ ହତାଶ ଯଶପ୍ରୀତ ବୁମରା ତାଙ୍କ ବୋଲିଂ ମାର୍କ ଆଡ଼କୁ ଯାଉଥିବା ବେଳେ କହିଥିଲେ, ନହିଁ ହୋ ରହା ସ୍ୱିଙ୍ଗ, କହିଁ ବି କର...। ଆଜି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା। ଖେଳ ଆରମ୍ଭ ହେବା ପୂର୍ବରୁ ପାଗ ଖରାପ ଥିଲା। ଆଉ ମ୍ୟାଚ୍ ବେଳେ ବର୍ଷା ହୋଇଥିଲା। ଏହି ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆରେ ଦୁଇଟି ପରିବର୍ତ୍ତନ କରାଯାଇଛି। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ରବୀନ୍ଦ୍ର ଜାଡ଼େଜାଙ୍କୁ ଖେଳା ଯାଉଛି। ସେହିପରି ପେସ୍ ବୋଲର ହର୍ଷିତ ରାଣାଙ୍କ ସ୍ଥାନରେ ଆକାଶ ଦୀପଙ୍କୁ ନିଆଯାଇଛି। ସେହିପରି ଅଷ୍ଟ୍ରେଲିଆ ଟିମ୍‌ରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଜୋଶ ହାଜେଲଉଡ୍ ପୁଣି ଟିମ୍‌କୁ ଫେରିଛନ୍ତି। ସ୍କଟ୍ ବୋଲାଣ୍ଡଙ୍କ ବଦଳରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ନେଇଛି ଦଳ। ବର୍ଡର-ଗାଭାସ୍କର ଟ୍ରଫିର ଚଳିତ ୫ଟି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ଗୋଟିଏ ଗୋଟିଏ ମ୍ୟାଚ୍ ଜିତି ସମାନ ସ୍ଥିତିରେ ଅଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଖେଳିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କାରଣ ବର୍ଡର-ଗାଭାସ୍କର ଟ୍ରଫିକୁ ୩-୧ରେ ଜିତିଲେ ହିଁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଦଳ ଖେଳି ପାରିବ। ଯଦି ବର୍ଷା ଯୋଗୁ ତୃତୀୟ ମ୍ୟାଚ୍ ପୂରା ଧୋଇ ହୋଇଯିବ, ତା'ହେଲେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଖେଳିବା ଆଶା ମଉଳି ଯାଇପାରେ। କାରଣ ପରବର୍ତ୍ତୀ ଦୁଇଟି ଟେଷ୍ଟ ଦଳ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିବ।

# ଚାମ୍ପିୟନ୍ସ ଟ୍ରଫି: 'ହାଇବ୍ରିଡ୍ ମଡେଲ'କୁ ଆଇସିସି ମୋହର



**ନୂଆଦିଲ୍ଲୀ, ୧୪।୧୨:** ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ ନେଇ ଆସିଛି ଏକ ବଡ ଖବର। ବହୁ ଆଲୋଚନା ଓ ବିବାଦ ପରେ ଶେଷରେ ମୁଣ୍ଡ ନୂଆଁଇଛି ପାକିସ୍ତାନ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ 'ହାଇବ୍ରିଡ୍ ମଡେଲ୍'ରେ ଆୟୋଜନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଅନୁମୋଦନ କରିଛି। ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଏବଂ ଦୁବାଇରେ ଅନୁଷ୍ଠିତ ହେବ। ଭାରତୀୟ ଦଳ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

ଏହି ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ଏକ ଚୁକ୍ତିନାମା ମଧ୍ୟ ହୋଇଛି। ଏହି ଚୁକ୍ତି ଅନୁସାରେ ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପରେ କୌଣସି ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଦଳ ଭାରତ ଗସ୍ତରେ ଆସିବ ନାହିଁ। ଅର୍ଥାତ ଭାରତୀୟ ଦଳ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷ ମ୍ୟାଚ୍ କଲମ୍ବୋରେ ଖେଳିବ। ଏହାଛଡ଼ା ହାଇବ୍ରିଡ୍ ମଡେଲରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପାଇଁ ପିସିବିକୁ କୌଣସି ଅତିରିକ୍ତ ଆର୍ଥିକ ସହାୟତା ମିଳିବ ନାହିଁ। ଏହା ବଦଳରେ ବୋର୍ଡକୁ ୨୦୨୭ ପରେ ଯେକୌଣସି ଆଇସିସି ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଅଧିକାର ଦିଆଯିବ।

ପ୍ରକାଶ ଥାଉ, ଭାରତ ସରକାର ଏହି ହାଇପ୍ରୋଫାଇଲ୍ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳକୁ ପାକିସ୍ତାନ ପଠାଇବାକୁ ଅନୁମତି ଦେଇନଥିଲେ। ଏହି ନିଷ୍ପତ୍ତି ବିଷୟରେ ଆଇସିସିକୁ ସୂଚନା ଦେଇ ବିସିସିଆଇ ଏକ ଚିଠି ଲେଖିଥିଲା। ଏଭଳି ପରିସ୍ଥିତିରେ 'ହାଇବ୍ରିଡ୍ ମଡେଲ୍' ଏକମାତ୍ର ବିକଳ୍ପ ଥିଲା। ଏହାପରେ ଆଇସିସି ମଧ୍ୟ ଏହାର ସମାଧାନ ପାଇଁ ବିସିସିଆଇ ଓ ପିସିବି ସମେତ ଅନ୍ୟ ସଦସ୍ୟ ବୋର୍ଡକୁ ନେଇ ଏକାଧିକ ବୈଠକ କରିଥିଲା। ଆଇସିସି ବୈଠକରେ ଯଦିଓ ପ୍ରଥମେ 'ହାଇବ୍ରିଡ୍ ମଡେଲ୍' ପାଇଁ ପିସିବି ଅରାଜି ହୋଇଥିଲା, ହେଲେ ଏବେ ଏହାର ଆଭିମୁଖ୍ୟ ନରମ ହୋଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୭ ପରେ ଆଇସିସି କ୍ୟାଲେଣ୍ଡରକୁ ଫେରୁଛି ଚାମ୍ପିୟନ୍ସ ଟ୍ରଫି। ୨୦୧୭ରେ ଇଂଲଣ୍ଡରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିର ଶେଷ ସଂସ୍କରଣ ପାକିସ୍ତାନ ଜିତିଥିଲା। ଅନ୍ୟପଟେ ୨୦୦୮ ପରଠାରୁ ଭାରତୀୟ କ୍ରିକେଟ ଦଳ କୌଣସି ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଗସ୍ତ କରି ନାହିଁ। ଭାରତୀୟ ଦଳ ଶେଷ ଥର ପାଇଁ ୨୦୦୮ରେ ଏସିଆ କପ୍ ପାଇଁ ପାକିସ୍ତାନ ଗସ୍ତ କରିଥିଲା। ଶେଷଥର ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଗତ ୨୦୧୨-୧୩ରେ ହୋଇଥିଲା। ଏହାପରେ ଉଭୟ ଦଳ କେବଳ ଏସିଆ କପ୍ ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟରେ ହିଁ ପରସ୍ପରକୁ ଭେଟୁଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କହିଲେ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଅମିର

**ଇସଲାମାବାଦ୍,୧୪।୧୨:** ପାକିସ୍ତାନର ଦ୍ରୁତ ବୋଲର ମହମ୍ମଦ ଅମିର ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି। ଅମିର ନିଜ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନର ଦୁଇଜଣ ଭେଟେରାନ ଅବସର ନେଇଛନ୍ତି। ଏହାପୂର୍ବରୁ ଡିସେମ୍ବର ୧୩ରେ ଅଲରାଉଣ୍ଡର ଇମାଦ ୱାସିମ ଅବସର ନେଇଥିଲେ। ମହମ୍ମଦ ଅମିର ସୋସିଆଲ ମିଡିଆରେ ପୋଷ୍ଟ କରି ଅବସର ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, ବହୁ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା କଷ୍ଟକର ନିଷ୍ପତ୍ତି ନେଇଛି। ଏହା ଗ୍ରହଣ କରିବା ସହଜ ନୁହେଁ। ମୁଁ ଅନୁଭବ କରୁଛି ଯେ ଯୁବ ପିଢିପାଇଁ ଏହା ଉପଯୁକ୍ତ ସମୟ। ମୁଁ ଏଥିପାଇଁ ପିସିବିକୁ ଧନ୍ୟବାଦ ଦେଉଛି। ସମର୍ଥନ ପାଇଁ ମୁଁ ମୋର ପରିବାର ଏବଂ ସାଙ୍ଗମାନଙ୍କୁ ଧନ୍ୟବାଦ ଦେଉଛି। ଏହାପୂର୍ବରୁ ଆମୀର ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ତା'ପରେ ସେ ଅନ୍ତର୍ଜାତୀୟ କ୍ରିକେଟ ଛାଡି ବୋର୍ଡର ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ବୋର୍ଡରେ ପରିବର୍ତ୍ତନ ପରେ ଅମିର ୨୦୨୪ ଟି-୨୦ ବିଶ୍ୱକପ ପୂର୍ବରୁ ଅବସର ଗ୍ରହଣ କରିଥିଲେ। ତା'ପରେ ଅମିର ମଧ୍ୟ ଟି-୨୦ ବିଶ୍ୱକପ ଖେଳିଥିଲେ। ତେବେ ଦଳର ଖରାପ ପ୍ରଦର୍ଶନ ହେତୁ ତାଙ୍କୁ ବିଶ୍ୱକପ ପରେ ଦଳରୁ ଓହରି ଯାଇଥିଲା ଏବଂ ବର୍ତ୍ତମାନ ତାଙ୍କୁ ସୁଯୋଗ ଦିଆଯାଉ ନାହିଁ। କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ ଆମୀର ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଇଚ୍ଛା ପ୍ରଦର୍ଶନ କରିଥିଲେ। ତେବେ ତାଙ୍କୁ ଅଣଦେଖା କରାଯାଇଥିଲା। ଏଭଳି ପରିସ୍ଥିତିରେ ଦଳର କବାଟ ବନ୍ଦ ହେବା ପରେ ଆମିର ଅବସର ନେଇଛନ୍ତି। ମହମ୍ମଦ ଆମିର ପାକିସ୍ତାନ ପାଇଁ ୩୬ଟି ଟେଷ୍ଟ, ୬୧ଟି ଦିନିକିଆ ଏବଂ ୬୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ଅମିର ଟେଷ୍ଟରେ ୧୧୯ ଉଇକେଟ, ଦିନିକିଆରେ ୮୧ ଉଇକେଟ ଏବଂ ଅନ୍ତର୍ଜାତୀୟ ଟି-୨୦ରେ ୭୧ ଉଇକେଟ ନେଇଛନ୍ତି। ଅନ୍ତର୍ଜାତୀୟ ବର୍ତ୍ତମାନ ସାରା ବିଶ୍ୱରେ ଟି୧୦ ଲିଗ ଏବଂ ଟି୧୦ ଲିଗ ଖେଳୁଛନ୍ତି।




# ପାକିସ୍ତାନ କୋଚ ପଦରୁ ଗିଲେସ୍ପିଙ୍କ ଇସ୍ତଫା




**ଆଡିଲେଡ, ୧୪।୧୨:** ପାକିସ୍ତାନ ଟେଷ୍ଟ ଦଳର କୋଚ୍ ପଦରୁ ଜାସନ ଗିଲେସ୍ପି ଇସ୍ତଫା ଦେଇଛନ୍ତି । ବୋର୍ଡ ସହ ମତ ପାର୍ଥକ୍ୟ ଯୋଗୁଁ ସେ ଏହି ନିଷ୍ପତ୍ତି ନେଇଥିବା ଜଣା ପଡ଼ିଛି । ତାଙ୍କ ସ୍ଥାନରେ ପୂର୍ବତନ ପେସ୍ ବୋଲର ଆକିବ ଜାଭେଦ ଅସ୍ଥାୟୀ କୋଚ ଭାବେ ଦକ୍ଷିଣ ଆଫ୍ରିକା ଯାତ୍ରା କରିବେ । ପାକିସ୍ତାନ ଦଳ ଦକ୍ଷିଣ ଆଫ୍ରିକା ଗସ୍ତରେ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି । ଡିସେମ୍ବର ୨୬ରୁ ସେଞ୍ଚୁରୀୟନ୍‌ରେ ପ୍ରଥମ ଟେଷ୍ଟ ଓ ଜାନୁଆରୀ ୩ରୁ କେପ ଟାଉନରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ ।

## ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି

# ଆଜି ମୁମ୍ବାଇ-ମଧ୍ୟପ୍ରଦେଶ ଫାଇନାଲ ଟକ୍କର



**ବେଙ୍ଗାଲୁରୁ,୧୪।୧୨:** ଚଳିତ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରଣଜୀ ଟ୍ରଫି ଚାମ୍ପିଅନ ମୁମ୍ବାଇ ଓ ମଧ୍ୟ ପ୍ରଦେଶ ମଧ୍ୟରେ ଟାଇଟଲ ଲଢେଇ ହେବ। ରବିବାର ଅପରାହ୍ନ ୪ଟାରେ ବେଙ୍ଗାଲୁରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିମୟରେ ଖେଳାଯିବ ମ୍ୟାଚ୍।

ଶୁକ୍ରବାର ଅନୁଷ୍ଠିତ ସେମି ଫାଇନାଲ୍ ମୁକାବିଲାରେ ମୁମ୍ବାଇ ୬ ୱିକେଟ୍‌ରେ ବରୋଦାକୁ ପରାସ୍ତ କରିଥିଲା। ସେହିପରି ଅନ୍ୟ ସେମି ଫାଇନାଲ୍‌ରେ ମଧ୍ୟ ପ୍ରଦେଶ ୭ ୱିକେଟ୍‌ରେ ଦିଲ୍ଲୀକୁ ହରାଇଥିଲା। ପ୍ରଥମ ସେମି ଫାଇନାଲ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ବରୋଦା ୭ ୱିକେଟ୍ ବିନିମୟରେ ୧୫୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶାଶ୍ୱସ ରାୱ୍‌ତ ୩୩, କୃନାଲ ପାଣ୍ଡ୍ୟ ୩୦, ଶିବଲିକ ଶର୍ମା ଅପରାଜିତ ୩୬ ଓ ଅତିତ ସେଠ ୨୨ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ସୂର୍ୟାଂଶ ସେଗେ ସର୍ବାଧିକ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ମୁମ୍ବାଇ ୧୭.୨ ଓଭରରେ ୪ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଭେଟେରାନ ବ୍ୟାଟର ଅଜିଙ୍କ୍ୟ ରାହାଣେ ୫୬ଟି ବଲ୍‌ରୁ ୯୮ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୧୧ଟି ଚୌକା ଓ ୫ଟି ଛକା ମାରିଥିଲେ। ସେହିପରି ଶ୍ରେୟାସ ଆୟର ୩୦ଟି ବଲ୍‌ରୁ ୪୬ ରନ୍‌ର ପାଳି ଖେଳିଥିଲେ। ଉଭୟଙ୍କ ୮୮ ରନ୍‌ର ଭାଗିଦାରୀ ବଳରେ ମୁମ୍ବାଇର ବିଜୟ ସହଜ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଦିଲ୍ଲୀ ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁଜ ରାୱ୍‌ତ ୨୪ଟି ବଲ୍‌ରୁ ଅପରାଜିତ ୩୩ ରନ୍ କରିଥିବାବେଳେ ପିୟୂଷ ଆର୍ୟ ୨୯, ମୟଙ୍କ ରାୱ୍‌ତ ୨୪ ରନ୍ କରିଥିଲେ। ମଧ୍ୟ ପ୍ରଦେଶ ପକ୍ଷରୁ ଭେଙ୍କଟେଶ ଆୟର ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

ଜବାବରେ ମଧ୍ୟ ପ୍ରଦେଶ ପ୍ରଥମ ବଲ୍‌ରେ ଅର୍ପିତ ଗୌଡ଼ଙ୍କ ୱିକେଟ୍ ହରାଇଥିଲା। ପରେ ପରେ ଶୁଭ୍ରାଂଶୁ ସେନାପତି ମଧ୍ୟ ୭ ରନ୍ କରି ପାଭିଲିୟନ ଫେରିଥିଲେ। ଅନ୍ୟ ଓପନ ହର୍ଷ ଗାଓଲି ୧୮ଟି ବଲ୍‌ରୁ ୩୦ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ୪୬ ରନ୍‌ରେ ଦଳ ୩ଟି ୱିକେଟ୍ ହରାଇ ସାରିଥିଲା। ମାତ୍ର ଏହାପରେ ହରପ୍ରୀତ ସିଂହ ଓ ରଜତ ପାତିଦାର ବିସ୍ଫୋରକ ବ୍ୟାଟିଂ କରିବା ଫଳରେ ମଧ୍ୟ ପ୍ରଦେଶ ୨୬ଟି ବଲ୍ ବାକି ଥାଇ ବିଜୟ ହାସଲ କରିଥିଲା। ପାତିଦାର ୨୯ଟି ବଲ୍‌ର ସାମ୍ନା କରି ଚୌକା ଓ ୬ ଛକା ବଳରେ ଅପରାଜିତ ୬୬ ରନ୍ କରିଥିଲେ। ସେହିପରି ହରପ୍ରୀତ ୩୮ଟି ବଲ୍‌ରୁ ୪୬(୪ଚୌକା, ୨ଛକା) ରନ୍ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରିବାରବାଦକୁ...

ନେହେରୁଙ୍କଠାରୁ ଇନ୍ଦିରା ଏବଂ ରାଜୀବଙ୍କୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ସାମ୍ବିଧାନିକ ମୂଲ୍ୟବୋଧକୁ ବାରମ୍ବାର ଆଘାତ ପାଇଁ ନେହେରୁ, ଇନ୍ଦିରା ଓ ରାଜୀବଙ୍କଠୁ ନେଇ ରାହୁଲଙ୍କୁ ନିଶାନା କରିଛନ୍ତି ପ୍ରଧାନମନ୍ତ୍ରୀ। ପରିବାରବାଦ କଥା ଉଠାଇ ମୋଦି କହିଛନ୍ତି, ଏହି ପରିବାର ସମ୍ବିଧାନକୁ ଚ୍ୟାଲେଞ୍ଜ କରି ଆସିଛି। ୧୯୫୧ରେ ନିର୍ବାଚିତ ସରକାର ନ ଥିଲା, ସେ ସମୟରେ ଅଧ୍ୟାଦେଶ ଆଣି ସମ୍ବିଧାନ ବଦଳାଇ ଦେଲେ। ଯାହା ସମ୍ବିଧାନ ନିର୍ମାତାଙ୍କ ପ୍ରତି ଘୋର ଅପମାନ।

ମୁଖ୍ୟମନ୍ତ୍ରୀମାନଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁ ଚିଠି ଲେଖି ସମ୍ବିଧାନ ଆମ ରାସ୍ତାରେ ପ୍ରତିବନ୍ଧକ ହେଲେ ବଦଳାଇବାକୁ ହେବ। ଯାହାକୁ ସେତେବେଳେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ବିରୋଧ କରିଥିଲେ। ଗତ ୬ ଦଶନ୍ଧିରେ ୭୫ ଥର ସମ୍ବିଧାନକୁ ବଦଳାଯାଇଛି। ୧୯୭୧ରେ ଇନ୍ଦିରା ଗାନ୍ଧି ସମ୍ବିଧାନ ସଂଶୋଧନ କରି ନ୍ୟାୟପାଳିକାର ଅଙ୍ଗ ଛେଦନ କରିଥିଲେ ବୋଲି ଆକ୍ଷେପ କରିଛନ୍ତି।

ନ୍ୟାୟପାଳିକା ଇନ୍ଦିରାଙ୍କୁ ଅଯୋଗ୍ୟ କରିବାରୁ ୧୯୭୫ରେ ଏମର୍ଜେନ୍ସି ଲଗାଇଲେ। ସମ୍ବିଧାନକୁ ୨୫ ବର୍ଷ ପୂରିଲା ବେଳକୁ ଜରୁରୀକାଳୀନ ସ୍ଥିତି ଲାଗିଲା। ସାରା ଦେଶକୁ କଂଗ୍ରେସ ଜେଲ୍ ବନାଇ ଦିଆଗଲା। ତେଣୁ କଂଗ୍ରେସ ତାର ଅତୀତର ପାପକୁ ଧୋଇପାରିବ ନାହିଁ। ନେହରୁ ଯେଉଁ ପରମ୍ପରା ଆରମ୍ଭ କରିଥିଲେ, ଇନ୍ଦିରା ତାହା ବଜାୟ ରଖିଲେ।

ନେହରୁ, ଇନ୍ଦିରାଙ୍କ ପରେ ରାଜୀବ ଏହାକୁ ଶକ୍ତି ଯୋଗାଇଲେ ଓ ପରପୀଢ଼ି ମଧ୍ୟ ଏହି ରାସ୍ତାରେ ଆଗକୁ ବଢ଼ୁଛନ୍ତି ବୋଲି କହି ରାହୁଲ ଗାନ୍ଧୀଙ୍କ ନାଁ ନନେଇ ବର୍ଷିଥିଲେ ପ୍ରଧାନମନ୍ତ୍ରୀ।

କଂଗ୍ରେସ ନିରନ୍ତର ଭାବେ ସମ୍ବିଧାନ ପ୍ରତି ଧୋକା ଦେଇ ଆସୁଛି ବୋଲି କହିଥିଲେ। ସଂରକ୍ଷଣକୁ ଗାନ୍ଧୀ ପରିବାର ବିରୋଧ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନେହରୁ ସଂରକ୍ଷଣକୁ ବିରୋଧ କରି ଚିଠି ଲେଖିଥିଲେ। ମଣ୍ଡଳ କମିଶନ ଲାଗୁ କରିବା ପାଇଁ ଦେଉ ନ ଥିଲେ। କଂଗ୍ରେସ ଯିବା ପରେ ମଣ୍ଡଳ କମିଶନ ଲାଗୁ ହେଲା। ପଛୁଆ ବର୍ଗର ଲୋକେ ସେମାନଙ୍କର ହକ୍ ପାଇଲେ। କଂଗ୍ରେସ ଧର୍ମୀୟ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଚାହୁଁଥିଲା। ସୁପ୍ରିମକୋର୍ଟ ସମାନ ନାଗରିକ ସଂହିତା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛି। ମାତ୍ର କଂଗ୍ରେସ ଏହାକୁ ବିରୋଧ କରୁଛି। କଂଗ୍ରେସ ମୁହଁରେ ସମ୍ବିଧାନ ଶୋଭା ପାଏ ନାହିଁ। ଯେଉଁ ଦଳରେ ନିଜର ସମ୍ବିଧାନ ବୋଲି କିଛି ନାହିଁ, ସେମାନଙ୍କୁ କଣ କୁହାଯି? କଂଗ୍ରେସର ପ୍ରିୟ ଶବ୍ଦ 'ଜୁମଲା' କହି ତାଚ୍ଛଲ୍ୟ କରିଛନ୍ତି ପ୍ରଧାନମନ୍ତ୍ରୀ।

୭୫ ବର୍ଷର ଉପଲବ୍ଧି ଅସାଧାରଣ ବୋଲି ମନ୍ତବ୍ୟ ଦେଇ ଏଥିପାଇଁ ଭାରତର ନାଗରିକ ସବୁଠୁ ବେଶୀ ଅଭିନନ୍ଦନର ପାତ୍ର ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱ ପାଇଁ ପ୍ରେରଣାର ଉତ୍ସ। ଭାରତ ବର୍ତ୍ତମାନ ଗଣତନ୍ତ୍ରର ଜନନୀ ଭାବେ ପରିଚିତ। ସମ୍ବିଧାନକୁ ସଶକ୍ତ କରିବାରେ ନାରୀଶକ୍ତି ପ୍ରମୁଖ ଭୂମିକା ତୁଲାଇଛନ୍ତି।

### ବିଷ୍ଣୁପଦଙ୍କୁ...

ଯାଆନ୍ତି, କାହା ସହ ମିଶନ୍ତି ପଚାରିଥିଲେ। ୭ ତାରିଖ ସନ୍ଧ୍ୟାରେ କେଉଁଠାରେ ସାର୍ ଥିଲେ ସେ ବିଷୟରେ ମଧ୍ୟ ସିବିଆଇ ନୃସିଂହଙ୍କୁ ପଚରାଉଚରା କରିଥିଲା। ନୃସିଂହ କହିଛନ୍ତି, ଏଥିରେ ମୋ'ର କୌଣସି ସମ୍ପୃକ୍ତି ନାହିଁ। ଯାହା ଜାଣିଥିଲି କହିଲି। ନିକଟରେ ଏସ୍‌ସି/ଏସ୍‌ଟି ବିଭାଗର କିଛି ସ୍କୁଲ ଅପଗ୍ରେଡେସନ କାମ ବ୍ରିଜ୍ ଆଣ୍ଡ ରୁଫ୍ କନଷ୍ଟ୍ରକ୍ସନ କଂପାନୀକୁ ଦେବାର ପ୍ରମାଣ ସାମ୍ନାକୁ ଆସିବା ପରେ ବିଷ୍ଣୁପଦ ଓ ସଂପୃକ୍ତ କଂପାନୀ ଭିତରେ ସଂପର୍କକୁ ନେଇ ବି ଚର୍ଚ୍ଚା ବଢ଼ିଛି। ତାଙ୍କ ଡ୍ରାଇଭରମାନଙ୍କ ତାଲିକା ମାଗିଥିଲା ସିବିଆଇ। ଶ୍ରୀ ସେଠୀ ଯେଉଁସବୁ ବିଭାଗ ଦାୟିତ୍ୱରେ ରହିଛନ୍ତି ଓ ତାଙ୍କ ସହ ଯେଉଁ ଡ୍ରାଇଭରମାନେ ରହିଛନ୍ତି, ସମସ୍ତଙ୍କର ନାମ, ଠିକଣା, ମୋବାଇଲ ନମ୍ବର ଆଦି ଦେବା ପାଇଁ ସିବିଆଇ ଡିସିପି ଅଜିତ୍ କୁମାର ପାଣ୍ଡେ ରାଜ୍ୟ ସରକାରଙ୍କୁ ଇ-ମେଲ୍‌ରେ ଜଣାଇବା ସହିତ ବିଷ୍ଣୁପଦ ସେଠୀଙ୍କୁ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ।

### ଉତ୍କଳ କରାଟେ...

ପ୍ରଦ୍ୟୁମ୍ନ ଅଭିଯୋଗ କରିଛନ୍ତି ଯେ, ଉତ୍କଳ କରାଟେ ସ୍କୁଲ ପାଇଁ ମିଳିଥିବା ଜମିରେ ଏକାଧିକ ସଂଘ ଗଠନ କରାଯାଇଛି। ପ୍ରାୟ ୪୦ ହଜାରରୁ ଅଧିକ ବର୍ଗଫୁଟର ନିର୍ମାଣ କରାଯାଇଛି। ଏପରିକି ଜଣେ ପୂର୍ବତନ ବିଜେଡି ସାଂସଦ ମଧ୍ୟ କରାଟେ ସ୍କୁଲର ଏକ କୋଠା ନିର୍ମାଣ ପାଇଁ ତାଙ୍କ ଲାଡ ଫଣ୍ଡରୁ ୪୯ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏକ ଘରୋଇ ଅନୁଷ୍ଠାନ ପାଇଁ ସାଂସଦ ପାଣ୍ଠିରୁ କିପରି ଅନୁଦାନ ଦିଆଗଲା ସେନେଇ ମଧ୍ୟ ପ୍ରଦ୍ୟୁମ୍ନ ପ୍ରଶ୍ନ ଉଠାଇଛନ୍ତି।

ଏଥିସହିତ ଉତ୍କଳ କରାଟେ ସ୍କୁଲ ବିଏମସିକୁ କୌଣସି ୟୁଜର ଫି କିମ୍ବା ମୁନିସିପାଲ ଟିକସ ଦେଉନାହିଁ ବୋଲି ଅଭିଯୋଗ ହୋଇଛି। କରାଟେ ଶିଖୁଥିବା ପିଲାଙ୍କ ଠାରୁ ଫି ଆଦାୟ ହେଉଥିବା ବେଳେ ସରକାରୀ ସ୍ତରରେ କୁହାଯାଉଛି ଯେ, ମାଗଣା କରାଟେ ଶିକ୍ଷା ଦିଆଯାଉଛି। ଆଉ ସେହି ଆଳ ଦେଖାଇ ୟୁଜର ଫି କିମ୍ବା ଅନ୍ୟାନ ଟିକସ ଦିଆଯାଉନି।

ଏନେଇ ବିଏମିସରେ ଏକ କେସ କରାଯାଇଛି ବୋଲି ପ୍ରଦ୍ୟୁମ୍ନ କହିଛନ୍ତି। ବିଏମସି ଓ ବିଡିଏର ବହୁ ନିୟମକୁ ଉତ୍କଳ କରାଟେ ସ୍କୁଲ ଖୋଲା ଉଲଂଘନ କରୁଥିବା ବେଳେ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ଏନେଇ ଉତ୍କଳ କରାଟେ ସ୍କୁଲର ସଭାପତି କି ସମ୍ପାଦକଙ୍କ ପ୍ରତିକ୍ରିୟା ମିଳିପାରିନି।

### ସରକାରୀ...

ସିଂ ଏବଂ ପୁତୁରା ନିଲମ ସିଂ ଉଦଳା କଚେରିରେ ପହଂଚି ମହୁରଲ ବନମାଳୀ ସିଂ ଏବଂ ସରକାରୀ ଓକିଲ ପ୍ରତିମା ସାହୁଙ୍କୁ ଧରି କରିଥିଲେ ପ୍ଲାନିଂ। ଟଙ୍କା ହଡପ ପାଇଁ ପ୍ରଥମେ ଯଦୁନାଥ ଏବଂ ତାଙ୍କ ସ୍ତ୍ରୀ ମିନତୀ ମଧ୍ୟରେ ଛାଡ଼ପତ୍ର ହୋଇଥିବା ନେଇ ମିଛ କୋର୍ଟ ଆଦେଶ ତିଆରି କରାଯାଇଥିଲା। ମେଟ ସୁଟ ନମ୍ବର - ୨୫/୨୦୨୧ର କୋର୍ଟ ଆଦେଶକୁ ଜାଲିଆତି କରିଥିଲେ। ଏହାସହିତ ସହିତ କୋର୍ଟ ନିର୍ଦ୍ଦେଶନାମାରେ ବିଚାରପତି ନିହାର ରଞ୍ଜନ ଲେଙ୍କାଙ୍କ ଦସ୍ତଖତ ଏବଂ ସିଲକୁ ଜାଲିଆତି କରି ମୃତକ ଯଦୁନାଥ ଏବଂ ସ୍ତ୍ରୀ ମିନତୀଙ୍କ ଛାଡ଼ପତ୍ରର ମିଥ୍ୟା ଅର୍ଡର କପି ତିଆରି କରିଥିଲେ ।

ଏହା ପରେ ଉଦଳା ସବରେଜିଷ୍ଟ୍ରାର ବିଭାଗର ବିବାହ ପ୍ରମାଣପତ୍ର ନମ୍ବର - ୨୧୧୨୯୧୫୦୦୦୪୭କୁ ଜାଲିଆତି କରି ଯଦୁନାଥ ଏବଂ ତାଙ୍କ ଭାଉଜ ସୋମବାରୀଙ୍କ ବିବାହ ସାର୍ଟିଫିକେଟ ପ୍ରସ୍ତୁତ କରିଥିଲେ। ଏହି ଜାଲ କାଗଜପତ୍ର ପ୍ରଦାନ କରି ଯଦୁନାଥଙ୍କ ମୃତ୍ୟୁ ପରେ ୨୦ ଲକ୍ଷ ଟଙ୍କା ହଡପ କରିଥିଲେ ।

ସରକାରୀ ଅର୍ଡର କପି ସହିତ ବିଚାରପତିଙ୍କ ଦସ୍ତଖତ ଓ ସିଲ ଜାଲିଆତି କରିବାରେ କମ୍ପ୍ୟୁଟର ଦୋକାନୀ ବିଜୟ କୁମାର ପାତ୍ର ସହଯୋଗ କରିଥିଲା ।

ଆଇନଜୀବୀ ରବୀନ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିଲେ ଓ ଯାହାକୁ ଆଧାର କରି ପୋଲିସ କେଶ ନମ୍ବର - ୨୮୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ମାମଲାରେ ବନମାଳୀ ସିଂ, କମ୍ପ୍ୟୁଟର ଦୋକାନୀ ବିଜୟ କୁମାର ପାତ୍ରଙ୍କ ସମେତ ଭାଉଜ ସୋମବାରୀ ସିଂ ଏବଂ ପୁତୁରା ନିଲମ ସିଂ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଏ ସବୁ ଜାଲିଆତିର ମୁଖ୍ୟ କାର୍ପଟଦାର ସରକାରୀ ଓକିଲ ପ୍ରତିମା ସାହୁ ଫେରାର ରହିଥିଲେ। ହେଲେ ଆଜି ଅପରାହ୍ଣରେ ଓକିଲ ପ୍ରତିମାଙ୍କୁ ଉଦଳା ପରିବା ହାଟ ପାଖରୁ ଗିରଫ କରିଥିଲା ପୋଲିସ। ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଡମି ସ୍କୁଲ...

ପିଲାମାନଙ୍କ ମଧ୍ୟରେ ଟେକ୍ନୋଲୋଜି, ଇନୋଭେସନ, ଏଆଇ ଓ ଏମଏଲ ଭଳି ବିଷୟରେ ଉତ୍ସୁକତା ଓ ଆଗ୍ରହ ରହିବା ଦରକାର ।

ଚାକିରି ଖୋଜିବା ସହ ସେମାନଙ୍କ ମଧ୍ୟରେ ଚାକିରିଦାତା ହେବାର ଇଚ୍ଛା ବଢ଼ିବା ଦରକାର। ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍କୁଲ ଶିକ୍ଷାବିତଙ୍କ ଏକ ବଡ଼ ଦାୟିତ୍ୱ ରହିଛି। ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଶିକ୍ଷାକୁ ସୁଲଭ କରିବା

ସହ ଦେଶର କୋଣ ଅନୁକୋଣରୁ ଡମି ସ୍କୁଲ ବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଆମ ସମସ୍ତଙ୍କୁ ଏଥିରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ସହ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଉପରେ ଯୋର୍ ଦେବାକୁ ହେବ ବୋଲି ସେ କହିଛନ୍ତି।

ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ନୂତନ ବେଞ୍ଚମାର୍କ ସ୍ଥାପିତ କରିବା, ଶିକ୍ଷକଙ୍କର କ୍ଷମତା ବିକାଶ କରିବା, ନୂତନ ଶିକ୍ଷାଗତ ପଦ୍ଧତି ଆଭିମୁଖ୍ୟ ତିଆରି କରିବା, ବଡ଼ ଆକାରରେ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ତିଆରି କରିବା ଏବଂ ଭାରତୀୟ ଭାଷାରେ ପଢ଼ାଇବା ପାଇଁ ଆମର ସ୍କୁଲ୍ ଶିକ୍ଷା ପ୍ରଣାଳୀକୁ ଅଗ୍ରଣୀ ଭୂମିକା ନିବାହ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

### ମାଲକାନଗିରିକୁ...

ନିଜ ପ୍ରକୋଷ୍ଠକୁ ଲୋକଙ୍କୁ ନ ଡାକି, ସେମାନଙ୍କ ପାଖକୁ ଯାଇ ଅଭିଯୋଗ ଶୁଣିଥିଲେ।

ଏଥିସହ ଖୁବଶୀଘ୍ର ସମସ୍ୟାର ସମାଧାନ କରିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କର ଏଭଳି ଲୋକାଭିମୁଖୀ କାର୍ଯ୍ୟ ପାଇଁ ଅଭିଯୋକାରୀମାନେ ଖୁବ୍ ପ୍ରଶଂସା କରିଛନ୍ତି।

### ଦୁଇଦିନ...

ପାଁଇପାରେ। ଗତ ୨୪ ଘଂଟା ମଧ୍ୟରେ ରାଉଲକେଲାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି, ଜି ଉଦୟଗିରିରେ ୫.୨, ଭୁବନେଶ୍ୱରରେ ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ୧୭ ଠାରୁ ପୁଣି ରାଜ୍ୟରେ ବର୍ଷାର ସମ୍ଭାବନା ଅଛି।

# ହିଞ୍ଜିଳିରେ ମଶା ଭଣଭଣ, ଲୋକେ ଅତିଷ୍ଠ

## ଟିଫା ମେସିନ ବୁଲୁନି, ମନେ ପଡ଼ିଲେ କାଭାଁ ବାହାରୁଛି



ହିଂଜିଳିକାଟୁ, ୧୪।୧୨ (ସଂଚାର ବ୍ୟୁରୋ) : ହିଂଜିଳିକାଟୁ ସହରରେ ଏବେ ମଶା ଭଣଭଣ । ଦିନ ହେଉ ଅବା ରାତି, ନିସ୍ତାର ନାହିଁ। ମଶା ଧୂପ ବା ଲିକ୍ୱିଡ଼ କାମ ଦେଉନାହିଁ । କାନ ପାଖରେ ଭଣ ଭଣ ହେଉଛନ୍ତି। ଦେହ ହାତ କାମୁଡ଼ି ଫୁଲାଇ ଦେଉଛନ୍ତି । ମଶାଙ୍କ ପ୍ରାଦୁର୍ଭାବ ଦେଖିଲେ ମଶା ଧୂଆଁ ଯୋଜନାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆଉ ଏଭଳି ସ୍ଥିତିରେ ହିଂଜିଳିକାଟୁ ମୁନିସିପାଲିଟି କୌଣସି ଠୋସ୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ମାସକୁ ଥରେ ମନେ ପଡ଼ିଲେ କା ଭାଁ ମଶା ଧୂଆଁ ଗାଡ଼ି ବାହାରୁଛି। ସେପଟେ ଗାଡ଼ି ବୁଲୁଛି କହି ଦାୟିତ୍ୱ ସାରିଦେଉଛି ପୌରପରିଷଦ।

ମଶାଙ୍କ ଉତ୍ପାତକୁ ନେଇ ଲୋକେ ଅତିଷ୍ଠ ହେଲେଣି । ଡ୍ରେନ ଗୁଡିକରେ ନିୟମିତ କେମିକାଲ ମିଶ୍ରିତ ଲାର୍ଭା କିଲର ପକାଯାଉ ନାହିଁ ଓ ମଶାଧୂଆଁ ଛଡ଼ାଯାଉ ନାହିଁ ଯାହା ଫଳରେ ଆଗାମୀ ଦିନରେ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ ।

### ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା

# ଚିକିତ୍ସା ସେବା ନ ପାଇଁ ରୋଗୀ ହଟହଟା

ମାହାଙ୍ଗା, ୧୪।୧୨ (ସଂଚାର ବ୍ୟୁରୋ) : ପୂର୍ବ ମାହାଙ୍ଗାର ଅବସ୍ଥିତ ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସୁଧୁରୁ ନାହିଁ। ମାହାଙ୍ଗାର ୭ଟି ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପଞ୍ଚାୟତର ରୋଗୀଙ୍କ ଭରସା ଡାକ୍ତରଖାନା ଉପରୁ ଦିନକୁ ଦିନ ତୁଟିବାରେ ଲାଗିଛି। ଡାକ୍ତର କେତେବେଳେ ଆସନ୍ତି ଓ ଡାକ୍ତରଖାନା ଛାଡି ଯାଆନ୍ତି ତାହା କେହି କହିପାରିବେ ନାହିଁ। ସପ୍ତାହରେ ଦୁଇ ତିନିଥର ଡାକ୍ତର ଆସନ୍ତି। ଏହି ଡାକ୍ତରଖାନା ଦିନ ୧୧ଟା ଖୋଲା ଯାଇ ଦିନ ୧ଟାରେ ବନ୍ଦ ହୁଏ। ଆୟୁଷ ଡାକ୍ତରାଣୀ ଜଣକ ଡାକ୍ତରଖାନାରେ ବସି ରହିଥାନ୍ତି। ଆୟୁର୍ବେଦିକ୍ ଔଷଧ କେତେ ଆସୁଛି କେଉଁ କେଉଁ ରୋଗୀମାନଙ୍କୁ ପ୍ରଦାନ କରାଯାଉଛି ତାହା କେବଳ କାଗଜ କଲମରେ।





ଗତ ଗୁରୁବାର ଦିନ ମାହାଙ୍ଗା ଅଞ୍ଚଳର ଜନୈକ ଗଣମାଧ୍ୟମ ପ୍ରତିନିଧି ତାଙ୍କ ଝିଅର ଚିକିତ୍ସା କରିବା ପାଇଁ ଭଦ୍ରେଶ୍ୱର ଡାକ୍ତରଖାନା ଆସିଥିଲେ, ହେଲେ ଡାକ୍ତରଖାନାରେ ଡାକ୍ତର ନଥିଲେ। ଫଳରେ ସେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀଙ୍କୁ ମୋବାଇଲରେ ଯୋଗାଯୋଗ କରିବାରୁ ଅଧୀକ୍ଷକ ଉତ୍ତର ଦେଇଥିଲେ ଯେ ଡାକ୍ତର ଛୁଟିରେ ଯାଇଛନ୍ତି। ମୁଁ ବୁଝି ଟିକେ ସମୟ ପରେ ଆପଣଙ୍କୁ କହୁଛି। ଏହା ପରେ ଗଣମାଧ୍ୟମ ପ୍ରତିନିଧି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମୋବାଇଲରେ ଯୋଗାଯୋଗ କରିବାରୁ ସେ ମିଟିଙ୍ଗରେ ଅଛନ୍ତି କହି ଫୋନ କାଟିଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ଅଞ୍ଚଳର ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସକାଳ ୮ଟାରେ ଖୋଲି ଦିନ ୧୨ଟାରୁ ୧ଟା ମଧ୍ୟରେ ବନ୍ଦହୋଇ ଦିନ୩ଟାରେ ଖୋଲି ସନ୍ଧ୍ୟା ୫ଟାରେ ବନ୍ଦ ହେଉଛି। ସେଠାରେ ଥିବା ଡାକ୍ତର ଜଣକ ଦୈନିକ ୨୫ଶହରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ହେଲେ ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ସୃଷ୍ଟି ହୋଇଛି।

ପୂର୍ବରୁ ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ବେଳେ ପୂର୍ବତନ ସିଡିଏମଓ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଫେକ୍ ନିଜ୍ୟୁ କହିଥିଲେ। କଟକ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟଅଧିକାରୀ ଭଦ୍ରେଶ୍ୱର ଆସି ଡାକ୍ତରଖାନା ସମ୍ମୁଖରେ ଥିବା ମେଡିସିନ୍ ଷ୍ଟୋର ଲାଗିଥିବା ସିସିଟିଭି ଫୁଟେଜ୍ ତନଖି କଲେ ପ୍ରକୃତ ସତ୍ୟାସତ୍ୟ ଖବର ଲୋକଲୋଚନକୁ ଆସିବ। ଡାକ୍ତରଖାନା ଥାଇ ଯଦି ରୋଗୀ ଚିକିତ୍ସା ନହୋଇପାରିଲା ତେବେ ସ୍ୱାସ୍ଥ୍ୟବିଭାଗ କି ପଦକ୍ଷେପ ଗ୍ରହଣ କରୁଛି ଏହାର ଉତ୍ତର ବିଭାଗୀୟ ମନ୍ତ୍ରୀ ଦିଅନ୍ତୁ ବୋଲି ସର୍ବସାଧାରଣରେ ଦାବି ହେଉଛି।

# ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଲିଖିଲ ମହାପାତ୍ର ଇସ୍ରୋ ଯିବାକୁ ମନୋନୀତ

ବୋରିଗୁମ୍ମା, ୧୪।୧୨ (ସଂଚାର ବ୍ୟୁରୋ) : ଟାଟା ଷ୍ଟିଲ୍ ଏବଂ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗରେ ଆୟୋଜିତ ୟଙ୍ଗ୍ ଏଷ୍ଟ୍ରୋନୋମର ଟାଲେଣ୍ଟ ସର୍ଚ୍ଚ ୨୦୨୪-୨୫ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଭୁବନେଶ୍ୱର ଠାରେ ୧୨ରୁ ତାରିଖରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମାର ଲିଖିଲ୍ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝି ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଠାରୁ ପୁରସ୍କାର ପାଇଛନ୍ତି। ଏହି ପ୍ରତିଯୋଗିତାରେ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ୨ ଜଣ ଏହିଭଳି ଓଡ଼ିଶାରୁ ସମୁଦାୟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଠାରେ ବିଜ୍ଞାନ ଶିକ୍ଷକ ଶ୍ରୀ ଗୌରୀ ଶଙ୍କର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦ୍ରକୁ ଭାରତୀୟ ମାନବ ମହାକାଶଯାନ ପ୍ରସଙ୍ଗରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଠାରେ ସେ ଉଚ୍ଚ ପ୍ରଂଶସିତ ହୋଇ ଇସ୍ରୋ ଯିବା ପାଇଁ ମନୋନୀତ ହୋଇଛନ୍ତି । ଉକ୍ତ ପ୍ରତିଯୋଗିତାରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା କମିଶନର ଚିତ୍ରା ଅରୁମ୍ମମ୍ ଓ ଉପ ସଭାପତି ରାଜିବ୍ କୁମାର ଟାଟା ଷ୍ଟିଲ ପକ୍ଷରୁ ଉପସ୍ଥିତ ଥିଲେ।





## ନୂତନ ଥାନା କୋଠା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

କାକଟପୁର/ଅସ୍ତରଙ୍ଗ, ୧୪।୧୨ (ସଂଚାର ବ୍ୟୁରୋ) : ଆସନ୍ତା ୧୬ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ନୂତନ କୋଠାକୁ ଭରଚ୍ୟୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। ଏ ନେଇ ଶନିବାର ମଧ୍ୟାହ୍ନ ସମୟରେ ଡି ଆଇ ଜି (ସି ଆର )ଶ୍ରୀ ଚରଣ ସିଂ ମୀନା, ପୁରୀ ଏସ୍ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଏସ୍ପି ବିଷ୍ଣୁ ପ୍ରସାଦ ପତି ଅସ୍ତରଙ୍ଗ ରେ ପହଂଚି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂତନ କୋଠା ବୁଲି ଦେଖିଥିଲେ। ସୂଚନା ଅନୁସାରେ ଅସ୍ତରଙ୍ଗ ବଜାର ନିକଟରେ ଅସ୍ତରଙ୍ଗ ଥାନାର ନୂତନ କୋଠା ନିର୍ମାଣ କାର୍ଯ୍ୟ ପୁଲିସ ହାଉସିଂ ବୋର୍ଡ ପକ୍ଷରୁ ଆରମ୍ଭ ହୋଇଥିଲା। ଏ କୋଠାରେ ଆବଶ୍ୟକ ଥିବା ସମସ୍ତ ସରଞ୍ଜାମ ରହିଛି ନିର୍ମାଣ କାର୍ଯ୍ୟ ଶେଷ ହେବାରୁ ୧୬ତାରିଖରେ ମୁଖ୍ୟମନ୍ତ୍ରୀ ଭରଚ୍ୟୁଆଲ ମାଧ୍ୟମରେ ଉଦଘାଟନ କରିବେ। ନୂତନ ଥାନା ଡି ଆଇ ଜି ପରିଦର୍ଶନ ସମୟରେ ନିମାପଡା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, କାକଟପୁର ଥାନାଅଧିକାରୀ ଉମେଶ ଚନ୍ଦ୍ର ସାହୁ ଓ ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଦୁଘାଟନ ସମାରୋହ ରେ ସମସ୍ତ ବିଭାଗୀୟ ଅଧିକାରୀ, ବିଧାୟକ, ସାଂସଦ, ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ନାଗରିକ, ଶିକ୍ଷାବିତି ଙ୍କ ସହ ପ୍ରତି ପଂଚାୟତର ବୁଦ୍ଧିଜୀବି ଙ୍କ ସମେତ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି।





## କଣାସରେ ଜାପାନି ଜ୍ୱର ଚିହ୍ନଟ

### ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ଅଧିକାରୀ

କଣାସ, ୧୪।୧୨ (ସଂଚାର ବ୍ୟୁରୋ) : କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ଝାରକଟା ଗ୍ରାମରେ ଜାପାନି ଜ୍ୱର ରୋଗରେ ଜଣେ ୭୫ବର୍ଷ ବୃଦ୍ଧ ଆକ୍ରାନ୍ତ ହୋଇଥିବା ଚିହ୍ନ ହେବାପରେ ଗତକାଲି ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ତାଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ଗ୍ରାମରେ ଆଉକେଉଁ ମାନଙ୍କୁ ଜ୍ୱୋର ହୋଇଛି ପଚାରି ବୁଝି ସହିତ ରୋଗୀମାନଙ୍କୁ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇ ଫେରିଯାଇଥିବା ଜଣାପଡ଼ିଛି। ଉକ୍ତ ବୃଦ୍ଧ ଏକ ଘରେଇ ଡାକ୍ତରଖାନାରେ ଜାପାନି ଜ୍ୱୋରରେ ଆକ୍ରାନ୍ତ ହୋଇ ଚିକିତ୍ସା ହୋଇ ଫେରିଥିଲେ। ପରେ ପୂର୍ବଭଳି ଲକ୍ଷଣ ଦେଖାଦେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଚିକିତ୍ସା କରାଯାଇ ତାଙ୍କର ନେଗେଟିଭି ରିପୋର୍ଟ ଆସିବାପରେ ଘରକୁ ଫେରିଆସିଛନ୍ତି। ଜାପାନି ଜ୍ୱର ଜଣାପଡ଼ିବା ପରେ କଣାସ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘୁଷୁରି ମାଧ୍ୟମରେ ଏହି ଜ୍ୱର ସଂକ୍ରମିତ ହେଉଥିବାରୁ କେଉଁ ଦିନ କେତେବେଳେ ଗ୍ରାମ ଓ ଆଖାପାଖ ଗ୍ରାମକୁ ଘୁଷୁରି ଆସିଥିଲେ କି ନାହିଁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ରଥ ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ରହିଥିଲେ।

### ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

# ଅତିଥିଙ୍କ ପାଇଁ ବିଳମ୍ବରେ ଆରମ୍ଭ ହେଲା ପ୍ରତିଯୋଗିତା

ନୟାଗଡ଼, ୧୪।୧୨ (ସଂଚାର ବ୍ୟୁରୋ): ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଅଧିନରେ ଥିବା ନେହେରୁ ଯୁବ କେନ୍ଦ୍ର ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଭାରତ-୨୦୨୪ କାର୍ଯ୍ୟକ୍ରମ ଦେଢ଼ ଘଣ୍ଟା ବିଳମ୍ବ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପୂର୍ବାହ୍ନ ୧୦ଟା ଆରମ୍ଭ ହେବ ବୋଲି ନିମନ୍ତ୍ରଣ କରିଥିଲେ ଏବଂ ଅତିଥିଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ। କିନ୍ତୁ ମୁଖ୍ୟଅତିଥି ଦେଢ଼ ଘଣ୍ଟା ବିଳମ୍ବରେ ଆସିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଭାରତୀୟ ଡାକ ବିଭାଗ ମୁଖ୍ୟ ଅଧିକ୍ଷକ ଖଗେଶ୍ୱର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ସାହୁ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମ ଚନ୍ଦ୍ରଙ୍କ ସହିତ ନୟାଗଡ ଜିଲ୍ଲା ନେହେରୁ ଯୁବକେନ୍ଦ୍ର ସଂସ୍ଥା ଜିଲ୍ଲା ଅଧିକାରୀ ଅନୁରାଗ କୁମାର ଭଗବାନ ଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟ କ୍ରମ ଶୁଭାରମ୍ଭ କରିଥିଲେ।





ଏଥିରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସ୍ୱାଇଁ ନୟାଗଡ ଜିଲ୍ଲାକୁ ବିଜ୍ଞାନର ମାଟି ବୋଲି ଉଲ୍ଲେଖ କରି ଭବିଷ୍ୟତରେ ଏହି ଜିଲ୍ଲାରୁ ଅନେକ ବୈଜ୍ଞାନିକ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ବୃନ୍ଦ "ପଞ୍ଚପ୍ରାଣ" ଉପରେ ବିଶେଷ ଭାବେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାୟ ୧୮ ଟି ଅନୁଷ୍ଠାନରୁ ୭ ଟି ପ୍ରତିଯୋଗିତାରୁ ୨୫୦ ଉର୍ଦ୍ଧ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ କୃତି ପ୍ରତୀଯୋଗୀଙ୍କୁ ମାନପତ୍ର, ଫଳକ ଏବଂ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଏହି ପ୍ରତିଯୋଗିତା ରେ ୧ମ ଓ ୨ୟ ସ୍ଥାନରେ ଥିବା ବିଜେତା ମାନେ ଭବିଷ୍ୟତରେ ରାଜ୍ୟସ୍ତରିୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ତେଣୁ ଖଣ୍ଡପଡ଼ା ବିଧାୟକ ସଭା ସମିତିକୁ ଦେଉଥିବା ସମୟ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତବ୍ୟକ୍ତ ପ୍ରକାଶ ପାଇଛି ।

# ଡିସେମ୍ବର ୨୩ରୁ ୨୫ ଅନ୍ତର୍ଜାତୀୟ ୬୪ ଯୋଗିନୀ ମହୋତ୍ସବ

ବାଲିଅନ୍ତା, ୧୪।୧୨ (ସଂଚାର ବ୍ୟୁରୋ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଷ୍ଟଦଶ ଆନ୍ତର୍ଜାତୀୟ ୬୪ ଯୋଗିନୀ ମହୋତ୍ସବ ଡ଼ିସେମ୍ବର ତା୨୩ ରିଖଠାରୁ ଆରମ୍ଭ ହୋଇ ତା ୨୫ ରିଖରେ ଉଦ୍ଯାପିତ ହେବ। ଚଳିତବର୍ଷ ୬୪.ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନରେ ସମ୍ମାନୀତ ହେବାକୁ ଯାଉଛନ୍ତି ସଂଗିତ ନାଟକ ଏକାଡେମୀ ପୁରସ୍କୃତ ନୃତ୍ୟ ଗୁରୁ ନିରଞ୍ଜନ ରାଉତ। ୬୪ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନୀତ ହେବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ କବି ତଥା ଏ ମାଟିର ସୁପୁତ୍ର ଡ଼ଃ ଫନୀ ମହାନ୍ତି।ଜିବନବ୍ୟାପି ସାଧନା ପାଇଁ ଚଳଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ଅଶି ଦଶକର ବରିଷ୍ଠ ଅଭିନେତ୍ରୀ ଓ ଶିକ୍ଷାବିତ୍ ଶ୍ରୀମତୀ ତ୍ରୀପୁରା ମିଶ୍ର। ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡ଼ିଶୀ ସଂଗିତ,ଓଡ଼ିଶୀ ନୃତ୍ୟ,ଭାରତ ନାଟ୍ୟମ୍, କୁଚିପୁଡ଼ି ,ପଶୁ ନୃତ୍ୟ, ସମ୍ବଲପୁରୀ,ମୟୁରଭଞ୍ଜର ଛଉ ନୃତ୍ୟ,କୋରାପୁଟର ବଣ୍ଡା ନୃତ୍ୟ, ଘୋଡ଼ା ନାଚ ପ୍ରଭୁତି ଅନୁଷ୍ଠିତ ହେବ ବୋଲି ୬୪ ଯୋଗିନୀ ମହୋତ୍ସବ କମିଟିର ସଭାପତି ଡ଼ଃ ରଜନି ରଞ୍ଜନ ଦାସ, ସଂପାଦିକା ନୃତ୍ୟ ଗୁରୁ ପ୍ରତିଭ ପଣ୍ଡା ଓ କମିଟିର ବରିଷ୍ଠ ସଦସ୍ୟ ରୁନା ପଣ୍ଡା ପ୍ରକାଶ କରିଛନ୍ତି।

# ନାଉଗାଁରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ



ନାଉଗାଁ, ୧୪।୧୨ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ନାଉଗାଁ ବ୍ଲକର ନାଉଗାଁ ତହସିଲ୍ କାର୍ଯ୍ୟାଳୟ ରେ ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଅକ୍ଷୟ ବଡୁ ଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଶ୍ରୀ ବଡୁ ଙ୍କୁ ସହ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡା , ତହସିଲ୍ ର ବରିଷ୍ଠ ମୁଖ୍ୟ କିରାଣୀ ଅଶୋକ କୁମାର ସାହୁ , ପେସକାର ପ୍ରଭାସ ଚନ୍ଦ୍ର ଦଳାଇ ଓ ତହସିଲ୍ ର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ସୁପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା କୋର୍ଟ ମାମାଲା , ମିସ୍ ପିଟିସନ ମାମାଲା , ସରକାରୀ ଜାଗା ଅବରୋଧ ମାମାଲା ଓ ଅନ୍ୟାନ୍ୟ ଦିୱାନୀ ମାମାଲା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଫଇସଲା ହୋଇଛି । ମୋଟ ୪୭ ଟି ମାମଲା ସଫଳତାର ସହ ଫଇସଲା ହେବା ସହିତ ୧୫.୦୩୩ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି।

# କ୍ଷୀର ସଂଗ୍ରହ ବୃଦ୍ଧି ନେଇ ଚାଷୀ ସମାବେଶ

ବାଲିଅନ୍ତା, ୧୪।୧୨ (ସଂଚାର ବ୍ୟୁରୋ): ବନ୍ଦ ହେବାକୁ ବସିଥିବା ବଲିଅନ୍ତା ବ୍ଲକ ଅଧୀନ ରଣପୁର ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ପରିମାଣ ବୃଦ୍ଧି ନେଇ ଆଜି ଗ୍ରାମ କୋଠଘରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୁମୁଲ ସାଧାରଣ ପରିଚାଳକ ହୃଷିକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମିତିରେ କ୍ଷୀର ସଂଗ୍ରହ କମିଯିବା ନେଇ ଚାଷୀଙ୍କ ସହିତ ଓମଫେଡ଼ ଓ ପୁମୁଲର ବରିଷ୍ଠ ଅଧିକାରମାନେ ଆଲୋଚନା କରିଥିଲେ।

ସରକାରୀ ପ୍ରୋତ୍ସାହନ ଅଭାବ ଓ କ୍ଷୀରର ଉପଯୁକ୍ତ ମୂଲ୍ୟ ମିଳୁନଥିବାରୁ ଚାଷୀମାନେ ସମିତିରେ କ୍ଷୀର ବିକ୍ରି ପରିବର୍ତ୍ତେ ବେହେରାଙ୍କୁ ବିକ୍ରି କରୁଥିବା କହିଥିବା ଅଭିଯୋଗ କରିଥିଲେ । ଚାଷୀଙ୍କୁ କାମଧେନୁ ଯୋଜନାରେ ଆର୍ଥିକ ସହାୟତା, ବାଛୁରି ଦାନା, ଗାଈ ଦାନା, କ୍ୟାଲସିୟମ, ଘାସ ମଞ୍ଜି ଯୋଗାଣ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଅଧିକାରୀମାନେ ପ୍ରତିଶୃତି ଦେଇଥିଲେ। ମେସିନ ସାହାଯ୍ୟରେ କ୍ଷୀର ମାନ ପରୀକ୍ଷା କରିସଂଗ୍ରହ ନେଇ ନିଷ୍ପତ୍ତି ହୋଇଥିଲା ।



ଅନ୍ୟମାନଙ୍କ ମଧ୍ୟରେ ଖମଙ୍ଗ ବିଏମସି ସୁପରଭାଇଜର ନମିତା ସ୍ୱାଇଁ, ଓମଫେଡ ମାନବ ସମ୍ବଳ ବିଭାଗ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ ଏବଂ ଅର୍ଥ ବିଭାଗ ଉପ ପରିଚାଳକ ସୁରେଶ ଚନ୍ଦ୍ର ଆଲଟିଆ ପ୍ରମୁଖ ଚାଷୀଙ୍କୁ ସଚେତନ କରାଇଥିଲେ । ସମ୍ପାଦିକା କଳ୍ପନା ପରିଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର





ସାଲେପୁର, ୧୪।୧୨ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟା ସମୟରେ କଟକ ଚାନ୍ଦବାଲି ରାସ୍ତାର ନାଲିଆ ମୁହଁ ନିକଟରେ ଧବଳେଶ୍ୱର ନାମକ ଏକ ଘରୋଇ ବସ ଓଡି୦୫ବି୍ଏ୪୨୮ଦୁଇ ଜଣ ବାଇକ ଆରୋହୀଙ୍କୁ ପଛପଟୁ ଧକା ଦେଇ କିଛିବାଟ ଘୋଷାଡ଼ି ଘୋଷାଡ଼ି ନେଇଯାଇ ଥିବାର ପ୍ରତେକ୍ଷଦର୍ଶୀ କହୁଛନ୍ତି। ଉଭୟ ବ୍ୟକ୍ତିଙ୍କ ଅବସ୍ଥା ଶୋଚନୀୟ ଥିବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ପଠାଯାଇଛି। ଏହି ଦୁଇଜଣ ବ୍ୟକ୍ତି ପାଟକୁରା ଅଞ୍ଚଳର ବୋଲି କିଛି ଲୋକ କହୁଛନ୍ତି।

# ନବରଙ୍ଗପୁରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪

ନବରଙ୍ଗପୁର, ୧୪।୧୨ (ସଂଚାର ବ୍ୟୁରୋ): ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ର ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତି ୦୩(ଗୋଟି) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି (ଏମ ଏ ସି ଟି)ବାବଦକୁ ଫଇସଲା କରି ଟ.୨୫,୫୦,୦୦୦/- ଓ ୦୬(ଗୋଟି) ଅନ୍ୟାନ୍ୟ ଦେବାନି କେସ ବାବଦକୁ ଫଇସଲା କରି ଟ.୪୧,୫୨,୩୨୯/- କ୍ଷତିପୁରଣ ଆଦାୟ କରିଛନ୍ତି। ପରିବାର ବିଚାରବିଭାଗୀୟ ଜର୍ଜ ଲିଲିପ୍ସା ପସାୟତ ୧୪ (ଗୋଟି) ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି ସେଥିମଧ୍ୟରୁ ୦୨ (ଗୋଟି) କେସରେ ଦୀର୍ଘ ଦିନର ବିବାଦର ଅନ୍ତ ଘଟାଇ ଦମ୍ପତ୍ତୀଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି । ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୦୫ ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧିୟ ବିବାଦର ଫଇସଲା କରି ଟ.୮,୧୮,୩୬୬.୨୩ ଟଙ୍କା ଋଣ ଆଦାୟ କରିଛନ୍ତି ଓ ଗୋଟିଏ ଦେବାନି କେସ ମଧ୍ୟ ସମାଧାନ କରିଛନ୍ତି । ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ନବରଙ୍ଗପୁର ପ୍ରଜ୍ଞା ପଣ୍ଡା ୪୨ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜେଶ କୁମାର ମିଶ୍ର ୧୦ଟି ଫୌଜଦାରୀ ମକଦ୍ଦମା ର ଫଇସଲା କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସର୍ବମୋଟ ୨୫୩ ଗୋଟି କୋର୍ଟ କେସ ଓ ୧୧୩୫୧ ଗୋଟି ରାଜସ୍ୱ କେସର ଫଇସଲା କରାଯଇ ଟ.୮,୬୨,୨୧୮/- ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୨୫ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୫,୦୪,୫୦୪/- ଋଣ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା ଯୋଗ ଦେଇଥିଲେ ।





## ବିପୁଳ ଗଞ୍ଜେଇ ଗଛ ନଷ୍ଟ



ନବରଙ୍ଗପୁର/ରାଇଘର, ୧୪।୧୨ (ସଂଚାର ବ୍ୟୁରୋ) : ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନ ଅନ୍ତର୍ଗତ କାଉଡଳା ଗ୍ରାମ ପଞ୍ଚାୟତର ଖାଲେପାରା ଓ ପକନାଗୁଡା ଗ୍ରାମରେ ପ୍ରାୟ ୪୦୦୦ରୁ ଉର୍ଦ୍ଧ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ବର୍ତ୍ତୀ ଅଞ୍ଚଳର କିଛି ସ୍ଥାନରେ ଗଞ୍ଜେଇ ଚାଷ ହୋଇଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦେଶ କ୍ରମେ ଜିଲ୍ଲା ପୋଲିସ, ରାଜସ୍ୱ, ବନ, ଅବକାରୀ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ ସ୍ୱତନ୍ତ୍ର ଟିମ ଗଠନ କରାଯାଇ କୁନ୍ଦେଇ ଥାନା ଅଧୀନ ଉକ୍ତ ଦୁଇ ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଛୋଟ ଛୋଟ ପରିବା କିଆରି ମଧ୍ୟରେ ଥିବା ଶତାଧିକ ଗଞ୍ଜେଇ ଚାରା ଏବଂ ଚାଷ ହୋଇଥିବା ପ୍ରାୟ ୪୦୦୦ରୁ ଉର୍ଦ୍ଧ ଗଛ ନଷ୍ଟ କରାଯାଇଛି। ଯେଉଁ ବ୍ୟକ୍ତିଙ୍କ ଜମିରେ ଗଞ୍ଜେଇ ଚାଷ କରାଯାଇଛି ସେହି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯାଇଛି। ସେହିଭଳି ଗଞ୍ଜେଇ ଲଗାଯାଇଥିବା ଅନ୍ୟ ଜମି ଗୁଡିକ କାହା ନାମରେ ରହିଛି ତାକୁ ଚିହ୍ନଟ କରାଯାଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆଗାମୀ ଦିନରେ ଏହିଭଳି ଗଞ୍ଜେଇ ଚାଷ ଠାରୁ ଦୁରେଇ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ଉପଖଣ୍ଡ ଅଧିକାରୀ ମିନାକ୍ଷୀ ଠାକୁର ।

# ଇତିହାସ ପୃଷ୍ଠାରୁ ଲିଭାଇ ଦିଆଯାଇଛି 'ଲକ୍ଷ୍ମୀସାଗର' ନାମ

ନୀଳଗିରି, ୧୪।୧୨ (ସଂଚାର ବ୍ୟୁରୋ): 'ଲକ୍ଷ୍ମୀ ସାଗର' ନାମକୁ ଇତିହାସ ପୃଷ୍ଠାରୁ ଲିଭାଇ ଦିଆଯାଇଛି। ଏହାକୁ ପୁନଃରୁଦ୍ଧାର ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ ଜନସ୍ୱାର୍ଥ ମାମଲା ରୁଜୁ କରାଯିବା ସହିତ ଉକ୍ତ କାର୍ଯ୍ୟ ପାଇଁ ଯେଉଁମାନେ ଦାୟୀ ତଥା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦଳ ପକ୍ଷରୁ ପଦକ୍ଷେପ ନେବା ପାଇଁ ପ୍ରଶାସନ ଠାରେ ଦାବୀ ଉପସ୍ଥାପନ କରାଯିବ।

**ଉଚ୍ଚ ନ୍ୟାୟାଳୟରେ ଦାଖଲ ହେବ ଜନସ୍ୱାର୍ଥ ମାମଲା**



ଲକ୍ଷ୍ମୀ ସାଗର ହେଉଛି ନୀଳଗିରିର ଗର୍ବ ଏବଂ ଗୌରବ । ତା ଛଡା ଇତିହାସ ରାଜ ଶାସନର ଗୌରବାବହ ଏକ ସ୍ୱତନ୍ତ୍ର ପରିଚିତି। ଉକ୍ତ ପୋଖରୀକୁ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବ ଉପଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଯାହାକି ଜନସାଧାରଣଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ବର୍ତ୍ତମାନ କେନାଲ ଖୋଲାଯାଇ ଲକ୍ଷ୍ମୀ ସାଗରକୁ କେନାଲ ଭିତରେ ଲୀନ କରାଯାଇଛି। ବ୍ୟକ୍ତି ସ୍ୱାର୍ଥ ପାଇଁ କେନାଲର ଗତିପଥ ନକ୍ସାରେ ଅନ୍ୟ ବାଟେ ଥିବା ବେଳେ କେନାଲ କାମ କରୁଥିବା ଠିକାଦାରମାନେ ଲାଞ୍ଚ ନେଇ କେନାଲର ଗତିପଥକୁ ପରିବର୍ତ୍ତନ କରି ଲକ୍ଷ୍ମୀ ସାଗର ମଧ୍ୟ ଦେଇ ନେବା ଫଳରେ ଲକ୍ଷ୍ମୀ ସାଗର ପୋଖରୀ କେନାଲରେ ଲୀନ ହୋଇଯାଇଛି। ଯାହାକି ନୀଳଗିରି ଜନସାଧାରଣଙ୍କ ସ୍ୱାଭିମାନ ଉପରେ ପ୍ରଚଣ୍ଡ କୁଠାରଘାତ ସଦୃଶ। ତେଣୁ ଲକ୍ଷ୍ମୀ ସାଗରର ପୁନଃରୁଦ୍ଧାର ସହିତ ନୀଳଗିରିର ସ୍ୱାଭିମାନ ରକ୍ଷା କରିବା ପାଇଁ ଦଳ ତରଫରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ରେଳ ଫାଟକ ତଳେ ଭୂତଳ ଗଳାଶଙ୍ଗ ନିର୍ମାଣ ଦାବି

ବ୍ରହ୍ମପୁର, ୧୪।୧୨ (ସଂଚାର ବ୍ୟୁରୋ): ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଲାଞ୍ଜିପଲ୍ଲୀ -ରାମନଗର ଠାରେ ଏକ ରେଳ ଫାଟକ ଯୋଗୁଁ ବହୁ ସମୟ ଧରି ଲୋକେ ଅଟକି ରହୁଛନ୍ତି। ଏହା ହେଉଛି ସହରର ଏକ ବ୍ୟସ୍ତ ବହୁଳ ରେଳ ଫାଟକ। ନିକଟରେ ଷ୍ଟେସନ ରହିଥିବାରୁ ଏଠାରେ ୨୪ ଘଣ୍ଟାରେ ପ୍ରତି ୭ ମିନିଟରୁ ୧୦ ମିନଟ ମଧ୍ୟରେ ରେଳ ଯିବା ଆସିବା ଯୋଗୁଁ ପ୍ରାୟ ୧୦ରୁ ୧୫ ମିନଟ ଫାଟକ ବନ୍ଦ ରହୁଛି । ବହୁ ସମୟରେ ୨ଟି ଟ୍ରାକ୍‌ରେ ରେଳ ଗାଡି ଯିବା ଆସିବା କରୁଥିବା ବେଳେ ୫ ରେଳ ଫାଟକ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରହୁଛି । ଯାହାଫଳରେ ସ୍ଥାନୀୟ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଭାରତ ସରକାରଙ୍କ ରେଳ ବିଭାଗ ଖୋଡ଼ାସିଙ୍ଗି -ଆଂକୁଲି ଗ୍ରାମ ରେଳ ଧାରଣା ପାର ହେବାକୁ ଜୀବନ ବୀମା କାର୍ଯ୍ୟାଳୟ ପଛପଟେ ରେଳ ଧାରଣା ତଳେ ଗଳାଶଙ୍ଗ ନିର୍ମାଣ କରିଥିବା ହେତୁ ସେଠାକାର ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି। ସେହିଭଳି ଲାଞ୍ଜିପଲ୍ଲୀ - ରାମ ନଗର ରେଳ ଫାଟକ ତଳେ ଏକ ଗଳାଶଙ୍ଗ ସ୍ଥାପନ କରିବା ନେଇ ଭାରତ ସରକାରଙ୍କ ରେଳ ବିଭାଗକୁ ଚିଠି ଲେଖି ପ୍ରସ୍ତାବ ପାରିତ କରିବାକୁ ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ଦାବି ଜଣାଇଛନ୍ତି। ଏନେଇ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

# ୨୪ ବର୍ଷ ପରେ ଚେତିଲା ବିଜେଡ଼ି

## ଜାନୁଆରୀରୁ ପୋଲାଭରମ ଆନ୍ଦୋଳନ



ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ): ପୁଣି ପୋଲାଭରମ୍ ପ୍ରସଙ୍ଗ ଉଠାଇଲା ବିଜେଡି। ବନ୍ଧ ଉଚ୍ଚତା ବୃଦ୍ଧି ନେଇ ଆନ୍ଧ୍ର ସରକାରଙ୍କ ମନମାନୀ ବିରୋଧରେ ମାଲକାନଗିରିରୁ ଦିଲ୍ଲୀ ଯାଏ ଆନ୍ଦୋଳନ ହେବ। ସବୁ ବର୍ଗଙ୍କୁ ଏଥିରେ ସାମିଲ କରାଯିବା ଲାଗି ନିଷ୍ପତ୍ତି ନେଇଛି ଦଳ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜାନୁଆରୀରୁ ପୋଲାଭରମ ବିରୋଧୀ ଆନ୍ଦୋଳନ ଜୋରଦାର ହେବ। ମାଲକାନଗିରି ଜିଲ୍ଲାର ମୋଟୁରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ ହେବ ଆନ୍ଦୋଳନ। ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଆନ୍ଦୋଳନରେ ସାମିଲ ହେବେ ନବୀନ। ନବୀନ କହିଛନ୍ତି, ମୁଁ ବି ଲଢ଼ିବି, ତୁମେ ବି ଶେଷ ଯାଏଁ ଲଢ଼। କେନ୍ଦ୍ରର ବୈମାତୃକ ମନୋଭାବ ବିରୋଧରେ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଛି। ମାଲକାନଗିରି ବାସିନ୍ଦାଙ୍କ ମତାମତକୁ ଅପେକ୍ଷା କରାଯାଇଛି. ସେମାନଙ୍କ ମତାମତ ଆସିବା ପରେ, ଆଗାମୀ ଦିନରେ ଆନ୍ଦୋଳନର ରୂପରେଖ ସ୍ଥିର ହେବ। ବିଜେଡି ନେତା ପ୍ରଦୀପ ମାଝୀ ଓ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଜୁଲାଇ ଏବଂ ଅଗଷ୍ଟରେ ବିଜେଡି ଟିମ ପୋଲାଭରମ ଅଞ୍ଚଳ ପରିଦର୍ଶନ କରି ନବୀନ ପଟ୍ଟନାୟକଙ୍କୁ କ୍ଷୟକ୍ଷତି ଆକଳନ ରିପୋର୍ଟ ଦେଇଥିଲା। ତାଙ୍କ ନିର୍ଦ୍ଦେଶରେ ଦିଲ୍ଲୀ ଯାଇ ବିଜେଡିର ୭ ଜାଣିଆ ଟିମ ଓ ୭ ସାଂସଦ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ, କେନ୍ଦ୍ରୀୟ ଜଳ ଆୟୋଗ, ଆଦିବାସୀ ବ୍ୟାପାର ବିଭାଗ ଆଦିବାସୀ କମିଶନଙ୍କୁ ଭେଟିଥିଲା। ଆଜି ସେ ସମ୍ପର୍କରେ ନବୀନଙ୍କୁ ଅବଗତ କରାଗଲା. ଜାନୁଆରୀରୁ ହେବାକୁ ଥିବା ଆନ୍ଦୋଳନ ସବୁ ବର୍ଗଙ୍କୁ ନେଇ ହେବ। ଓଡ଼ିଶାର ସ୍ୱାର୍ଥ ଓ ଆଦିବାସୀଙ୍କ ଅଧିକାର ପାଇଁ ଲଢେଇକୁ ଜୋରଦାର କରାଯିବ ବୋଲି ଉଭୟ ନେତା କହିଛନ୍ତି।

# ପଶି ପାରିବନି ବାହାର ରାଜ୍ୟର ଗାଡ଼ି

## ଜଗିଛି ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୪।୧୨ (ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି । ରାଜ୍ୟର ପଞ୍ଜିକୃତ ଚାଷୀ ମାନଙ୍କ କୃଷକ ମାନଙ୍କ ଠାରୁ ଧାନ କିଣା ଯିବା ସହ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ଶହ ଟଙ୍କା ପ୍ରଦାନ କରାଯାଉଛି । ଅନ୍ୟ ରାଜ୍ୟର ଧାନ ଯେଭଳି ଆସି ରାଜ୍ୟରେ ବିକ୍ରୟ ନହୁଏ ଏଥିପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଉପରେ କଡା ନଜର ରଖିବା ସହିତ ସୀମାନ୍ତ ଅଞ୍ଚଳରେ ଏନଫୋର୍ସମେଣ୍ଟ ଟିମ ମୁତୟନ କରାଯାଇଛି । ବର୍ତ୍ତମାନ ବରଗଡ଼, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡା ଓ ନବରଙ୍ଗପୁର ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଯାରି ରହିଛି। ବାହାର ରାଜ୍ୟର ଧାନଗାଡି ଉପରେ ନଜର ରଖିବା ପାଇଁ ସମ୍ପୃକ୍ତ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ୪୦ଟି ଏନଫୋର୍ସମେଣ୍ଟ ଟିମ ମୁତୟନ କରାଯାଇଛି । ଏହି ଟିମ ଗୁଡିକରେ ପ୍ରାୟ ୧୨୦ ଜଣ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଅଛନ୍ତି । ବାହାର ରାଜ୍ୟ ଧାନ ଗାଡି ଦେଖିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ସମ୍ପୃକ୍ତ ଜିଲ୍ଲାର ଜନସାଧାରଣ ଓ କୃଷକମାନଙ୍କ ମଧ୍ୟରେ ମଧ୍ୟ ଏ ସଂକ୍ରାନ୍ତରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଏଭଳି କିଛି ଘଟଣା ନଜରକୁ ଆସିଲେ ତୁରନ୍ତ ଜଣେଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡିଲେ ପର୍ଯ୍ୟାୟକ୍ରମେ ଆହୁରି ଅଧିକ ମୁତୟନ କରାଯିବ । ସେମାନେ ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖିବେ ।

# ମହାନଦୀ ପ୍ରସଙ୍ଗରେ ବିଜେଡି-ବିଜେପି ମୁହାଁମୁହିଁ

## ମହାନଦୀ ସମସ୍ୟାର ସମାଧାନ କରୁ ଟ୍ରିପଲ ଇଞ୍ଜିନ ସରକାର



ଭୁବନେଶ୍ୱର,୧୪।୧୨ (ସଂଚାର ବ୍ୟୁରୋ): ଛତିଶଗଡ଼ ଓଡ଼ିଶା ସୀମାରେ ବିଜେଡି ମହାନଦୀ ଅଭିଯାନ ଆରମ୍ଭ କରିଥିଲା। ସେହି ସ୍ଥାନ ଏବେ ନଦୀ ନୁହେଁ, ମରୁଭୂମିରେ ପରିଣତ ହୋଇଛି ବୋଲି ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ମହାନଦୀ ପାଣିକୁ ପାଇଁ ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବ। ମହାନଦୀ ସମସ୍ୟା ନେଇ ବାରମ୍ବାର କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କ ସହ ଆଲୋଚନା କରିଛୁ। କିନ୍ତୁ ଫଳ ଶୂନ। ଏବେ ଟ୍ରିପଲ ଇଞ୍ଜିନ ସରକାର। ହେଲେ ସମସ୍ୟାର ସମାଧାନ ହେବ ନାହିଁ। କାଲି ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପରିବର୍ତ୍ତନ କରାଯାଇଛି। ତେଣୁ ଦାସେ ଆସ ମୂଳରୁ ଗାଅ। ପୁଣି ମୂଳରୁ ଶୁଣାଣି ଆରମ୍ଭ ହେବ। ଏ ସମସ୍ୟା ଦୂର ହେବା ବେଳକୁ ମହାନଦୀ ଲିନ ହୋଇଯାଇଥିବ। ତେଣୁ ଏବେ ଠାରୁ ସତର୍କ ରୁହନ୍ତୁ ସରକାର। ମହାନଦୀ ଯୋଗୁଁ ଓଡ଼ିଶାରେ ଜଳ ସଙ୍କଟ ଦେଖାଯିବା ସହ ଚାଷୀ ସମସ୍ୟା ଦେଖାଯିବ। ଆର୍ଥିକ ଓ ସାମାଜିକ ସମସ୍ୟା ସୃଷ୍ଟି ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ହନୁ ମଲାବେଳେ ସତ କହିଲା: ପୃଥ୍ୱୀରାଜ



ମହାନଦୀ ପ୍ରସଙ୍ଗ ଯଦି ଆଜି ଅସୁବିଧା ସ୍ଥିତିକୁ ଯାଇଛି, ତାର ଏକମାତ୍ର କାରଣ ହେଉଛନ୍ତି ନବୀନ ପଟ୍ଟନାୟକ ନିଜେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପାଲଟା ଅଭିଯୋଗ କରିଛନ୍ତି। ମହାନଦୀ ପ୍ରସଙ୍ଗରେ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ନବୀନ ମଧ୍ୟସ୍ଥତାକୁ ମନା କରି ନାଟକୀୟ ଢଙ୍ଗରେ ମାଠିଆ ବାଡ଼େଇଲେ, ଯାହା କି ରାଜନୀତିରେ ଏମିତି କରାଯାଏନି। ରାଜ୍ୟର ସ୍ୱାର୍ଥ କଥା ସେମାନେ ସେବେ ଭୁଲି ଯାଇଥିଲେ। ହନୁ ମଲା ବେଳେ ସତ କହିଲା ଭଳି ଆଜି ବିଜେଡିର ସବୁ ମନେ ପଡୁଛି। ଅତୀତକୁ ସମାଲୋଚନା କରି କଥାକୁ ଏଡାଇ ଯିବାର ସରକାର ଆମର ନୁହେଁ। ଆମେ ସ୍ପଷ୍ଟ ଭାବେ କହୁଛୁ ଓଡ଼ିଶାର ସ୍ୱାର୍ଥ ପାଇଁ ଶେଷ ବିନ୍ଦୁ ପର୍ଯ୍ୟନ୍ତ ଯାହା ଯାହା କରିବାର ଥିବ ଆମ ସରକାର ତାହା କରିବେ। ସେଥିପାଇଁ କେନ୍ଦ୍ର ସରକାରଙ୍କ ସବୁ ପ୍ରକାର ସହଯୋଗ ବି ଅଛି। ଅତୀତରେ ବି ଯେଉଁ ଲଢେଇଗୁଡ଼ିକ ଲଢ଼ି ବିଜେଡି ସରକାର ହାରିଛନ୍ତି, ସେ ବଂଶଧାରା ଟ୍ରିବ୍ୟୁନାଲ ହେଉ କି ଯାହା ବି ତାହା କେବଳ ଏମାନଙ୍କ ଅବହେଳା କାରଣରୁ ହାରିଛନ୍ତି। ଏଥର କିନ୍ତୁ ମହାନଦୀ ଟ୍ରିବ୍ୟୁନାଲରେ ସେମିତି କିଛି ହେବାକୁ ଦିଆଯିବ ନାହିଁ। ଅନ୍ତତଃ ଅତୀତର ପୁନରାବୃତ୍ତି ଏ ସରକାରରେ ହେବ ନାହିଁ। ତେଣୁ ଅଯଥା ସମାଲୋଚନା କରି ରାଜନୈତିକ ଦ୍ୱନ୍ଦ୍ୱ ସୃଷ୍ଟି ନ କରୁ ବିଜେଡି ବୋଲି ଶ୍ରୀ ହରିଚନ୍ଦନ ସାମ୍ବାଦିକମାନଙ୍କୁ କହିଛନ୍ତି।

### ଧାନ କାଟିବା ବେଳେ କାମୁଡ଼ିଲା ସାପ

# ସାପକୁ ଧରି ହସ୍ପିଟାଲରେ ପହଞ୍ଚିଲେ ଚାଷୀ





ବାଲେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ବିଲରେ ଧାନ ଅମଳ କରୁଥିବା ବେଳେ ଦଂଶିଲା ସାପ। କାମୁଡ଼ିଥିବା ସାପକୁ ଧରି ମେଡ଼ିକାଲ୍‌ରେ ପହଞ୍ଚିଲେ ଚାଷୀ। ଏପରି ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅଞ୍ଚଳରେ। ଏବେ ଧାନ ଅମଳ କାମ ଚାଲିଛି। ତେଣୁ ଶୁକ୍ରବାର ସକାଳେ ବିଲକୁ କାମ କରିବା ପାଇଁ ଯାଇଥିଲେ ପାଖର ପଞ୍ଚାୟତ ସାନ ବିଟିପଡା ଗାଁର ଭରତ ବେହେରା। ବିଲରେ କାମ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ ଦଂଶନ କରିଥିଲା। ସେ ସଙ୍ଗେ ସଙ୍ଗେ ପାଖ ବିଲରେ କାମ କରୁଥିବା ଲୋକଙ୍କୁ ଡାକିଥିଲେ। ସାପଟି ଦଂଶିବା ପରେ ପଳାଇ ଯାଉଥିଲା। ଚାଷୀମାନେ କାଇଦା କରି ସାପକୁ ଧରିଥିଲେ ଓ ବ୍ୟାଗରେ ପୂରାଇ ଦେଇ ମୁହଁ ବାନ୍ଧି ଦେଇଥିଲେ। ଗାଁ ଲୋକମାନେ ଉଭୟ ଭରତ ଓ ସାପକୁ ଧରି ସୋର ଉପଖଣ୍ଡ ମେଡ଼ିକାଲ୍‌ରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ଓ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ରହିଛି। ଗାଁ ଲୋକଙ୍କ କହିବା ଅନୁସାରେ କାମୁଡ଼ିଥିବା ସାପକୁ ଦେଖିଲେ ରୋଗୀଙ୍କୁ ଡାକ୍ତର ଠିକ୍ ଭାବେ ଚିକିତ୍ସା କରିପାରିବେ ଭାବି ସେ ସାପକୁ ଧରି ଡାକ୍ତରଖାନା ଯାଇଥିଲେ।

# ମଞ୍ଚାରେ ଜଗିଥିଲେ ଧାନ; ହାତୀ ନେଲା ଜୀବନ

ରାୟଗଡ଼ା,୧୪।୧୨(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପର୍ବତର ଲାଖପଦର ଗାଁରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ସାଲୁପୁ କୁତ୍ରୁକା।ସେ ଗତ ରାତିରେ ଗାଁ ନିକଟସ୍ଥ ପାହାଡ଼ ଉପରେ ଅମଳ ହୋଇଥିବା ଜଗିବା ପାଇଁ ମଞ୍ଚା ଉପରେ ଶୋଇଥିଲେ। ସେହି ସମୟରେ ଦନ୍ତା ଆସି ତାଙ୍କ ମଞ୍ଚା ଭାଙ୍ଗି ଦେଇଥିଲା। ତା'ପରେ ସାଲୁପୁଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ସାଲୁପୁ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ଆଖପାଖରେ ଥିବା ଲୋକମାନେ ସେଠାକୁ ଯାଇ ସାଲୁପୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଗାଁକୁ ନେବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ବନ ବିଭାଗ ଅଧିକାରୀ ସେଠାକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ତାମଡା ରେଞ୍ଜର ସାପଲତା ବିଟ୍‌ର ଋଷି ମଠ ଜଙ୍ଗଲରେ ହାତୀ ଆକ୍ରମଣରେ ବନ ବିଭାଗର ଜଣେ ପାରା କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ ଓ ପିଞ୍ଜରା ଭାଙ୍ଗି ଯାଇଛି। ରାତିରେ ହାତୀ ଟ୍ରାକିଂରେ ଯାଇଥିବା ବେଳେ ଏକ ହାତୀ ଗୋଡ଼ାଇବାରୁ ଅନ୍ୟ ବନ କର୍ମଚାରୀମାନେ ଦୌଡ଼ି ପଳାଇଥିଲେ। କିନ୍ତୁ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ ପାରା କର୍ମଚାରୀ। ହାତୀ ଆକ୍ରମଣରେ ସେ ଆହତ ହୋଇ ଏକ ବଡ଼ ପଥର ପାଖରେ ପଡ଼ି ଯାଇଥିଲେ। ଖୋଜାଖୋଜି କରି ପ୍ରାୟ ୮ ଘଣ୍ଟା ପରେ ଶନିବାର ସକାଳେ ବନ କର୍ମଚାରୀମାନେ ଉଦ୍ଧାର କରିଥିଲେ। ରାଉରକେଲାରେ ତାଙ୍କର ଚିକିତ୍ସା ଚାଲିଛି।

# କଲରାପତରିଆ ବାଘ ଚମଡ଼ା ଜବତ

ବୌଦ୍ଧ,୧୪।୧୨ (ସଂଚାର ବ୍ୟୁରୋ): କଲରାପତରିଆ ବାଘ ଚମଡା ଜବତ ସହିତ ଜଣକୁ ଗିରଫ କରିଛି ଏସ୍‌ଟିଏଫ୍। ଗିରଫ ହୋଇଥିବା ବ୍ୟକ୍ତି ହେଲେ ମନମୁଣ୍ଡା ଥାନା ପରିବନ୍ଧ ଗ୍ରାମର ନାରାୟଣ ମାଝୀ। ସୂଚନା ମୁତାବକ, ଜଣେ ବ୍ୟକ୍ତିଙ୍କ ନିକଟରେ ବାଘ ଚମଡ଼ା ଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା ଏସ୍‌ଟିଏଫ୍ । ଖବର ପାଇ ଏସ୍‌ଟିଏଫ୍ ଟିମ୍ ମନମୁଣ୍ଡା-ଶଗଡା ରାସ୍ତାର ମେହେରୁନି ବ୍ରିଜ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉରେ ନାରାୟଣ ମାଝୀଙ୍କ ନିକଟକୁ ଏକ କଲରାପତରିଆ ବାଘ ଚମଡା ଜବତ କରାଯାଇଛି। ନାରାୟଣ ମାଝୀ ଜଣେ ଶିକାରୀ ନା ବେପାରୀ ସେ ନେଇ ତଦନ୍ତ କରୁଛି ଏସ୍‌ଟିଏଫ୍ ।

# ଆର୍‌ଆଇ ଓ ଅମିନଙ୍କୁ ମିଳିବ ଲାପଟପ୍



ସମ୍ବଲପୁର ୧୪।୧୨ (ସଂଚାର ବ୍ୟୁରୋ): ସାଧାରଣ ଜନତାଙ୍କ ରାଜସ୍ୱ ବିଭାଗର ସେବା ସୁରୁଖୁରୁରେ ଯୋଗାଇବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କୁ ଲାପ୍‌ଟପ୍ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଧାନ କିଣାବିକା, ଇନପୁଟ ସବସିଡି ପ୍ରଦାନ ଓ ରାଜସ୍ୱ ବିଭାଗ ବିଭିନ୍ନ ସେବାର ଅଗ୍ରଗତି ନେଇ ଆଲୋଚନା କରାଯାଇଛି। ଚାଷୀମାନେ କେମିତି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେନେଇ ସମୀକ୍ଷା ହୋଇଥିଲା। ଏତଦ୍‌ଭିନ୍ନ ରାଜସ୍ୱ ବିଭାଗର ସେବା କେମିତି ଜନସାଧାରଣ ଭଲ ଭାବରେ ପାଇବେ ଓ ଭୂମିହୀନ ଜମି ପାଇବେ ସେନେଇ ସମୀକ୍ଷା ହୋଇଛି । ଓଡ଼ିଶାରେ ବସୁନ୍ଧରା ଯୋଜନାରେ ପରିବର୍ତ୍ତନ ହେବା ନେଇ ମନ୍ତ୍ରୀ କହିଛନ୍ତି । ଆଉ ଆଗକୁ ବସୁନ୍ଧରା ଯୋଜନାରେ ପାଇଥିବା ଜମି ବିକ୍ରି ହୋଇ ପାରିବନି । ରାଜସ୍ୱ ଆଇନ ଓ ରାଜସ୍ୱ ସେବାରେ ହେବ ପରିବର୍ତ୍ତନ ହେବ। ୪ ଡେସିମିଲରୁ କମ୍ ଜମି ଥିବା ଲୋକେ ଭୂମିହୀନରେ ଗଣତି ହେବେ । ସେମାନଙ୍କୁ ୪ ଡେସିମିଲ ହେବା ଯାଏଁ ଜମି ପ୍ରଦାନ କରାଯିବ। ରାଜସ୍ୱ ବିଭାଗ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ରିଲିଫ୍ ଶବ୍ଦ ଉଚ୍ଛେଦ ହେବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

# ୧୩୧ଟଙ୍କାରେ ଡାକବଙ୍ଗଳାରେ ଭୋଜିଭାତ !




କଟକ, ୧୪।୧୨ (ସଂଚାର ବ୍ୟୁରୋ): ସ୍ଥାନୀୟ ଓଏମ୍‌ପି ଡାକବଙ୍ଗଳାରେ ଦେଖିବାକୁ ମିଳିଛି ବିବାହ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ସହ ଭୋଜିଭାତର ଆସର। ଡିସେମ୍ବର ୧୩ତାରିଖ ଶୁକ୍ରବାର ପାଇଁ ମଙ୍ଗଳାବାଗର ବିକ୍ରମ ଦଲେଇ ନାମକ ଜଣେ ବ୍ୟକ୍ତି ୧୩୧ଟଙ୍କା ଦେଇ ୨ ଏବଂ ୪ନଂ ରୁମ୍ ବୁକିଂ କରିଥିବା ବିଭାଗର ଏକ ଚିଠିରୁ ଜଣାପଡ଼ିଛି। ଏହାକୁ ମଧ୍ୟ କାର୍ଯ୍ୟରତ ଡାକବଙ୍ଗଳାର କର୍ମଚାରୀ କହିଛନ୍ତି। ଡାକବଙ୍ଗଳାରେ ବିବାହ ବାର୍ଷିକୋତ୍ସବ ଷ୍ଟେଜ୍ ସାଜସଜ୍ଜା ସହ ହାଣ୍ଡି, ଚୁଲି ଓ ଚୌକି ୧୪ତାରିଖ ସକାଳୁ ବୁହାବୁହି ହେଉଥିବା ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେଉଥିବା ଦେଖାଯାଇଛି।

ଏହି କାର୍ଯ୍ୟକ୍ରମ କରିବା ପାଇଁ କେଉଁ ବିଭାଗୀୟ ଅଧିକାରୀ ଅନୁମତି ପ୍ରଦାନ କରିଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ରାତିରେ ଭୋଜିଭାତ ସହ ମଦର ଆସର ଜମିଥିବା ଅଞ୍ଚଳରେ ଜୋର ଚର୍ଚ୍ଚା ହେଉଛି। ଡାକବଙ୍ଗଳାରେ ଅସାମାଜିକ କାର୍ଯ୍ୟ ଓ ଅପବ୍ୟବହାର ହେଉଥିବା ନେଇ ପୂର୍ବରୁ ବିଭାଗୀୟ ଅଧିକାରୀ ଓ ପୁଲିସ ପ୍ରଶାସନକୁ ଅଭିଯୋଗ ହେଇଥିଲା। ମାତ୍ର ତିଳେମାତ୍ର ଖାତିରି ନ କରି ନିର୍ଦ୍ଦିଷ୍ଟ ଅଧିକାରୀ ହାତଗୁଞ୍ଜା ନେଇ ଏସବୁ କାର୍ଯ୍ୟକ୍ରମ କରିବା ପାଇଁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି।

ଡାକବଙ୍ଗଳା ପୂର୍ତ୍ତବିଭାଗ (ରାସ୍ତା ଓ ଗୃହ) ବିଭାଗ ବିଭିଜନ-୨ ଅଧୀନ ଉକ୍ତ ଡାକବଙ୍ଗଳାର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ପାଇଁ ସରକାର ବ୍ୟାପକ ଅର୍ଥ ବ୍ୟୟ କରିଛନ୍ତି। ହୋଇଛି ମାତ୍ର ଏଠାରେ ନିର୍ଦ୍ଦିଷ୍ଟ ନେତାଙ୍କ ଚାପରେ ବିଭାଗୀୟ ଅଧିକାରୀ ହାତଗୁଞ୍ଜା ନେଇ ବେଆଇନ କାର୍ଯ୍ୟ କରିବା ପାଇଁ ପ୍ରଶୟ ଦେଉଛନ୍ତି। ଯଦ୍ୱାରା ଯେଉଁ ଉଦ୍ଦେଶ୍ୟରେ ଡାକବଙ୍ଗଳା ନିର୍ମାଣ କରାଯାଇଛି ତାହା ସଠିକ କାର୍ଯ୍ୟରେ ବ୍ୟବହାର ହେଉନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଏଠାରେ ବିଶ୍ରାମ ନେବାପାଇଁ ଅସୁରକ୍ଷିତ ମଣୁଛନ୍ତି। ବଙ୍ଗଳାର ସିସିଟିଭି କାର୍ଯ୍ୟ କରୁ ନ ଥିବା କିଛିଦିନ ପୂର୍ବରୁ ସୂଚନାଅଧିକାର ଆଇନରେ ବିଭାଗୀୟ ଅଧିକାରୀ ଜଣାଇଛନ୍ତି। ଯଦି ବେଆଇନ କାର୍ଯ୍ୟକଳାପ ଲାଗି କିଛି ଅଘଟଣ ଘଟେ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ କଟକ ଡିସିପିଙ୍କୁ ଜଣାଇଛନ୍ତି। ଡାକବଙ୍ଗଳାର ୩ଶହ ମିଟର ଦୂରରେ ପୂର୍ତ୍ତବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ଥିବା ସତ୍ତ୍ୱେ ନିର୍ଭୟରେ ବେଆଇନ କାର୍ଯ୍ୟ କିପରି ହେଉଛି, ତାହା ଅଧିକାରୀ ଜାଣିପାରୁ ନାହାଁନ୍ତି ନା ଜାଣିଶୁଣି ନିରବ ରହି ପ୍ରଶୟ ଦେଉଛନ୍ତି? ଏସବୁ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏହାସହିତ ୧୩ ତାରିଖରେ ବିବାହ ବାର୍ଷିକୋତ୍ସବ ଓ ଭୋଜିଭାତ ପାଇଁ ଅନୁମତି ପ୍ରଦାନ କରିଥିବା ଅଧିକାରୀ, କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ହେବ।

# ଜଳିଗଲା ମୋ' ବସ୍

ଭୁବନେଶ୍ୱର,୧୪।୧୨ (ସଂଚାର ବ୍ୟୁରୋ): କଟକ ମଧୁପାଟଣା ଛକରେ ହୁତୁ ହୁତୁ ହୋଇ ଜଳିଗଲା ମୋ' ବସ୍। ବସ୍‌ଟି ଭୁବନେଶ୍ୱରରୁ କଟକ ଫେରୁଥିଲା। ମଧୁପାଟଣା ଛକରେ ପହଞ୍ଚିଲା ବେଳେ ନିଆଁ ଲାଗି ଯାଇଥିଲା। ଏହି ବସ୍‌ଟି ଡିଜେଲ୍ ଚାଳିତ ବସ୍। ବସ୍‌ରେ ନିଆଁ ଲାଗୁଥିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତରବରିଆ ଭାବେ ଜୀବନକୁ ବାଜି ଲଗାଇ ବସ୍‌ରୁ ବାହାରି ଆସିଥିଲେ। ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଘଟଣାସ୍ଥଳରେ କ୍ରୁଟ୍ ଏମ୍‌ଡି ଡ.ଏନ୍. ତିରୁମାଲ୍ଲା ନାଏକ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



# କାନ୍ଦୁଣୁମାନ୍ଦୁଣୁ ହେଉଛନ୍ତି ନବୀନ

## ସଭ୍ୟ ସଂଗ୍ରହରେ ଫେଲ ଦେବୀ-ଅତନୁ





ଭୁବନେଶ୍ୱର, ୧୪।୧୨ (ସଂଚାର ବ୍ୟୁରୋ): ଗତ ଚାରି ଦିନ ହେଲା ଦୈନିକ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଭ୍ୟ ସଂଗ୍ରହକୁ ନେଇ କରୁଛନ୍ତି ସମୀକ୍ଷା। କାରଣ ସଭ୍ୟ ସଂଗ୍ରହ ଟାର୍ଗେଟ ପୂରଣ ହୋଇପାରୁନି। ଏହି ଦାୟିତ୍ୱ ଦିଆଯାଇଥିଲା ଦେବୀ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକଙ୍କୁ। ବିଧାୟକ, ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ, ସରପଂଚ, ପଂଚାୟତ ସମିତି ସଭ୍ୟ ସମସ୍ତଙ୍କ କଥା ହେଉଛନ୍ତି ନବୀନ। ହେଲେ ସମସ୍ତେ ହାତ ଟେକିସାରିଲେଣି। ସମସ୍ତଙ୍କ ଆଗରେ ନବୀନ କାନ୍ଦୁଣୁ ମାନ୍ଦୁଣୁ ହେଉଛନ୍ତି। ଏକ କୋଟି ସଦସ୍ୟ କରିବାକୁ ଯେଉଁ ଟାର୍ଗେଟ ଥିଲା ତାହର ୩୦% ବି ପୂରଣ ହୋଇପାରୁନି। ସ୍ଥିତି ଏମିତି ହେଲାଣି ଯେ, ଦଳର ସବୁ ଜନପ୍ରତିନିଧି ଏବେ ଘରେ ବସି ବୋଗସ ସଭ୍ୟ ତାଲିକା ପ୍ରସ୍ତୁତ କରିବେ। ଜିଲ୍ଲା ସ୍ତରରେ ବିଜେଡିର ସଦସ୍ୟତା ଗ୍ରହଣ କରିବାକୁ ଆଉ ଯୁବପିଢ଼ୀଙ୍କ ମଧ୍ୟରେ ଆଗ୍ରହ ନାହିଁ। ଦେବୀ ମିଶ୍ର ଓ ଅତନୁଙ୍କୁ ତାଙ୍କ ଅଭିଜ୍ଞତାକୁ ଆଧାର କରି ନବୀନ ଦାୟିତ୍ୱ ଦେଇଥିଲେ। ହେଲେ ସେମାନେ ମଧ୍ୟ ଜିଲ୍ଲା ସ୍ତରରେ ବିଜେଡି ନେତା ଓ କର୍ମୀଙ୍କୁ ପ୍ରଭାବିତ କରିପାରୁନାହାଁନ୍ତି। ସଭ୍ୟ ସଂଗ୍ରହ ଫେଲ ହେବାର କାରଣ କଣ ପଚାରିଲେ ସମସ୍ତେ ଗୋଟିଏ କଥା କହୁଛନ୍ତି। ବିଜେଡିର ବିଧାନସଭାରେ ୫୧ ବିଧାୟକ ଥାଇ ବି ଯେଉଁଭଳି ଭାବେ ଦଳ ଆକ୍ରମଣାତ୍ମକ ହେବା କଥା ତାହା ହେଉନାହିଁ। ବିଧାନସଭା ହେଉ କି ରାଜରାସ୍ତାରେ ବିଜେଡି ବିଭାଜିତ ହେଲା ପରି ଲାଗୁଛି। ଏଥିସହିତ ନବୀନଙ୍କ ପରେ ବିଜେଡିରେ ମଙ୍ଗ କିଏ ଧରିବ ତାକୁ ନେଇ ମଧ୍ୟ ନେତାଙ୍କ ଠାରୁ କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ପ୍ରଶ୍ନ। ନବୀନଙ୍କ ପରେ ପାଣ୍ଡିଆନଙ୍କୁ ନେତା ବୋଲି ଗ୍ରହଣ କରିବାକୁ ନାରାଜ। ଖୋଦ ଦେବୀ ମିଶ୍ର ଓ ଅତନୁ ବି ଏହାକୁ ମାନୁଥିବା ଦଳୀୟ ସ୍ତରରେ ଚର୍ଚ୍ଚା ହେଉଛି।

# ଅନୁଗୁଳ ଓ ତାଳଚେରରେ ପ୍ରଦୂଷଣ ସ୍ଥିତି ଗମ୍ଭୀର




ଅନୁଗୁଳ,୧୪।୧୨(ସଂଚାର ବ୍ୟୁରୋ): କିଛି ବର୍ଷ ହେଲା ଦିଲ୍ଲୀ ଦେଶର ସର୍ବାଧିକ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଦିଲ୍ଲୀବାସୀ ବାୟୁ ପ୍ରଦୂଷଣର ଶିକାର ହୋଇ ରୋଗବ୍ୟାଧିରେ ଆକ୍ରାନ୍ତ ହେଉଛନ୍ତି। ପ୍ରଦୂଷଣ ପ୍ରତିରୋଧ ପାଇଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ପକ୍ଷରୁ ପ୍ରୟାସ ଚାଲିଛି। ହେଲେ ଆମ ରାଜ୍ୟର ଅନୁଗୁଳ ଓ ତାଳଚେରରେ ପ୍ରଦୂଷଣ ସ୍ତର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଅନୁଗୁଳ ଓ ତାଳଚେର ସହର ବାୟୁ ପ୍ରଦୂଷଣର ମାନ କେବଳ ଓଡ଼ିଶା ନୁହେଁ ଭାରତର ସବୁଠାରୁ ଖରାପଜନକ ରହିଛି। ଗତ ସପ୍ତାହରେ ଦେଶରେ ଅନୁଗୁଳ ୪ର୍ଥ ଓ ତାଳଚେର ୬ଷ୍ଠ ପ୍ରଦୂଷିତ ସହର ହୋଇଥିଲା। ଦ୍ରୁତ ଶିଳ୍ପାୟନ ଓ କୋଇଲା ଉତ୍ତୋଳନ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ବୃହତ୍ ଶିଳ୍ପ, ଇସ୍ପାତ କାରଖାନା, ତାପଜ ବିଦ୍ୟୁତ କେନ୍ଦ୍ର ଓ ଶକ୍ତି ପ୍ରକଳ୍ପ ଉତ୍ସରୁ ପ୍ରତିଦିନ ହଜାର ହଜାର ଗାଡ଼ି ଚଳାଚଳ କରୁଛି। କୋଇଲା ପରିବହନ ବେଳେ କୋଇଲା ୱାଗନ ଓ ଗାଡ଼ିରେ ପାଲ ଭିଡ଼ାଯାଉ ନ ଥିବାରୁ ଧୂଳିକଣା ଉଡ଼ି ବାୟୁମଣ୍ଡଳରେ ମିଶୁଛି। ଶିଳ୍ପ ସଂସ୍ଥାଗୁଡ଼ିକ ପରିବେଶ ନିୟମକୁ ମଧ୍ୟ ସଠିକ୍ ଭାବରେ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଗତ ସପ୍ତାହର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ରିପୋର୍ଟ ଅନୁସାରେ, ଦେଶର ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ସହର ଭାବେ ଦୁର୍ନାମ ଅର୍ଜନ କରିଛି ଅନୁଗୁଳ। ଏଠାରେ ବାୟୁରେ ଏକ୍ୟୁଆଇ ଥିଲା ୩୨୩, ଏଥିସହ ପିଏମ୍ ୨.୫ ସ୍ତର, ଯାହା ସର୍ବାଧିକ। ଅନୁଗୁଳ ଭଳି ତାଳଚେର ସହରର ସ୍ଥିତି ମଧ୍ୟ ଗମ୍ଭୀର। ତାଳଚେର ବାୟୁମଣ୍ଡଳରେ ପିଏମ୍ ସ୍ତର ୧୦ ଅଧିକ ରହିଥିବା ବେଳେ ଏକ୍ୟୁଆଇ ୩୦୨ରେ ପହଞ୍ଚିଥିଲା। ଅତି କ୍ଷୁଦ୍ର କଣିକା ବାୟୁ ମଣ୍ଡଳରେ ରହୁଥିବାରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ଦେଖାଦେଇଛି। ଏବେଠୁ ପ୍ରତିକାର ଦିଗରେ ଧ୍ୟାନ ଦିଆ ନ ଗଲେ ପରିସ୍ଥିତି ସାଙ୍ଘାତିକ ହେବ ବୋଲି ଚେତାଇ ଦେଇଛନ୍ତି ପରିବେଶବିତ। ଅନ୍ୟପଟେ ଜିଲ୍ଲା ପ୍ରଦୂଷଣ ବିଭାଗ ନିୟନ୍ତ୍ରଣ ପାଇଁ ରଣନୀତି ପ୍ରସ୍ତୁତ ନ କରି କେବଳ ପ୍ରଦୂଷଣ ତଥ୍ୟ ଦେଇ ବସିଯାଇଥିବା ଅଭିଯୋଗ ହୋଇଛି ।

# ମାଞ୍ଜା ସୂତାରେ ଗୁଡି ଉଡ଼ାଇଲେ କାର୍ଯ୍ୟାନୁଷ୍ଠାନ



କଟକ,୧୪।୧୨ (ସଂଚାର ବ୍ୟୁରୋ): ଆଗକୁ ମକର ସଂକ୍ରାନ୍ତି। ଆରମ୍ଭ ହୋଇଯିବ ଗୁଡି ଉଡ଼ା। ଗୁଡି ଉଡ଼ା ସମୟରେ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି କଟକ କମିଶନରେଟ ପୋଲିସ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଛି। ମାଞ୍ଜା ସୂତା ବିକ୍ରି କିମ୍ବା ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଇଲେ କଡ଼ା ପଦକ୍ଷେପ ନିଆଯିବ ବୋଲି କଟକ ଡିସିପି ଚରଣ ସିଂ ମୀନା କହିଛନ୍ତି। ଏପରିକି ମାଞ୍ଜା ସୂତା ବ୍ୟାନ ସହ ବିକ୍ରି ଉପରେ ହାଇକୋର୍ଟ ମଧ୍ୟ କଟକଣା ଲଗାଇଛନ୍ତି। ମାଞ୍ଜା ସୂତା ବିକ୍ରି କଲେ ବ୍ୟବସାୟୀଙ୍କୁ ଧରିବାକୁ କଟକ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମାଞ୍ଜା ସୂତା ଲାଗି କଟକରେ ଏକାଧିକ ଲୋକ ମୃତାହତ ହେବା ପରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ କଡ଼ା ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଲୋକଙ୍କ ସଚେତନ କରାଯାଇଥିଲା।

# ବିନା କାମରେ ପାଉଣା ନେଉଛନ୍ତି ଅତିଥି ଅଧ୍ୟାପକ

ଭୁବନେଶ୍ୱର, ୧୪।୧୨: ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତି ନକରି ଅତିଥି ଅଧ୍ୟାପକମାନଙ୍କ ମାଧ୍ୟମରେ ଯେଉଁ କାମଚଳା ପଦକ୍ଷେପ ଚାଲିଛି ସେଥିରେ ଛାତ୍ରଛାତ୍ରୀ ଓ ଗବେଷକମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଅଳ୍ପ କେତେଜଣ ଅତିଥି ଅଧ୍ୟାପକଙ୍କୁ ଛାଡିଦେଲେ ଅଧିକାଂଶ ଏହି ନିଯୁକ୍ତିକୁ ଥଇଥାନକେନ୍ଦ୍ର ଭାବେ ଗ୍ରହଣ କରିନେଇଥିବାରୁ ପିଲାଙ୍କ ପାଠପଢ଼ା ଉପରେ ସେମାନେ ଗୁରୁତ୍ୱ ଦେଉନାହାନ୍ତି ବୋଲି ଖୋଦ ରାଜଧାନୀରେ ଥିବା ଦୁଇଟି ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଖୋଲା ଅଭିଯୋଗ କରୁଛନ୍ତି।

ଅନେକ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ବରିଷ୍ଠ ଅମଲାତନ୍ତ୍ରୀଙ୍କ ଚାପ ଯୋଗୁଁ ନିଯୁକ୍ତି ପାଇଥିବାରୁ ସେମାନେ ପାଠ ପଢ଼ାନ୍ତୁ ନପଢ଼ାନ୍ତୁ ମାସ ଶେଷରେ ଯେଭଳି ନିଜର ପୂରା ପାଉଣା ପାଇବେ ତାହା ଉପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଧିକ ଗୁରୁତ୍ୱଆରୋପ କରୁଛନ୍ତି। କାରଣ ଏବେ ଏହି ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି, ପିଜି କାଉନସିଲ ଅଧ୍ୟକ୍ଷ ଆଦି ସେମାନଙ୍କ କାର୍ଯ୍ୟକାଳ ପୂରିଯିବା ପରେ ବି ଉପରିସ୍ଥ ନେତାଙ୍କ ଦୟାରୁ କାର୍ଯ୍ୟକ୍ଷେତ୍ରରେ ରହିଛନ୍ତି।

ଅଳ୍ପ କେତେଜଣ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ସମ୍ପୂର୍ଣ୍ଣ ସମୟ ଦେଇ ପାଠପଢ଼ାଉଥିବାବେଳେ ଅଧିକାଂଶ କିନ୍ତୁ ବହୁ ସମୟରେ ବିଶ୍ୱବିଦ୍ୟାଳୟକୁ ଆସୁନାହାନ୍ତି। ଯେଉଁଦିନ ବି ଆସୁଛନ୍ତି ସେଦିନ ପାଠପଢ଼ା ପରିବର୍ତ୍ତେ ଗପ ଖଟି ଜମାଇ ଫେରି ଯାଉଛନ୍ତି। ସେମାନଙ୍କର ଉପର ମହଲରେ ସମ୍ପର୍କ ଥିବାରୁ ଏଠାରେ ଥିବା ନିୟମିତ ଅଧ୍ୟାପକ/ ଅଧ୍ୟାପିକାମାନେ ସେମାନଙ୍କ ପାଇଁ ବହୁ କ୍ଷେତ୍ରରେ ପାଠ ପଢ଼ାଉଛନ୍ତି। ଏମିତିକି ଓଡ଼ିଶା ବାହାରକୁ ବୁଲିଯିବା ଓ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ସମୟରେ ସେମାନେ ପାଠ ପଢ଼ାଉଛନ୍ତି ବୋଲି ଦର୍ଶାଇ ବିଲ୍ ଦେଇ ପଇସା ନେଉଥିବା ଘେନି ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି।

ଏଭଳି ଘୋଟାଲାରେ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିମାସରେ ଲକ୍ଷ ଲକ୍ଷ ଟଙ୍କା ବରବାଦ କରୁଛନ୍ତି। ଏମିତିକି ଦାୟିତ୍ୱରେ ଥିବା ନିୟମିତ ଅଧ୍ୟାପକ ଅଧ୍ୟାପିକାମାନେ ଏମାନଙ୍କ ଚାପରେ ବିଲ୍ ମଞ୍ଜୁର ପାଇଁ ସୁପାରିଶ୍ ନକଲେ ସେମାନଙ୍କୁ ବି ପ୍ରତ୍ୟକ୍ଷ ଓ ପରୋକ୍ଷ ଧମକ ମିଳୁଥିବା ଘେନି ଅଭିଯୋଗ ଉଠିଲାଣି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରବଳ ଚାପ ଯୋଗୁଁ ଏହାକୁ ଚପାଇ ଦେବାପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ଆସୁଛି।

ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ଏବଂ କୁଳାଧିପତିଙ୍କ ଦପ୍ତର ତଦନ୍ତ କରିବାପାଇଁ ଦାବି ହେଉଛି। ଯେଭଳି ନିୟମିତ ଅଧ୍ୟାପକ ନିଯୁକ୍ତି ଘେନି ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନରେ ବିଳମ୍ବ ହେବ ସେ ପ୍ରକ୍ରିୟାରେ ବି ଏଭଳି କିଛି ଅତିଥି ଶିକ୍ଷକ ସାମିଲ ଅଛନ୍ତି। ଏମାନଙ୍କର ଆଉ ସରକାରୀ ଚାକିରି ପାଇଁ ବୟସ ନାହିଁ କିମ୍ବା ବିଜ୍ଞାପନ ବାହାରିଲେ ବି ନିୟମିତ ଅଧ୍ୟାପକ/ଅଧ୍ୟାପିକା ପଦବୀ ଲାଗି ଏମାନେ ଆବେଦନ କରିପାରିବେ ନାହିଁ। ତେଣୁ ଯେତେଦିନ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟଗୁଡିକରେ ନିୟମିତ ଅଧ୍ୟାପକ ନିଯୁକ୍ତ ନହେବେ ସେତେଦିନ ପର୍ଯ୍ୟନ୍ତ ଏମାନେ ଚାପ ପ୍ରୟୋଗ କରି ନିଜ ନିଜ ଠିକା ନିଯୁକ୍ତି ବଜାୟ ରଖିବା ସହ ରାଜକୋଷରୁ ପଇସା ପାଇ ଚାଲୁଥିବେ।

ଇତି ମଧ୍ୟରେ କେତେ ଛାତ୍ର ସଂଗଠନ ମଧ୍ୟ ଏ ପ୍ରସଙ୍ଗ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିଛନ୍ତି। ଯେଉଁମାନେ ପାଠ ନପଢ଼ାଇ ମିଥ୍ୟା ବିଲ୍ ଦେଇ ପଇସା ନେଉଛନ୍ତି ସେମାନଙ୍କୁ ତୁରନ୍ତ ବିଦାକରି ସେମାନଙ୍କ ସ୍ଥାନରେ ପାଠ ପଢ଼ାଇ ପାରୁଥିବା ଭଳି ଦକ୍ଷ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆନଗଲେ ଛାତ୍ରଛାତ୍ରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମଧ୍ୟ ଚେତାବନୀ ଦେଲେଣି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଡିସେମ୍ବର ୧୯ରେ ଲଞ୍ଚ ହେବ କିଆ ସାଇରସ୍

**ନୂଆଦିଲ୍ଲୀ, ୧୪।୧୨:** କିଆ ଏହାର ପରବର୍ତ୍ତୀ କମ୍ପାକ୍ଟ ଏସୟୁଭି କିଆ ସାଇରସ୍ କୁ ୧୯ ଡିସେମ୍ବରରେ ଭାରତରେ ଲଞ୍ଚ କରିବାକୁ ଯାଉଛି। ପୂର୍ବରୁ କମ୍ପାନୀର ସୋନେଟ୍ ଏକମାତ୍ର କମ୍ପାକ୍ଟ ସେଗମେଣ୍ଟ ଥିଲା, କିନ୍ତୁ ବର୍ତ୍ତମାନ କିଆ ସାଇରସ୍ ର ନାମ ଏହି ସେଗମେଣ୍ଟରେ ସାମିଲ ହେବାକୁ ଯାଉଛି, ଯେଉଁଥିରେ ଏକ ସପ୍ତାହରୁ କମ୍ ସମୟ ବାକି ଅଛି। ତେବେ ଏହି ଏସୟୁଭି ଲଞ୍ଚ ହେବା ପୂର୍ବରୁ, ଆମେ ଆପଣଙ୍କୁ ଏହା ବିଷୟରେ ବିସ୍ତୃତ ଭାବରେ କହିବାକୁ ଯାଉଛୁ।



କିଆ ଇଣ୍ଡିଆ କମ୍ପାକ୍ଟ ଏସୟୁଭି ସେଗମେଣ୍ଟରେ ଏକ ଦମଦାର ପ୍ରଡ଼କ୍ଟ ଭାବରେ Syros ଲଞ୍ଚ କରିବାକୁ ଯାଉଛି। ସର୍ବାଧିକ କ୍ୟାବିନ ସ୍ପେସ୍ ପାଇଁ ଏଥିରେ ଏକ ଫ୍ଲେଟ୍ ରୁଫ୍ ଏବଂ ଏକ ବକ୍ସି ଡିଜାଇନ୍ ଦେଖିବାକୁ ମିଳିପାରେ। ସୂଚନା ଅନୁଯାୟୀ, ସାଇରସ୍ କିଆର ଫ୍ଲାଗସିପ୍ ମଡେଲ୍ ଇଭି୯ ଏସୟୁଭି ଏବଂ କାର୍ନିଭାଲ୍ ଏମପିଭି ସହିତ ଡିଜାଇନ୍ ଏଲିମେଣ୍ଟସଗୁଡିକ ସେୟାର କରିପାରନ୍ତି। କିଆ ସାଇରସ୍ ୫ ସିଟର୍ କାପାସିଟି ସହିତ ଆସିବ ଯାହା ସ୍ପେସ୍ ଦୃଷ୍ଟିରୁ ଉନ୍ନତ ପ୍ରମାଣିତ ହୋଇପାରେ ଯାହା ଉଭୟ ବକ୍ସି ଡିଜାଇନ୍ ଏବଂ କାର୍ଗୋ ଏରିଆ ସାମିଲ କରିବ। ଏଥିରେ ଗ୍ରାହକମାନଙ୍କୁ ପାନୋରାମିକ୍ ସନରୁଫ୍, ଏଡିଏଏସ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଫିଚର୍ସ ମଧ୍ୟ ଦିଆଯାଇପାରେ। କିଆ ପ୍ରଥମେ ପେଟ୍ରୋଲ ଇଞ୍ଜିନ୍ ସହିତ ସାଇରସ୍ ପରିଚିତ କରାଇବ। ଆସନ୍ତା ବର୍ଷ ଏକ ଇଭିଏମ୍ ଲାଇନ୍ ଅପରେ ସାମିଲ ହୋଇପାରେ।

ସୂଚନାନୁସାରେ, କମ୍ପାନୀ ଏହି କାରକୁ ଇଫେକ୍ଟିଭ୍ ପ୍ରାଇସରେ ଲଞ୍ଚ କରିପାରିବ। ଏହି ଗାଡ଼ି ଏବେ ଲଞ୍ଚ ହୋଇଥିବା କ୍ୟାଲକ୍ ସହିତ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବ। ଯାହା ଆସନ୍ତା ସପ୍ତାହରୁ ସେଲ୍ ପାଇଁ ଉପଲବ୍ଧ ହେବ। ଭେନ୍ୟୁ, ନେକ୍ସନ, ଏକ୍ସୟୁଭି ୩ଏକ୍ସଓ ଏବଂ ବ୍ରିଜା ଭଳି ଅନ୍ୟ କମ୍ପାକ୍ଟ ଏସୟୁଭି ମଧ୍ୟ ଏହି ରେସରେ ସାମିଲ ହେବ।

# ସିଏନ୍‌ଜି କାର୍‌ଗୁଡିକ ଦେବ ଭଲ ମାଇଲେଜ୍



**ନୂଆଦିଲ୍ଲୀ, ୧୪।୧୨:** ଭାରତରେ ସିଏନଜି କାରର ବିକ୍ରି କ୍ରମାଗତ ଭାବେ ବୃଦ୍ଧି ପାଉଛି। ଯେଉଁ ଲୋକମାନେ ପ୍ରତିଦିନ ଘରୁ ଅଫିସକୁ ଯାଆନ୍ତି, ସେମାନଙ୍କ କାର ପ୍ରତିଦିନ ପ୍ରାୟ ୩୦ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିଥାଏ। ଏଭଳି ପରିସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲରେ ଚାଲୁଥିବା କାର ଅପେକ୍ଷା ସିଏନଜି କାର ଶସ୍ତା ଅଟେ। ଏଠାରେ ଆମେ ଆପଣଙ୍କୁ କିଛି ବେଷ୍ଟ ସିଏନଜି କାର ବିଷୟରେ କହିବାକୁ ଯାଉଛୁ। ଆସନ୍ତୁ ଜାଣିବା...

ପ୍ରଥମ କାର ହେଉଛି ମାରୁତି ସୁଜୁକି ଅଲ୍‌ଟୋ କେ୧୦ ସିଏନଜି। ଆଲ୍ଟୋ କେ୧୦ ବର୍ତ୍ତମାନ ଭାରତର ସବୁଠାରୁ ଶସ୍ତା ସିଏନଜି କାର ଅଟେ। ଏହି କାରର ଏକ୍ସ ଶୋ'ରୁମ୍ ମୂଲ୍ୟ ୫ ଲକ୍ଷ ୯୬ ହଜାର ଟଙ୍କା। ଏହି କାର ସହଜରେ ଭାରି ଟ୍ରାଫିକ୍ ମଧ୍ୟ ଅତିକ୍ରମ କରେ। ଏହି କାର୍ ଏକ ଛୋଟ ପରିବାର ପାଇଁ ଉପଯୁକ୍ତ, ୪ ଜଣ ଏହି କାରରେ ଆରାମରେ ବସିପାରିବେ।

ମାରୁତି ସୁଜୁକି ଆଲ୍ଟୋରେ ଏସି, ଫ୍ରଣ୍ଟ ପାୱାର ୱିଣ୍ଡୋ, ପାର୍କିଂ ସେନ୍ସର, ସେଣ୍ଟ୍ରାଲ କନସୋଲ ଆର୍ମରେଷ୍ଟ, ଗିଅର ଶିଫ୍ଟ ଇଣ୍ଡିକେଟର, ଆଡଜଷ୍ଟେବଲ ହେଡଲ୍ୟାମ୍ପ, ହାଲୋଜେନ ହେଡଲ୍ୟାମ୍ପ, ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ, ସେଣ୍ଟ୍ରାଲ ଲକିଂ, ଚାଇଲଡ୍ ସେଫ୍ଟି ଲକ୍, ଡୁଆଲ୍ ଏୟାରବ୍ୟାଗ ଭଳି ଅନେକ ଦମଦାର ଫିଚର୍ସ ରହିଛି।

ଆପଣଙ୍କ ପାଇଁ ଦ୍ୱିତୀୟ ବେଷ୍ଟ ଅପ୍ସନ ହେଉଛି ମାରୁତି ସୁଜିକି ସେଲେରିଓ ସିଏନଜି। ମାରୁତି ସୁଜୁକି ସେଲେରିଓ ହେଉଛି ସିଏନଜି କାର ମଧ୍ୟରେ ସର୍ବାଧିକ ମାଇଲେଜ୍ ଦେଇଥିବା କାର୍, ଯାହା କି ୩୪. ୪୩ କିଲୋମିଟର / କିଲୋଗ୍ରାମ ମାଇଲେଜ୍ ଦେଇଥାଏ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୬.୬୯ ଲକ୍ଷ ଟଙ୍କା। ଏହି କାର ଚଳାଇବା ମୂଲ୍ୟ ମଧ୍ୟ ମୋଟରସାଇକେଲ ଚଳାଇବା ମୂଲ୍ୟଠାରୁ କମ୍ ଅଟେ।

ତେଣୁ ଯେଉଁମାନେ ଇନ୍ଧନ ଖର୍ଚ୍ଚ ହ୍ରାସ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ଏକ ବେଷ୍ଟ ଅପ୍ସନ। ଏହି କାରରେ ୫ ଜଣ ଲୋକ ସହଜରେ ବସିପାରିବେ। ସେଫ୍ଟି ପାଇଁ, ଏହି କାରରେ ଆପଣ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ସହିତ ଇବିଡି ଏବଂ ଏୟାରବ୍ୟାଗଗୁଡ଼ିକର ସୁବିଧା ପାଇପାରିବେ।

ଏହା ବ୍ୟତୀତ, ଆପଣଙ୍କର ତୃତୀୟ ବେଷ୍ଟ ଅପ୍ସନ ହେଉଛି ଟାଟା ଟିଆଗୋଟା ସିଏନଜି, ଯାହା ୨୭ କିଲୋମିଟର / କିଲୋଗ୍ରାମ ମାଇଲେଜ୍ ପ୍ରଦାନ କରେ। ଏହି କାରରେ ଆପଣ ୫ ଜଣଙ୍କ ପାଇଁ ବସିବାର ବ୍ୟବସ୍ଥା ପାଇପାରିବେ। କାରର ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, କାରରେ ୧.୨ ଲିଟର ଇଞ୍ଜିନ୍ ଅଛି ଯାହା ୭୩hp ର ପାୱାର ଏବଂ ସିଏନଜି ମୋଡ୍ ରେ ୯୫nm ଟର୍କ ଜେନେରେଟ କରେ। ଇଞ୍ଜିନରେ ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ୍ ଗିଅରବକ୍ସ ବ୍ୟବହାର କରାଯାଇଛି।

## ବିଶ୍ୱ ସୁନା ପରିଷଦ ରିପୋର୍ଟ

# ଚଳିତ ବର୍ଷ ୩୦% ମହଙ୍ଗା ସୁନା, ଭାଙ୍ଗିଲା ୧୦ ବର୍ଷର ରେକର୍ଡ



**ନୂଆଦିଲ୍ଲୀ,୧୪/୧୨:** ସୁନା ସଉକ ଥିବା ଲୋକଙ୍କୁ ନିରାଶ କରିବା ପରି ଖବର ଆସିଛି। ଚଳିତବର୍ଷ ଦେଶରେ କାହିଁକି ସୁନା ଦର ହୁ ହୁ ହୋଇ ବଢୁଛି ତାହା ଜଣାପଡିଛି। ୨୦୨୪ରେ ୩୦% ମହଙ୍ଗା ହୋଇଛି ସୁନା। ଯାହା ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ବିଶ୍ୱ ସୁନା ପରିଷଦ (ଡବ୍ଲୁଜିସି) ସଦ୍ୟ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଡବ୍ଲୁଜିସି ରିପୋର୍ଟ ଅନୁସାରେ ଚଳିତ ବର୍ଷ ସୁନା ମୂଲ୍ୟରେ ଗ୍ରାମ ପିଛା ୭,୩୦୦ ଟଙ୍କା ବୃଦ୍ଧି ଘଟିଛି। ସାରା ବିଶ୍ୱରେ ସୁନା ମୂଲ୍ୟରେ ବୃଦ୍ଧି ମୁଖ୍ୟତ ଭାବେ ସାରା ଦୁନିଆରେ କେନ୍ଦ୍ରୀୟ ବ୍ୟାଙ୍କରେ ନିବେଶକଙ୍କର କ୍ରୟ ଯୋଗୁଁ ଆସିଥିବା ବିଶ୍ୱ ସୁନା ପରିଷଦ ରିପୋର୍ଟରେ କୁହାଯାଇଛି। ଡବ୍ଲୁଜିସି ଅନୁସାରେ, ୨୦୨୫ ସୁନା ପାଇଁ ସକାରତ୍ମକ ହେବ। ୨୦୨୪ ପରି ୨୦୨୫ରେ ସୁନା ଦରରେ ଏତେମାତ୍ରରେ ବୃଦ୍ଧି ଦେଖିବାକୁ ମିଳିବ ନାହିଁ। ଯଦିବି ବଢ଼ିବ ତେବେ ତାହା ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତିର ପ୍ରଭାବ ଜରିଆରେ ଦେଖିବାକୁ ମିଳିବ। ୨୦୨୫ ପର୍ଯ୍ୟନ୍ତ ସୁନାର ମୂଲ୍ୟ ପ୍ରତି ଆଉନ୍ସ ପିଛା ୧୫୦ ଡଲାରରେ ପହଞ୍ଚିବ। ଯାହାର ବର୍ତ୍ତମାନ ସ୍ତର ଅପେକ୍ଷା ହାରାହାରି ୧୭ ପ୍ରତିଶତ ଅଧିକ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ପ୍ରତି ଆଉନ୍ସ ପିଛା ହାରାହାରି ୨୭ ହଜାର ଡଲାର ରହିଛି। ଏ ନେଇ ଭାରତୀୟ ବଜାରରେ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୮୦ ହଜାର ଅତିକ୍ରମ କରିଛି। ଚଳିତ ବର୍ଷ ସୁନା ୩୦% ମହଙ୍ଗା ହୋଇଛି ଯାହା ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ବର୍ଦ୍ଧିତ ଦର ଧନୀ ଲୋକଙ୍କ ପାଇଁ ଚିନ୍ତାଜନକ ନଥିଲେ ବି ସାଧାରଣ ଲୋକଙ୍କ ପାଇଁ ଚିନ୍ତାରକାରଣ ପାଲଟିଛି। ସୁନା କିଣିବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଛି।

# ୧୭ ଡାଇରେକ୍ଟ ସେଲିଂ ସଂସ୍ଥାକୁ ନୋଟିସ୍ ୧୩ ସଂସ୍ଥା ବିରୋଧରେ ତଦନ୍ତ

**ନୂଆଦିଲ୍ଲୀ, ୧୪।୧୨:** ନିୟମ ଠିକ୍ ଭାବେ ପାଳନ କରୁ ନଥିବା ୧୭ଟି ଡାଇରେକ୍ଟ ସେଲିଂ (ପ୍ରତ୍ୟକ୍ଷ ବିକ୍ରି) କମ୍ପାନିକୁ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ନୋଟିସ୍ ଜାରି କରିଛନ୍ତି। ସେହି ସଂସ୍ଥାଗୁଡ଼ିକ ମଧ୍ୟରେ ଓରିଫ୍ଲେମ୍ ଇଣ୍ଡିଆ ନାମ ରହିଛି। ଅନ୍ୟ ସଂସ୍ଥାଗୁଡ଼ିକ ହେଉଛି ବିହାନ୍ ଡାଇରେକ୍ଟ ସେଲିଂ, ଟ୍ରିପ୍‌ଟେଲ୍‌ସ, ଜେନେସା ୱେଲ୍‌ନେସ୍, ଓଗ୍ରୋଲାଇଫ୍ ସଲ୍ୟୁସନ୍ସ, ଜଙ୍କଚର୍ ମାର୍କେଟିଂ, ୱିଲ୍‌ଟ ମାର୍କେଟିଂ, ପ୍ରୀତ୍ ଲାଇଫ୍ କେୟାର, ଏନ୍‌ରୁଟ୍‌ସ ହରାଇଜନ୍, ଇ ବାୟୋଟୋରିୟମ୍ ନେଟ୍‌ୱର୍କ, ମେଘଦୂତ ମାର୍କେଟିଂ, ସୁଇ ଧାଗା ଲାଇଫ୍‌ଷ୍ଟାଇଲ୍, ୱିନମାର୍ଗ ବିଜନେସ୍, ଆୟୁଷରତ୍ନ ନାଚୁରାଲ୍ ହର୍ବସ୍, ବାୟୋଥନ୍ ଲାଇଫ୍‌କେୟାର ଓ ଓକ୍‌ଫ୍ଲିପ୍ ଇଣ୍ଡିଆ। ସିସିପିଏ ପକ୍ଷରୁ ୧୩ଟି ସଂସ୍ଥାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ତିନିଟି ସଂସ୍ଥାର ଜବାବକୁ ଅପେକ୍ଷା କରାଯାଇଛି। ଡାଇରେକ୍ଟ ସେଲିଂ ବା ସିଧାସଳଖ ଗ୍ରାହକଙ୍କୁ ବିକ୍ରି ଲାଗି ଦେଶରେ ରହିଥିବା ନିୟମକୁ ଠିକ୍ ଭାବେ ପାଳନ କରିବା ଲାଗି ଏହି କ୍ଷେତ୍ରର ସଂସ୍ଥାଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ସିସିପିଏ ପକ୍ଷରୁ କୁହାଯାଇଛି ଯେ କେତେକ ସଂସ୍ଥା ଦେଶରେ ରହିଥିବା ନିୟମର ଅପବ୍ୟବହାର କରି ବେଆଇନ ଭାବେ କାରବାର କରୁଛନ୍ତି। ସଂସ୍ଥା ସହ ଯୋଡ଼ି ହେବା ଲାଗି ଫି' ଓ ନିବେଶ, ଅଧିକ ଲୋକ ଆଣିଲେ ଅଧିକ ଉପାର୍ଜନ ସୁଯୋଗ, ନିର୍ଦ୍ଦିଷ୍ଟ ଅବଧି ପରେ ଉତ୍ପାଦ ଫେରସ୍ତ ନ ହେବା ଭଳି ସର୍ତ୍ତ ରଖି କିଛି ସଂସ୍ଥା କାରବାର କରୁଛନ୍ତି ଯାହା ବେଆଇନ। କିଛି ସଂସ୍ଥା ପିରାମିଡ୍ ସ୍କିମ୍ ଚଳାଉଥିବା ଅଭିଯୋଗ ମଧ୍ୟ ରହିଛି। ଉଚ୍ଚ କମିସନ ଆୟ, ବିଦେଶ ଭ୍ରମଣ, ସଫଳ ଉଦ୍ୟୋଗୀ କରିବା, ଭବିଷ୍ୟତରେ ବଡ଼ ଧନୀ କରିବା ଭଳି ଅବାସ୍ତବ ସ୍ୱପ୍ନ ଦେଖାଇ କିଛି ସଂସ୍ଥା ଲୋକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ସେଭଳି ସଂସ୍ଥାଗୁଡ଼ିକଠାରୁ ସତର୍କ ରହିବା ଲାଗି ସିସିପିଏ ପକ୍ଷରୁ ଲୋକମାନଙ୍କୁ ଆହ୍ୱାନ ଦିଆଯାଇଛି।

# କୃଷକଙ୍କୁ ଆର୍‌ବିଆଇର ବଡ଼ ଉପହାର

**ନୂଆଦିଲ୍ଲୀ,୧୪।୧୨:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କୃଷକମାନଙ୍କ ପାଇଁ ବନ୍ଧକମୁକ୍ତ ଋଣ ସୀମାକୁ ୧.୬ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ନିଷ୍ପତ୍ତି ଜାନୁଆରୀ ୧, ୨୦୨୫ରୁ କାର୍ଯ୍ୟକାରୀ ହେବ। ଇନପୁଟ ମୂଲ୍ୟ ବୃଦ୍ଧି ମଧ୍ୟରେ କ୍ଷୁଦ୍ର ଚାଷୀମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ନୂତନ ନିର୍ଦ୍ଦେଶରେ ସମଗ୍ର ଦେଶରେ ବ୍ୟାଙ୍କଗୁଡିକ କୃଷି ଏବଂ ସହଯୋଗୀ କାର୍ଯ୍ୟକଳାପରୁ ଋଣ ନେଇଥିବା ବ୍ୟକ୍ତିଙ୍କ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାର୍ଜିନ ଆବଶ୍ୟକତା ଛାଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ମନ୍ତ୍ରଣାଳୟ ଅନୁଯାୟୀ, ମୂଲ୍ୟ ବୃଦ୍ଧି ଏବଂ ଚାଷୀଙ୍କ ପାଇଁ ଋଣ ସୁବିଧା ସୁଧାରିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ବିବୃତ୍ତିରେ କୁହାଯାଇଛି ଯେ, ଏହି ପଦକ୍ଷେପ ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଏବଂ ସୀମାବଦ୍ଧ ଜମିହରା ଚାଷୀଙ୍କୁ ବହୁତ ଲାଭଦାୟକ କରିବ। ନିର୍ଦ୍ଦେଶାବଳୀକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଏବଂ ନୂତନ ଋଣ ବ୍ୟବସ୍ଥା ବିଷୟରେ ବ୍ୟାପକ ସଚେତନତା କରିବାକୁ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ କିଷାନ କ୍ରେଡିଟ କାର୍ଡ (କେସିସି) ଋଣରେ ପ୍ରବେଶକୁ



ସହଜ କରିବ ବୋଲି ଆଶା କରାଯାଉଛି ଏବଂ ସରକାରଙ୍କ ସଂଶୋଧିତ ସୁଧ ସବଭେନସନ ସ୍କିମ୍‌କୁ ପୂର୍ଣ୍ଣ କରିବ, ଯାହାକି ୪ ପ୍ରତିଶତ ପ୍ରଭାବଶାଳୀ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବ। କୃଷି କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କୃଷକମାନଙ୍କୁ କୃଷି କାର୍ଯ୍ୟରେ ବିନିଯୋଗ ଏବଂ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଆବଶ୍ୟକ ଆର୍ଥିକ ନମନୀୟତା ଯୋଗାଇବା ପାଇଁ ଏହି ପଦକ୍ଷେପ ଏକ ରଣନୀତିକ ପଦକ୍ଷେପ ଭାବରେ ଦେଖାଯାଉଛି। କୃଷି ବିଶେଷଜ୍ଞମାନେ ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପକୁ ଋଣ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା ଏବଂ କୃଷି ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ କୃଷି ଇନପୁଟ ଖର୍ଚ୍ଚ ଉପରେ ମୁଦ୍ରାସ୍ଫୀତି ଚାପ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରନ୍ତି।

# ଭାରତର ଏମ୍‌ଏଫ୍‌ଏନ୍ ମାନ୍ୟତା ହଟାଇଲା ସୁଇଜର୍‌ଲାଣ୍ଡ୍

**ନୂଆଦିଲ୍ଲୀ, ୧୪/୧୨:** ନେସ୍‌ଲେ ବିରୋଧରେ ଭାରତରେ ହୋଇଥିବା ଏକ ନ୍ୟାୟିକ ନିଷ୍ପତ୍ତି ପରେ ସୁଇଜର୍‌ଲାଣ୍ଡ ଭାରତକୁ ଦେଇଥିବା ବହୁ ଅନୁଗୃହିତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତାକୁ ପ୍ରତ୍ୟାହାର କରିନେଇଛି। ଏହି ପଦକ୍ଷେପ ଦ୍ୱାରା ୟୁରୋପୀୟ ଦେଶରେ କାରବାର କରୁଥିବା ଭାରତୀୟ ସଂସ୍ଥାଗୁଡ଼ିକ ଉପରେ ଟିକସ ମାମଲାରେ ପ୍ରତିକୂଳ ପ୍ରଭାବ ପଡ଼ିବ। ଏହାସହିତ ୨୦୨୫ ଜାନୁଆରୀ ୧ରୁ ଭାରତୀୟ କମ୍ପାନିଗୁଡ଼ିକୁ ସୁଇଜର୍‌ଲାଣ୍ଡ୍‌ରେ ଅର୍ଜିତ ଆୟ ଉପରେ ଅଧିକ ଟିକସ ଦେବାକୁ ହେବ।

## ଭୁବନେଶ୍ୱରରେ ସୁନା ଦର



**ଭୁବନେଶ୍ୱର, ୧୪।୧୨:** ଆଜି ସାମାନ୍ୟ କମିଲା ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୮୯୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୪୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୮୯୦ ଟଙ୍କା ହୋଇଛି।

ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୪୦୦ ଟଙ୍କା ଓ ୭୭,୮୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୫୫୦ ଟଙ୍କା ଓ ୭୮ , ୦୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧, ୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୮୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୪୦୦ ଟଙ୍କା ଓ ୭୭,୮୯୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୫୦୦ ହଜାର ଟଙ୍କା ହୋଇଛି।

## ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ



**ନୂଆଦିଲ୍ଲୀ, ୧୪।୧୨:** ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। ଦେଶର ପ୍ରମୁଖ ସହର ଗୁଡ଼ିକରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦର ଲୋକଙ୍କ ଚିନ୍ତା ବଢାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି।

ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ମନୋରଞ୍ଜନ ଦାଶ ସେଣ୍ଟ୍ରାଲ୍ ବ୍ୟାଙ୍କ ନିର୍ଦ୍ଦେଶକ



**ଭୁବନେଶ୍ୱର, ୧୪।୧୨:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ମନୋରଞ୍ଜନ ଦାଶଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା (ଇଡି) ଭାବେ ନିଯୁକ୍ତି ପାଇଥିବା ଚାରୁଲତା କରଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ଶ୍ରୀ ଦାଶ ବର୍ତ୍ତମାନ ଭାରତୀୟ ରିଜର୍ଭ ବ୍ୟାଙ୍କର ରିସ୍କ ମନିଟରିଂ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କ-ଗୌହାଟୀର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

୧୯୯୦ରେ ଗ୍ରେଡ୍ 'ବି' ଅଫିସର ଭାବେ ଶ୍ରୀ ଦାଶ ରିଜର୍ଭ ବ୍ୟାଙ୍କରେ ଯୋଗ ଦେଇଥିଲେ। ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ପାଠପଢ଼ିଛନ୍ତି। ସେ ଆଇଆଇବିଏଫ୍‌ର ଜଣେ ସାର୍ଟିଫାଏଡ୍ ଆସୋସିଏଟ୍। ଦୀର୍ଘ ତିନି ଦଶନ୍ଧି ଧରି ଶ୍ରୀ ଦାଶ ରିଜର୍ଭ ବ୍ୟାଙ୍କରେ ନିୟାମକ ଓ ନିରୀକ୍ଷଣ, ବ୍ୟାଙ୍କିଙ୍ଗ, ସାର୍ବଜନୀନ ଋଣ ପରିଚାଳନା, ମୁଦ୍ରା ପରିଚାଳନା ଆଦି ବିଭାଗରେ ମୁମ୍ବାଇ, କୋଲକାତା ଓ ହାଇଦ୍ରାବାଦରେ କାମ କରିଛନ୍ତି।

# ବେଦାନ୍ତ ଆଲୁମିନିୟମ୍‌ର ନୂଆ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୧୪।୧୨:** ବେଦାନ୍ତ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମ୍‌କୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରି କି ଶକ୍ତି ସଂରକ୍ଷଣ ଓ ଅକ୍ଷୟ ଶକ୍ତି ବ୍ୟବହାର ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା ଆରମ୍ଭ ହୋଇଥିବା ଶକ୍ତି ସଂରକ୍ଷଣ ସପ୍ତାହରେ ବେଦାନ୍ତ ଆଲୁମିନିୟମ୍‌କୁ ଏହି ନୂଆ ସଫଳତା/ମାଇଲଖୁଣ୍ଟ ପ୍ରାପ୍ତ ହୋଇଛି। ଏପରି କି ଉଦ୍ଭାବନମୂଳକ ପଦକ୍ଷେପ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରି କମ୍ପାନୀ ୧.୩ ମିଲିୟନ ଗିଗା ଜୁଲେସ୍ (ଜିଜେ) ଶକ୍ତି ସଞ୍ଚୟ ହାସଲ କରିଛି।



ସେହିଭଳି ୨୦୨୧ ବେସ୍ ଲାଇନ୍ ଆଧାରରେ ଜିଏଚଜି ତୀବ୍ରତା ଅନୁଯାୟୀ କମ୍ପାନୀ ଏକ ଉଲ୍ଲେଖନୀୟ ୧୦.୧୬% ହ୍ରାସ ହାସଲ କରିଛି। ଏପରି କି କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ବିଶ୍ୱ ପ୍ରୟାସରେ ଏହାକୁ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିଛି। ବିଶେଷ କରି ସ୍ଥିରତା ଲକ୍ଷ୍ୟକୁ ଆଗକୁ ବଢ଼ାଇ କମ୍ପାନୀ ୧.୩ ଜିଡବ୍ଲ୍ୟୁ ଅକ୍ଷୟ ଶକ୍ତି ସଞ୍ଚୟ ସମ୍ପର୍କରେ ଘୋଷଣା କରି ଏକ ପରିଷ୍କାର ଓ ଅଧିକ ସ୍ଥାୟୀ କାର୍ଯ୍ୟ ଦିଗରେ ପ୍ରମୁଖ ପଦକ୍ଷେପକୁ ଚିହ୍ନିତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଶକ୍ତି ପରିଚାଳନା ଆମର ନେଟ-ଶୂନ୍ୟ ଯାତ୍ରା ପାଇଁ ମୂଳ ଲକ୍ଷ୍ୟ ପାଲଟିଛି। ଏପରିକି ଅକ୍ଷୟ ଶକ୍ତି ଗ୍ରହଣକୁ ବିସ୍ତାର କରିବା ପାଇଁ ପ୍ୟାଣ୍ଟେଟେଡ୍ 'ବେଦାନ୍ତ ଲାଇନ୍ ଡିଜାଇନ୍' ପରି ଉଦ୍ଭାବନ, ଆମର ଦକ୍ଷତାକୁ ବୃଦ୍ଧି କରିବା ସହିତ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରୁଛି। ଗତବର୍ଷ ପାଇଁ ଏସ ଆଣ୍ଡ ପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଆକ୍‌ସେସରେ ପ୍ରଥମ ସ୍ଥାନ ଅଧିକାର କରିବା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି, ଶକ୍ତି ସଂରକ୍ଷଣ ସପ୍ତାହ ସବୁଜ ଭବିଷ୍ୟତ ପାଇଁ ନିରନ୍ତର ଅଭ୍ୟାସକୁ ଆଗେଇ ନେବା ଲାଗି ଆମର ସଂକଳ୍ପକୁ ପୁନଃ ପ୍ରମାଣିତ କରିଛି।

ବେଦାନ୍ତ ଆଲୁମିନିୟମ୍ ଏହାର ପଟ୍‌ଲାଇନରେ ସ୍ଥିରତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି, ଯେଉଁଠାରେ ଇଲେକ୍ଟ୍ରୋଲାଇସିସ୍ ମାଧ୍ୟମରେ ଆଲୁମିନାରୁ ତରଳ ଆଲୁମିନିୟମ ଉତ୍ପନ୍ନ ହୋଇଥାଏ। ଏହି ପଦକ୍ଷେପଗୁଡ଼ିକ ସାମ୍ପ୍ରତିକ ବ୍ୟବହାରକୁ ହ୍ରାସ କରିବା ସହିତ ଜିଏଚ୍‌ଜି ନିର୍ଗମନକୁ କମ୍ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଗ୍ରାଫିଟାଇଜଡ୍ କ୍ୟାଥୋଡ୍ ଉନ୍ନତି ସ୍ଥାପନ କରିବା ଅନ୍ତର୍ଭୁକ୍ତ କରିଥାଏ। କମ୍ପାନୀ ସ୍ୱଦେଶୀ-ବିକଶିତ ବେଦାନ୍ତ ପାତ୍ର ନିୟନ୍ତ୍ରକ ମଧ୍ୟ ନିୟୋଜିତ କରିଛି, ଯାହା ଟନ୍ ଆଲୁମିନିୟମ୍ ପ୍ରତି ୨୦୦-୨୫୦କିଲୋୱାଟ୍ ଶକ୍ତି ବ୍ୟବହାରକୁ ହ୍ରାସ କରିଥାଏ। ଅଧିକନ୍ତୁ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀ ଏହାର ପାୱାର ପ୍ଲାଣ୍ଟରେ ନିର୍ଦ୍ଦିଷ୍ଟ କୋଇଲା ବ୍ୟବହାରକୁ ହ୍ରାସ କରିଛି, ଶକ୍ତି-ଦକ୍ଷ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ତରଳ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରି ବେଦାନ୍ତ ଆଲୁମିନିୟମ୍ ଏହାର ବ୍ୟାପକ ସ୍ଥିରତା ଲକ୍ଷ୍ୟର ଏକ ଅଂଶ ଭାବରେ ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି।

# ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳରେ ଗୁଣ୍ଡାରାଜ

## ସନ୍ଧ୍ୟା ହେଲେ ବୁଲୁଛି ମାରଣାସ୍ତ୍ର

● ବିଭାଗୀୟ ଅଧିକାରୀ ଭୟରେ, ପୁଲିସ ନିଷ୍କ୍ରିୟ





**କାକଟପୁର/ଅସ୍ତରଙ୍ଗ,୧୪।୧୨(ସଂଚାର ବ୍ୟୁରୋ):** ବିରଳ ଅଲିଭି ରିଡ଼େଲ ଙ୍କ ସୁରକ୍ଷା ପାଇଁ ଦେବୀ ନଦୀ ମୁହାଁଣ ଠାରୁ ପ୍ରାୟ ୨୦କିଲୋମିଟର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଓ ସମୁଦ୍ର ଭିତର ୫କିଲୋମିଟର ଅଞ୍ଚଳକୁ ନଭେମ୍ବର ୧ରୁ ଆସନ୍ତା ବର୍ଷ ମେ ୩୧ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଯେଉଁ ମାନେ ଏହି ନିଷିଦ୍ଧାଞ୍ଚଳ ରେ ପ୍ରବେଶ କରି ମାଛ ଧରିବେ ସେମାନେ ଓଡିଶା ମେରାଇନି ଫିସିଂ ରେଗୁଲେସନ ଆଇନି ୧୯୮୨ଓ ବନ୍ୟଜନ୍ତୁ ସୁରକ୍ଷା ଆଇନି ୧୯୭୨ଅନୁଯାୟୀ ଦଣ୍ଡିତ ହେବେ। ଟ୍ରଲର ଜବତ ସହ ସେମାନେ ଧରିଥିବା ମାଛକୁ ମତ୍ସ୍ୟ ସମ୍ପଦ ବିଭାଗ ଜବତ କରି ନିଲାମ ଡାକିବା ଟ୍ରଲର ମାଲିକଙ୍କୁ ନିଲାମ ପରିମାଣର ସର୍ବାଧିକ ୫ଗୁଣା ଜରିମାନା ମଧ୍ୟ କରାଯିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳ ରୁ ପୂର୍ବରୁ ୪ଟି ଟ୍ରଲର ଜବତ ହୋଇଥିବା ବେଳେ ଶୁକ୍ରବାର ଦିନ ଦେବୀ ନଦୀ ନିଷିଦ୍ଧାଞ୍ଚଳ ରୁ ବିଶାଖାପାଟଣା ଆନ୍ଧ୍ର ସୀମାବର୍ତ୍ତି ଅଞ୍ଚଳ ଏସ କେ ଏମ ଏଲ (ଆଇ ଏନ ଡି -ଏ ପି -ଭି ୫-ଏମ ଏମ -୨୮୩)ଟ୍ରଲର ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳ ରୁ ଜବତ ହୋଇଥିଲା। ଜବତ ଟ୍ରଲର ରୁ ୯ଜଣ କ୍ରିଉ ମେମ୍ବର ଅଟକ ସହ ସନ୍ଧ୍ୟା ସୁଧା ନିଲାମ ପ୍ରକ୍ରିୟା ହୋଇନଥିଲା। ଯାହା ସୂଚନା ମିଳିଛି ଯେ କୌଣସି ସମୟରେ ଜବତ ଟ୍ରଲର ନୂଆଗଡ ଜେଠି ନିକଟରେ ପହଂଚିଲେ ଅପରାଧୀ, ବାହୁବଳୀ ନଚେତ ନିଜକୁ କରିତି କର୍ମୀ ଗୁଣ୍ଡା କହି ନିଲାମ ଡାକୁଛନ୍ତି, ଯାହାକି ପୁଲିସ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଜ ନାମ ଗୋପନ ରଖି ଜଣେ ଅଫିସର କହିଛନ୍ତି ବିଳମ୍ବିତ ରାତ୍ର ରେ ମାରଣାସ୍ତ୍ର ଦେଖାଇ ଅଫିସର ମାନଙ୍କୁ ଧମକ ଦେଉଛନ୍ତି। ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳ ରେ ଶୁକ୍ରବାର ଦିନ ଆନ୍ଧ୍ର ଅଞ୍ଚଳର ଟ୍ରଲର ଟି ମାଛମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କ୍ୱାଡ଼ ଉକ୍ତ ଟ୍ରଲର କୁ ଜବତ ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର,ବନ କର୍ମଚାରୀ ଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂ ରେ ସାମିଲ ହୋଇଥିଲେ। ଜବତ ଟ୍ରଲର କୁ ନୂଆଗଡ ଜେଠି ନିକଟକୁ ଆସିବା ପରେ ଶୁକ୍ରବାର ଦିନ ସନ୍ଧ୍ୟା ମଧ୍ୟରେ ବାହୁବଳୀ ଓ ନିଜକୁ କରିତି କର୍ମୀ ଗୁଣ୍ଡା ଙ୍କ ଦୌରାତ୍ମ ବୃଦ୍ଧି ପାଇଥିଲା ଯାହା ଫଳରେ ନିଲାମ ପ୍ରକ୍ରିୟା ହୋଇନଥିଲା। ଶନିବାର ପୂର୍ବାହ୍ନ ରେ ପୁରୀ ଅତିରିକ୍ତ ମତ୍ସ୍ୟଅଧିକାରୀ ରମେଶ ଚନ୍ଦ୍ର ରାଉଳ,ସହକାରୀ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସ ପୋଲିସ ଫୋର୍ସ ଙ୍କ ଉପସ୍ଥିତ ରେ ଜବତ ଟ୍ରଲର ରୁ ମାଛକୁ ନିଲାମ ହୋଇଥିଲା। ଉକ୍ତ ଟ୍ରଲର ରୁ ଟୁନା (ତୁମ୍ବି )ମାଛ ତଥା ବି କ୍ଲାସ ମାଛ ୭୭୫କିଗ୍ରା ନିଲାମ ହୋଇଥିଲା। ନିଲାମ ସମୟରେ ମତ୍ସ୍ୟବିଭାଗ ସାଗର ମିତ୍ର କୃଷ୍ଣବିଶ୍ୱାଳ, ଅର୍ଜିତ ପ୍ରଧାନ ଉପସ୍ଥିତ ଥିଲେ।ଅଲିଭି ରିଡେଲ କଇଁଛ ଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି। କିନ୍ତୁ ମାଛ ନିଲାମ ସମୟରେ ବିଭାଗୀୟ ଅଧିକାରୀ ଙ୍କୁ ଧମକ ଚମକ ମିଳୁଥିବା ବିଭିନ୍ନ ମହଲରୁ ଶୁଣିବାକୁ ମିଳିଛି। ପୁରୀ ଅତିରିକ୍ତ ମତ୍ସ୍ୟ ସମ୍ପଦ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି କେବଳ ନିଲାମ ଡାକିବା ଆମ ଦାୟିତ୍ୱ। କିନ୍ତୁ କିଏ ନିଲାମ ନେଲା, କେତେ ଟଙ୍କାରେ ନିଲାମ ନେଲା, ସେଥିରେ ଆମର କୌଣସି ସମ୍ପୃକ୍ତି ନାହିଁ। ଯିଏ ଅଧିକ ନିଲାମ ଡ଼ାକିବ, ଆମେ ତାକୁ ମାଛ ଦେବୁ। ୫ଗୁଣା କି ଏହାଠାରୁ କମ୍ ଜରିମାନା ହେବ, ଏହା କଟକ ସ୍ଥିତ କାର୍ଯ୍ୟାଳୟ ଧାର୍ଯ୍ୟ କରିବ। ଆମେ ନିଲାମ ଅନୁସାରେ ଏହି କାର୍ଯ୍ୟାଳୟକୁ କାଗଜପତ୍ର ପଠାଇ ଦେଉ ବୋଲି ଶ୍ରୀ ରାଉଳ କହିଛନ୍ତି।




## ଡ୍ରେନ୍ ଉପରେ ଦୋକାନ, ରାସ୍ତାରେ ପାର୍କିଂ

## ଉତ୍କଟ ହେଉଛି ଟ୍ରାଫିକ୍ ସମସ୍ୟା

**ବଲାଙ୍ଗିର,୧୪।୧୨(ସଂଚାର ବ୍ୟୁରୋ):** ସହରରେ ଜବରଦଖଲ ଯାଦୁ ରୋଗ ପରି ମାଡ଼ି ଚାଲିଛି। ସରକାରୀ ଜାଗା, ଡ୍ରେନ୍, ରାସ୍ତା ସବୁ କିଛି ଜବରଦଖଲରେ। ବଜାର ଅଞ୍ଚଳରେ ରାସ୍ତାପାର୍ଶ୍ୱରେ ରହିଥିବା ଡ୍ରେନ୍ ହଜିଗଲାଣି। ଡ୍ରେନ୍ ଥିଲେ ବି ଜବରଦଖଲ କାରଣରୁ ସେଗୁଡ଼ିକ ଆଉ ଦେଖିବାକୁ ମିଳୁନି । ତାଉପରେ ଦୋକାନ ଗୃହ ଗୁଡ଼ିକ ଗଢ଼ିଉଠିଛି । ରାସ୍ତା ଗ୍ରାହକଙ୍କ ପାଇଁ ପାର୍କିଂ ସ୍ଥଳ ପାଲଟିଛି । ଡ୍ରେନ୍ ଓ ରାସ୍ତା ଏହିପରି ଜବରଦଖଲ ଯୋଗୁଁ ଡ୍ରେନେଜ ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି କିଏ ପାଇଁ ଅମାନିଆ ଦୋକାନ ମାଲିକ । ଏହିଭଳି ଏକ ଘଟଣା ଏବିଏସଏସ ଗଳି ଡ୍ରେନ୍ ନିର୍ମାଣ କାମରେ ଦେଖିବାକୁ ମିଳିଥିବା ବେଳେ ମଙ୍ଗଳବାର ନିଜେ ପୌରନିର୍ବାହୀ ଅଧିକାରୀ ଡ୍ରେନ୍ ଉପରୁ ନିର୍ମାଣ ହଟାଇବା ପାଇଁ ତାଗିଦ କରିଥିବା ଜଣାପଡିଛି।ତାଗିଦ ପରେ ଉକ୍ତ ଜାଗା ବ୍ୟକ୍ତିଗତ ବୋଲି କହିବା ପରେ ସରଜେ ବେଆଇନ ଜବରଦଖଲ ହୋଇଛି ନା ନାହିଁ ତାହା ତର୍ଜମା କରିଯାଉଥିବା ଜଣାପଡିଛି । ସାଧାରଣ ଲୋକ ଟ୍ରାଫିକ୍ ସମସ୍ୟାରେ ଘାଣ୍ଟି ହେଉଥିଲେ ବେଳେ ପୌରପାଳିକା ଓ ଟ୍ରାଫିକ ପୋଲିସ ବେଫିକର । ଆଗରୁ ସବୁ ଦେଖି ପୌରପାଳିକା ନିରବଦ୍ରଷ୍ଟା ସାଜୁଥିବାବେଳେ ପରବର୍ତ୍ତୀ ସମୟରେ ଦୋକାନୀଙ୍କୁ ହଟାଇବାକୁ ବଳ ପାଉନି । ରାସ୍ତା ଉପରେ ହାଟ ଯୋଗୁଁ ପ୍ରବଳ ଭିଡ଼ ହେଉଛି । ବାଟୋଇଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଦୋକାନୀ ରାସ୍ତା ଉପରକୁ ଉଠି ଆସୁଥିବା ବେଳେ ଏହି ରାସ୍ତା ଦେଇ ଯିବା ଆସିବାରେ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଙ୍ଘାତିକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ।

## ହିମାଳୟ ଯୋଗ ଅଲମ୍ପିଆଡ୍‌ରେ କ୍ରୀଷ୍ଣା ବିକାଶର ସଫଳତା




**ବରଗଡ଼,୧୪।୧୨(ସଂଚାର ବ୍ୟୁରୋ):** ବାଙ୍ଗାଲୋରର ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସ୍ତରୀୟ ହିମାଳୟ ଯୋଗ ଅଲମ୍ପିଆଡ଼ରେ ଓଡ଼ିଶା ଦଳ ତରଫରୁ ଯୋଗ ଦେଇଥିବା ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରି ଜାତୀୟ ସ୍ତରରେ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବରଗଡ଼ ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ଅଭୂତପୂର୍ବ ସଫଳତା ସହ ୨ଟି ସ୍ୱର୍ଣ୍ଣ ପଦକ, ୨ଟି ରୌପ୍ୟ ପଦକ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରି ସମଗ୍ର ଭାରତରେ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ବିବେକ ଦାଶରୀ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି ଓ ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ଖୁସି ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀ, ଯୋଗ ଶିକ୍ଷକ ଶ୍ରୀ ସୁଶୀଲ କୁମାର ମହାକୁର ଓ ଯୋଗ ଶିକ୍ଷୟିତ୍ରୀ ମମତା ଭୁଏଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି।

## ଚତୁର୍ଥ ଲୋକଅଦାଲତରେ ୬,୮୩୧ ମାମଲା ସମାଧାନ



**ରାୟଗଡା,୧୪।୧୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଆଜି ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତ ରେ ଦୀର୍ଘ ଦିନ ଧରି ପଡିରହିଥିବା ୧୭୦ ଟି ମାମଲାର ଫଇସଲା ହୋଇ, ସମୁଦାୟ ଟ.୮୬,୯୪,୪୦୭ ( ଛୟାସୀ ଲକ୍ଷ ଚଉରାନବେ ହଜାର ଚାରି ଶହ ସାତ ) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି । ସେହିପରି ରାଜସ୍ୱ ସମ୍ବନ୍ଧିତ ୬,୬୩୯ ଟି ମାମଲା ଫଇସଲା ହୋଇ ସମୁଦାୟ ଟ. ୧୨,୮୦୦୮୬ ( ବାର ଲକ୍ଷ ଅସୀ ହଜାର ଛୟାସୀ ) ଟଙ୍କା, ଲେବର ସମ୍ବନ୍ଧିତ ୨ ଟି ମାମଲା ଫଇସଲା ହୋଇ ସମୁଦାୟ ଟ.୮,୬୮,୭୧୦ ( ଆଠ ଲକ୍ଷ ଅଷଠି ହଜାର ସାତ ଶହ ଦଶ ) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୨୦ ଟି ମାମଲାର ଫଇସଲା ହୋଇ ସମୁଦାୟ ଟ.୧୦,୫୨,୧୪୬ ( ଦଶ ଲକ୍ଷ ବାବନ ହଜାର ଶହେ ଛୟାଳିସ ) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି । ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତ କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଶ୍ରୀ ଏସ.ଏ.କେ ଜାହିରା ଅହମଦ, ପରିବାର ଅଦାଲତ ର ବିଚାରପତି ଶ୍ରୀ ସଞ୍ଜିତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଶ୍ରୀମତି ଅଲ୍ପନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ଅପର୍ଣା ମହାପାତ୍ର, ମହିଳା କୋର୍ଟ ର ବିଚାରପତି ଶ୍ରୀମତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ସୋମ୍ୟରୂପ ସାହୁ, ବରିଷ୍ଟ ଦେୱାନି ବିଚାରପତି ଶ୍ରୀ ଆଶିସ ପଟ୍ଟନାଏକ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ଗ୍ରାମ ନ୍ୟାୟଧିକାରୀ, କୋଲନରା ଜ୍ୟୋତିରମୟୀ ଷଡଙ୍ଗୀ, ରାୟଗଡା ବାର ଆସୋସିଏସନର ଆଇନଜୀବି ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତ ଟିକୁ ସଫଳ କରିଥିବାରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାର ଜନସାଧାରଣ ତଥା ଆଇନଜୀବି ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ମେଳା




**ନୟାଗଡ଼,୧୪।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପଦର୍ଶନୀ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନ ସଭାରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଓଡ଼ଗାଁ ବିଇଓ ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶରତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦିପ୍ତିମୟୀ ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ୮ଟି ବ୍ଲକର ଶିକ୍ଷାଧିକାରୀ ଉପସ୍ଥିତ ରହିଥିଲେ। ଦଶପଲ୍ଲା ବିଧାୟକ ବଞ୍ଚିବାର ସାହାରା ଦେଉଛି ବିଜ୍ଞାନ । ପ୍ରତି କ୍ଷେତ୍ରରେ ବିଜ୍ଞାନ ଆମକୁ ସହଯୋଗ କରି ଆସୁଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଆମେ ବ୍ୟବହାର କରି ଆସୁଛେ । ଏମାଟି ହେଉଛି ଜୋର୍ତିବିଦଙ୍କ ମାଟି ବୋଲି କହିଥିଲେ । ଏହା ସହିତ ବିଜ୍ଞାନ ଆମକୁ ନୂଆ ପରିଚୟ ଦେଇଛି ବୋଲି କହିଥିଲେ। ନୟାଗଡ଼ ବିଧାୟକ ଡ. ସାହୁ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ସହ ପ୍ରତ୍ୟେକ ବିଷୟ ହେଉଛି ବିଜ୍ଞାନ ବୋଲି କହିଥିଲେ । ଏହା ସହିତ ମଣିଷ ଅସୁସ୍ଥ ମାନସିକତା ନେଇ କାମ କରୁଛି। ଏକ ସ୍ୱଚ୍ଛ ବିଜ୍ଞାନ ତିଆରି କରିବାର ଆବଶ୍ୟକ ରହିଛି ।

## କମ୍ରେଡ ଜଗତରାମ ପଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ନର୍ଲା,୧୪।୧୨(ସଂଚାର ବ୍ୟୁରୋ):** ନର୍ଲା ତଥା କଳାହାଣ୍ଡିର ଜଣେ ବିପ୍ଲବୀ କମ୍ୟୁନିଷ୍ଟ ନେତା ସ୍ୱର୍ଗତ କମ୍ରେଡ ଜଗତରାମ ପଧାନଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଘଣ୍ଟମାଳ ଗ୍ରାମ ପଞ୍ଚାୟତ ସମ୍ମୁଖସ୍ଥ ତାଙ୍କର ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ସ୍ୱର୍ଗତ ନେତା ଶ୍ରୀ ପଧାନଙ୍କର ସୁପୁତ୍ର ସିପିଆଇ (ଏମ୍‌ଏଲ୍) ଜାଗ୍ରତ ସମିତିର କଳାହାଣ୍ଡି ଜିଲ୍ଲା ସାଧାରଣ ସମ୍ପାଦକ କେଶବ ପଧାନ, ସିପିଆଇ (ଏମ୍‌ଏଲ୍) ଜାଗ୍ରତ ସମିତିର କଳାହାଣ୍ଡି ଜିଲ୍ଲା ସହ ସମ୍ପାଦକ ଦୟାସାଗର ନାଏକ, ସମିତିର ବରିଷ୍ଠ ସଦସ୍ୟ ପଦ୍ମନ ଦୋରା, ଫକିର ଦୋରା, ଖାଡିରାମ ଧରୁଆ, ଚନ୍ଦ୍ର ହରିଜନ, ଗୋବିନ୍ଦ ପାତ୍ର, ବିପିନ ନାଏକ, କ୍ଷୀରସିନ୍ଧୁ ପୁଟେଲ, ସେନାପତି ରଣା ପ୍ରମୁଖ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିବାପରେ ଉପସ୍ଥିତ ସମସ୍ତ ଜନସାଧାରଣ ଓ କର୍ମୀ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ଦିବଙ୍ଗତ ନେତା ଶ୍ରୀ ପଧାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅତିଥିବୃନ୍ଦ ତାଙ୍କର ସ୍ମୃତିଚରଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ କମ୍ରେଡ ଜଗତରାମ ପଧାନ ୨୫ ସେପ୍ଟେମ୍ବର ୧୯୩୯ରେ ନର୍ଲା ବ୍ଲକ ଅନ୍ତର୍ଗତ ଘଣ୍ଟମାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସମାଜର ଅବହେଳିତ ଓ ନିଷ୍ପେସିତ ଜନତାଙ୍କ ହକ୍ ଓ ଅଧିକାର ପାଇଁ ସେ ଲଢେଇ କରି ଆସୁଥିଲେ।

## ୨୪ରେ ରାସ୍ତାକୁ ଓହ୍ଲାଇବେ କଳାକାର



**ବ୍ରହ୍ମପୁର,୧୪।୧୨(ସଂଚାର ବ୍ୟୁରୋ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ' ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପସଭାପତି ଶଙ୍କର୍ଷଣ ସାବତ ମଂଚାସୀନ ଥିବା ବେଳେ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ (ରୋଶନ୍) ସ୍ୱାଗତ ଭାଷଣ କ୍ରମରେ ସମାଜ ସଂସ୍କାରକ ଭଳି ଏକ ମହାର୍ହ ବୃତ୍ତିକୁ କଳାକାର ସମାଜ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ସରକାରୀ କଳ ଦ୍ୱାରା କିପରି ଉପେକ୍ଷା କରାଯାଉଛି ତାହାର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସର୍ବଶ୍ରୀ ଦେବେନ୍ଦ୍ର ପ୍ରସାଦ ଶର୍ମା, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଟି. ତାରିଣୀ ରାଓ, ସୁରେନ୍ଦ୍ର ପ୍ରଧାନ, ହରିଶ ଚନ୍ଦ୍ର ବରଡ଼, ଗୁରୁ ପ୍ରସାଦ ଦୀକ୍ଷିତ, ପାଣ୍ଡବ ପ୍ରଧାନ, ବଳଦେବ ସାହୁ, ଅଭିରାମ ରାଉଳ, ମୃତ୍ୟୁଞ୍ଜୟ ତ୍ରିପାଠୀ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଆଲୋଚନା କରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାକୁ ସଂସ୍କୃତି ବିଭାଗ କଳାକାର ଭତ୍ତାରେ ରୂପାନ୍ତରିତ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ କଳାକାର ଭତ୍ତା ବୃଦ୍ଧି ସମେତ କେତେକ କଳା ଓ କଳାକାର ହିତୈଷୀ ଦାବି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ନେଇ ସ୍ଥିର କରାଯାଇଥିଲା। ଚଳିତ ଡିସେମ୍ବର ୨୪ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ କଳାକାରଙ୍କ ପ୍ରତିବାଦ ଶୋଭାଯାତ୍ରା ଆର. ଡ଼ି. ସି. ଅଫିସ ଅଭିମୁଖେ ଗିରି ରୋଡ଼ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରୁ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ଅଧିନାୟକତ୍ୱରେ ବାହାରିବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର କଳାକାର ତଥା ସାଂସ୍କୃତିକ ଦଳମାନ ସାମିଲ ହେବେ। ଏହି ଅବସରରେ ସଂଘର ଦିନ ପଞ୍ଜିକା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ କୁନୁ ବେହେରା, ସୁଦାମ ପଟ୍ଟନାୟକ, ବଳରାମ ପ୍ରଧାନ, ଜି. କାମରାଜୁ ପାତ୍ର, କିଶୋର ମହାରଣା, ସୁବାସ ସାହୁ , ଚିତ୍ତ ରଞ୍ଜନ ଦଳାଇ, ଛବିରାଣୀ ମହାନ୍ତି, ଅନୁରାଧା ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ପ୍ରଦୀପ କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଉଳ ବୋଝେଇ ଟ୍ରକ ଚାପାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ବେତନଟୀ,୧୪।୧୨(ସଂଚାର ବ୍ୟୁରୋ):** ଆଜି ବୈଶିଙ୍ଗା ଥାନା ଅଧିନସ୍ଥ ବିଷ୍ଣୁପୁର ଗ୍ରାମର ଗୋପବନ୍ଧୁ ପରିଡ଼ା ୬୨ ବର୍ଷ ବୟସ ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କର ଅପରାହ୍ନ ସମୟରେ ନିକଟସ୍ଥ ଧାନମିଲରୁ ଚାଉଳ ବୋଝେଇ ଟ୍ରକ OR09Q7319 ର ଧକ୍କାରେ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାଯାଇଛି। ବୈଶିଙ୍ଗା ଥାନା ପୋଲିସ ପକ୍ଷରୁ ଟ୍ରକକୁ ଜବତ କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି। ଏହି ଦୁର୍ଘଟଣା ପରେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଡ୍ରାଇଭରକୁ ସ୍ଥାନୀୟ ଲୋକେ ମାଡ ମାରିଥିବା ମଧ୍ୟ ଜଣାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଟିର ମାଲିକ ନୟନ ଦାସ ବୋଲି ଜଣା ଯାଇଥିବା ଏବଂ ଡ୍ରାଇଭର ବେପରୁଆ ଗାଡ଼ି ଚାଳନା ପାଇଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ତେବେ ଯେଉଁ ରାସ୍ତାରେ ଦୁର୍ଘଟଣା ଘଟିଛି - ତାହା ପ୍ରଧାନମନ୍ତ୍ରୀ ସଡ଼କ ହୋଇଥିବାବେଳେ ରାସ୍ତା ନିର୍ମାଣ ବେଳେ ଗାଇଡଲାଇନକୁ ନମାନି ଗାଇଡଲାଇନ ମୁତାବକ ରାସ୍ତା ନିର୍ମାଣ କରିନଥିବା ଯୋଗୁଁ ଅଧିକ ଯାନବାହାନ ଚଳାଚଳରେ ବର୍ଷ ଯାକ ଲୋକେ ଅସୁବିଧା ଓ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆସୁଥିବା ଦେଖାଯାଇଥାଏ। ଏଭଳି ବେତନଟୀ ଆରଡି ଉପଖଣ୍ଡ ଅଧିନରେ ଅଧିକ ତୃଟି ଠିକାଦାର ଓ ଡିପାର୍ଟମେଣ୍ଟର ସଲାସୁତରାରେ ରାସ୍ତା ନିର୍ମାଣ କରାଯାଇଥାଏ ବୋଲି ଅଭିଯୋଗ କରାଯାଇଛି।

## ନାବାଳିକାଙ୍କୁ ପ୍ରେମ, ଅପହରଣ କରି ଗିରଫ ହେଲେ

**ବଲାଙ୍ଗିର,୧୪।୧୨(ସଂଚାର ବ୍ୟୁରୋ):** ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ପୁଲିସ ଜଣେ ରେଳ କର୍ମଚାରୀଙ୍କୁ ଗିରଫ କରିଛି। ତାଙ୍କ ନାଁ ଘନଶ୍ୟାମ ଭୋଇ। ସେ କେସିଙ୍ଗା ରେଳ ଷ୍ଟେସନରେ ଗ୍ୟାଙ୍ଗମ୍ୟାନ ଭାବେ କାର୍ଯ୍ୟ କରନ୍ତି। ସୂଚନା ଅନୁଯାୟୀ, ଗିରଫ ଘନଶ୍ୟାମ ମୁରିବାହାଲ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ କରନ୍ତି। ସେ ନାବାଳିକା ଜଣଙ୍କ ଏକ କଲେଜରେ ପଢୁଛନ୍ତି। ଗତ ୯ ତାରିଖରେ ଘନଶ୍ୟାମ ସେହି ନାବାଳିକାଙ୍କୁ ଅପହରଣ କରି ନେଇଥିଲେ ବୋଲି ମୁରିବାହାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ନାବାଳିକାଙ୍କୁ କେସିଙ୍ଗା ରେଳ ବିଭାଗର ଏକ ଘରୁ ଉଦ୍ଧାର କରିଥିଲା। ଗିରଫ ଘନଶ୍ୟାମ ଭୋଇଙ୍କ ଘର ଲୋଇସିଂହା ମୁରଶୁଣ୍ଡ ଗାଁରେ। ତାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ସହିତ ଘଟଣାର ଅଧିକ ତଦନ୍ତ କରୁଛି।



## ୫ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ତଦନ୍ତ ଦାବି




**କଳାହାଣ୍ଡି,୧୪।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଭୁର୍ତିଗଡ ସରକାରୀ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଗତ ବିଜେଡ଼ି ସରକାର ଶାସନ ସମୟ ରେ ୨୦୨୩ /୨୪ ମସିହା ରେ ଉକ୍ତ ସ୍କୁଲ ର ରୂପାନ୍ତିକରଣ ପାଇଁ ୫ଟି ଯୋଜନା ରେ ପାଖା ପାଖି ସତୁରି ଲକ୍ଷ୍ୟ ଟଙ୍କା ର ବିଭିନ୍ନ କାର୍ଯ୍ୟ ତତ କାଳୀନ ବିଡ଼ିଓ ଏବଂ ଲାଞ୍ଜିଗଡ ବ୍ଲକର ଜଣେ ବିଜେଡ଼ି ନେତ୍ରୀ ଙ୍କ ସ୍ୱାମୀ ନିଜେ ଠିକାଦାର ସାଜି କାର୍ଯ୍ୟ ଟିକୁ ଅତି ରୁ ଅତି ନିମ୍ନ ମାନର କରି ପାଖା ପାଖି ୩୫ ଲକ୍ଷ୍ୟ ଟଙ୍କାର ଘୋଟାଲା କରାଯାଇ ଥିବାର ଅଭିଯୋଗ ହୋଇଛି ତିନିରୁ ଚାରି ହଜାର ମାର୍କେଟ ଭେଲୁ ଥିବା ଚିୟାର ଟେବୁଲ କୁ ୧୨ ରୁ ୧୫ ହଜାର ଟଙ୍କା ର ଅତ୍ୟଧିକ ଚଢ଼ା ଦରରେ ବିଲ କରାଯାଇ ଥିବା ବେଳେ ଅନେକ କାର୍ଯ୍ୟ ନ କରି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ର ମିଥ୍ୟା ବିଲ ଉକ୍ତ ସ୍କୁଲ ର ପ୍ରଧାନ ଶିକ୍ଷକ ଙ୍କୁ ଧମକ ଚମକ ଦେଇ ଦସ୍ତଖତ କରାଇ ଥିବା ସେହି ନାରୀ ନେତ୍ରୀ ଙ୍କ ସ୍ୱାମୀ ଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଛି। ତତ ସଂଗେ ସଂଗେ ଉକ୍ତ ସ୍କୁଲ ରେ ଶ୍ରମିକ ମାନଙ୍କ ନାମରେ ଦଶଲକ୍ଷ୍ୟ ରୁ ଉର୍ଦ୍ଧ ଟଙ୍କା ର ମିଥ୍ୟା ବିଲ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି ଏହି ସ୍କୁଲ କାର୍ଯ୍ୟ ମହା ଘୋଟାଲା ରେ ତତ କାଳୀନ ବିଡ଼ିଓ ଏବଂ ସମ୍ପୃକ୍ତ ଠିକାଦାର ଓ ସ୍କୁଲ କୁ ବିଭିନ୍ନ ସାମଗ୍ରୀ ଯୋଗାଇ ଥିବା ଜଣେ ଅସାଧୁ ବ୍ୟବସାୟୀ ଓ ବ୍ଲକ ଶିକ୍ଷ୍ୟା ଅଧିକାରୀ ଙ୍କ ମିଳି ଭଗତ ରେ ସମସ୍ତ ଦୁର୍ନୀତି ହୋଇଥିବା କୁହା ଯାଉଛି ଏଭଳି କି ସ୍କୁଲ ଏମ ଭି ବିଲ ବୁକ ମଧ୍ୟ ଓ୍ୱେ ଆଇନ ଭାବରେ ଠିକାଦାର ନିଜେ ତାଙ୍କ ନିଜ ହାତ ଲେଖା ଥିବା ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ମିଥ୍ୟା ବିଲ କରି ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।

## ବସ୍-ପିକ୍ଅପ୍ ମୁହାଁମୁହିଁ ଧକ୍କା

**କନ୍ଧମାଳ,୧୪।୧୨(ସଂଚାର ବ୍ୟୁରୋ):** ସଦର ଥାନା ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ ଓ ପିକ୍ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବସ୍‌ର ଡ୍ରାଇଭର, ହେଲପର ଓ ପିକ୍ଅପ୍ ଭ୍ୟାନର ଡ୍ରାଇଭରଙ୍କ ସହିତ କିଛି ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪ ଜଣ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ତା'ପରେ ସେମାନେ ସେମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାତ୍ର କରିଥିଲେ। ବସ୍‌ଟି ଦାରିଙ୍ଗବାଡ଼ିରୁ ଫୁଲବାଣୀ ଅଭିମୁଖେ ଆସୁଥିବା ବେଳେ ପିକଅପ ଭ୍ୟାନଟି ବାଲିଗୁଡ଼ା ଅଭିମୁଖେ ଯାଉଥିଲା। ଉଭୟ ଗାଡ଼ି ସଦର ଥାନା ଶାଳବଣ ନିକଟ ବୁଲାଣି ରାସ୍ତାରେ ମୁହାଁମୁହିଁ ହୋଇ ଧକ୍କା ହୋଇଥିଲେ। ଦୁର୍ଘଟଣାରେ ଉଭୟ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗିଯାଇଛି। ସଦର ଥାନା ପୁଲିସ ଉଭୟ ଗାଡ଼ିକୁ ଜବତ କରିଛି। ଏ ଦୁର୍ଘଟଣା କେମିତି ଘଟିଲା, ତାହା ସ୍ପଷ୍ଟ ହୋଇନି। କାହାର ଭୁଲ ଯୋଗୁ ଦୁର୍ଘଟଣା ଘଟିଲା, ସେ ନେଇ ତଦନ୍ତ କରୁଛି ପୁଲିସ।



## ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗର ନିଦ ଭାଙ୍ଗୁନି

# ଶୀତଳ ଭଣ୍ଡାରରେ ସଡ଼କ ସୁରକ୍ଷା ଆଇନ




**ସୁବର୍ଣ୍ଣପୁର,୧୪।୧୨(ସଂଚାର ବ୍ୟୁରୋ):** ସଡକ ସୁରକ୍ଷା ନିମନ୍ତେ ସରକାର ବାରମ୍ବାର ନୀତି ପ୍ରଣୟନ କରୁଛନ୍ତି । ନୁଆଁ ନୁଆଁ ନୀତିରେ ପୁଳା ପୁଳା ଯୋଜନା ପ୍ରସ୍ତୁତ ହେଉଛି । କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ହେଉ କିମ୍ବା ରାଜ୍ୟରେ କେଉଁଠି ମଧ୍ୟ ଦୁର୍ଘଟଣା କମୁଥିବା ଜଣା ପଡୁନାହିଁ । ବରଂ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଯଦିଓ ଜଲ୍ଲାର ଦୁର୍ଘଟଣା ଚଳିତ ମାସରେ ବହୁ ମୂଲ୍ୟବାନ ଜୀବନ ନେଇଛି ତେବେ ସେଥିପ୍ରତି ନା ପରିବହନ ବିଭାଗର ଚିନ୍ତା ବଢୁଛି କି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଏଥିପ୍ରତି ନିଘା ଅଛି । ସୁବର୍ଣ୍ଣପୁର ଜିଲ୍ଲାରେ ସଡକ ଦୁର୍ଘଟଣା ବୃଦ୍ଧିର ମୂଳ କାରଣ ଜିଲ୍ଲା ପ୍ରଶାସନକୁ ଅଛପା ନଥିବା ବେଳେ ପରିବହନ ବିଭାଗ ଓ ସରକାରଙ୍କୁ ଏହା ଅଛପା ନାହିଁ । ତେବେ ସବୁ ଜାଣି ଶୁଣି ସଡକ ଦୁର୍ଘଟଣାକୁ ରୋକ ଲଗାଇ ବାରେ କାହାର ଆନ୍ତରିକତା ନଥିବା ଭଳି ମନେ ହେଉଛି । ଦିନକୁ ଦିନ ସୁବର୍ଣ୍ଣପୁର ଜିଲ୍ଲାରେ ଦୁର୍ଘଟଣା ବଢ଼ିବାରେ ଲାଗିଥିବା ବେଳେ ଦୁର୍ଘଟଣା ଜନିତ ମୃତ୍ୟୁ ବୃଦ୍ଧି ପାଉଛି । ଦିନ ରାତି ସବୁ ସମୟରେ ଜାତୀୟ ରାଜପଥ ହେଉ କିମ୍ବା ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତା ଗୁଡିକ ଉପରେ ଗାଈ ଗୋରୁ , ବୁଲା କୁକୁର ମାନେ ନିଜର ଆଶ୍ରୟ ସ୍ଥଳୀ ଭାବରେ ବ୍ୟବହାର କରୁଥିବା ବେଳେ ରାସ୍ତା ଗୁଡିକ ଖାଲ ଢିପରେ ଭରପୁର ହୋଇ ରହିଛି । ଏହା ସହିତ ଅନେକ ସ୍ଥାନରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବରେ ପଡି ରହିଥିବା ସାଙ୍ଗକୁ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଜିଲ୍ଲାରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ନୈରାଶ୍ୟ ଜନକ ହୋଇଛି । ଏହା ବ୍ୟତୀତ ଶୀତ ଦିନରେ ସକାଳୁ କୁହୁଡି ରାସ୍ତାକୁ ଅବରୋଧ କରୁଥିବା ବେଳେ ଲୋକେ ସଠିକ ଭାବରେ ରାସ୍ତାରେ ଆଶ୍ରୟ ନେଉଥିବା ଗାଈଙ୍କୁ ନଦେଖିପାରିବା ଏବଂ ହଠାତ ଭାବରେ କୁକୁର ମାନେ ରାସ୍ତା ଉପରେ ଚାଲି ଆସିବା ଫଳରେ ଗାଡି ଚାଳକ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଯାହା ଫଳରେ ବହୁ ମୂଲ୍ୟବାନ ଧନ ଜୀବନ ଅନାହାରରେ ଚାଲି ଯାଉଛି । ଅନ୍ୟପଟେ ଜିଲ୍ଲାରେ ଅମାନିଆ ଗାଡି ଚାଲାଣକୁ ପରିବହନ ବିଭାଗର ଅଣଦେଖା ହେଉଥିବା ବେଳେ ନାବାଳକ ଗାଡି ଚାଲାକ ବୃଦ୍ଧି ପାଉଛି । ଯାହାକୁ ପରିବହନ ବିଭାଗ ଓ ପୁଲିସ ବିଭାଗର ନିଷ୍କ୍ରିୟତା କିମ୍ବା ଆନ୍ତରିକତା ଅଭାବରୁ ସଡକ ଦୁର୍ଘଟଣା ବଢ଼ିବାରେ ଲାଗୁଛି। ସଡକ ସପ୍ତାହ ପ୍ରଶାସନ ପାଳନ କରିବା ସହିତ ସଚେତନତା କାର୍ଯ୍ୟ କରି ଏହା ବାବଦକୁ ପୁଳାପୁଳା ଅର୍ଥ ଖର୍ଚ୍ଚ କରି ନିଜର ଦାଇତ୍ୱ ସାରି ଦେଉଥିବା ବେଳେ ସଡ଼କ ସୁରକ୍ଷା ନିୟମକୁ କଡାକଡି ନକରି ବିଭାଗୀୟ ଅଧିକାରୀ ମାନେ ଶୀତତାପ ନିୟନ୍ତ୍ରଣ କୋଠରୀରେ ବସି ରହି ସଡକ ସୁରକ୍ଷା ନୀତିକୁ ଆପଣେଇଥିବାରୁ ସୁବର୍ଣ୍ଣପୁର ଜିଲ୍ଲାର ସଡକ ଦୁର୍ଘଟଣାର ପରିମାଣ ବଢ଼ିବାରେ ଲାଗିଛି । ସଡକ ସୁରକ୍ଷା ନୀତି ପ୍ରଣୟନ କରିବା ସହିତ ଏହି ନିୟମକୁ କଡାକଡି ଭାବରେ ପରିବହନ ବିଭାଗ ଯାଞ୍ଚ କରିବା ଏବଂ ଉଚିତ ଫାଇନ ଆଦାୟ କରିଲେ ଏଥିରେ ରୋକ ଲାଗିପାରିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ବିଷୟ ହେଉଛି ।